CMYK

- Vol.- 46, Issue No. 214
- Thursday, 5 November 2026
- ଗୁରୁବାର,୫ ନଭେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

### କୋଟିଆରେ ଉତ୍ତେଜନା ତୀବ୍ର

# ଆନ୍ଧ୍ର ଚେକପୋଷ୍ଟ ଓଡ଼ିଶା କବ୍‌ଜାରେ


- ବ୍ୟାରିକେଡଗୁଡ଼ିକୁ ହଟାଇଲେ ବହୁ ମହିଳା
- ବିଏନ୍‌ଏସ୍‌ଏସ୍ ଧାରା ୧୬୩ ନିଷେଧାଜ୍ଞା ଜାରି
- ଆନ୍ଧ୍ରର କୌଣସି ମତଦାନ କେନ୍ଦ୍ରକୁ ଅନୁମତି ଦିଆଯାଇନାହିଁ

ଜୟପୁର,୪।୧୧: ଓଡ଼ିଶା ସୀମାନ୍ତ କୋରାପୁଟ ଜିଲାର କୋଟିଆ ଓ ଆନ୍ଧ୍ରପ୍ରଦେଶ ସୀମାରେ ଥିବା କୋଟିଆ ଅଞ୍ଚଳରେ ବୁଧବାର ଉତ୍ତେଜନା ବୃଦ୍ଧି ପାଇଛି। କୋରାପୁଟ ଜିଲା ପୋଲିସ ବିବାଦୀୟ କୋଟିଆ ପଞ୍ଚାୟତର ଉପରସେମ୍ଭି ଗ୍ରାମରେ ଅବସ୍ଥିତ ଆନ୍ଧ୍ରପ୍ରଦେଶ ପୋଲିସର ଏକ ଚେକପୋଷ୍ଟକୁ ନିଜ ଅଧୀନକୁ ନେଇଛି। ଡିଏସପି ଟି.ପି.ଏସ୍. ମଣ୍ଡଳ ଏହା ସ୍ପଷ୍ଟ କରିଛନ୍ତି ଯେ, ଓଡ଼ିଶା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ମାତ୍ରେ ଆନ୍ଧ୍ରପ୍ରଦେଶ ପୋଲିସ କର୍ମଚାରୀମାନେ ଚେକପୋଷ୍ଟ ଛାଡ଼ି ଚାଲିଯାଇଥିଲେ। ନଭେମ୍ବର ୫ ତାରିଖରେ ବିବାଦୀୟ କୋଟିଆ ଅଞ୍ଚଳରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ସ୍ଥାନୀୟ ନିର୍ବାଚନ କରାଇବା ଉଦ୍ୟମକୁ ବିରୋଧ କରି କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଲୋକ କୋଟିଆରେ ଏକତ୍ର ହୋଇଥିଲେ। ଏହି ବିରୋଧ ପ୍ରଦର୍ଶନ ପରେ ଚେକପୋଷ୍ଟ ହସ୍ତାନ୍ତର ଘଟଣା ଘଟିଛି। ବିକ୍ଷୋଭକାରୀଙ୍କ ମଧ୍ୟରେ ବହୁ ସଂଖ୍ୟକ ମହିଳା ସାମିଲ ଥିଲେ। ସେମାନେ ଆନ୍ଧ୍ରପ୍ରଦେଶ ପୋଲିସ ପକ୍ଷରୁ ଲଗାଯାଇଥିବା ବ୍ୟାରିକେଡଗୁଡ଼ିକୁ ହଟାଇ ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ବ୍ୟାରିକେଡଗୁଡ଼ିକ ମାଧ୍ୟମରେ




ଆନ୍ଧ୍ରପ୍ରଦେଶ ପଡ଼ୋଶୀ ରାଜ୍ୟର ଗ୍ରାମଗୁଡ଼ିକ ଉପରେ ନିଜର ନିୟନ୍ତ୍ରଣ ଜାହିର କରିବାକୁ ଉଦ୍ୟମ କରୁଥିଲା। ଏହି ଘଟଣା ପୁଣିଥରେ କୋଟିଆକୁ ନେଇ ଦୀର୍ଘଦିନ ଧରି ଚାଲିଥିବା ସୀମା ବିବାଦକୁ ସାମ୍ନାକୁ ଆଣିଛି।ସ୍ଥାନୀୟ ବାସିନ୍ଦାମାନେ କୋଟିଆ ଅଞ୍ଚଳରେ ଆନ୍ଧ୍ରପ୍ରଦେଶର ନିର୍ବାଚନ ଆୟୋଜନ ଏବଂ ପ୍ରଶାସନିକ କାର୍ଯ୍ୟକଳାପ ବିସ୍ତାର ଉଦ୍ୟମକୁ ଲଗାତାର ବିରୋଧ କରିଆସୁଛନ୍ତି। ଓଡ଼ିଶା ସରକାରଙ୍କ ପୂର୍ବ ହସ୍ତକ୍ଷେପ ସତ୍ତ୍ୱେ ଏହି ଅଞ୍ଚଳରେ ମଝିରେ ମଝିରେ ଉଭୟ ରାଜ୍ୟ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବ୍ରାନ ମହାଜନ କହିଛନ୍ତି ଯେ, ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସତର୍କ ରହିଛି। ପରିସ୍ଥିତି ଉପରେ ନଜର ରଖିବା ଏବଂ କୌଣସି ପ୍ରକାର ଅଶାନ୍ତିକୁ ରୋକିବା ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ଅଞ୍ଚଳରେ ମୁତୟନ କରାଯାଇଛି। ଜିଲ୍ଲାପାଳ କହିଛନ୍ତି, "କୋଟିଆ ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହାର ସୁରକ୍ଷା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି। ବିଏନ୍‌ଏସ୍‌ଏସ୍ ଧାରା ୧୬୩ ଅନୁଯାୟୀ ନିଷେଧାଜ୍ଞା ଜାରି ରହିଛି ଏବଂ ଆମ ଅଞ୍ଚଳରେ ଆନ୍ଧ୍ରପ୍ରଦେଶର କୌଣସି ମତଦାନ କେନ୍ଦ୍ରକୁ ଅନୁମତି ଦିଆଯାଇନାହିଁ।" ଅନ୍ୟପକ୍ଷରେ, କୋରାପୁଟ ଏସପି ରୋହିତ ବର୍ମା ସୂଚନା ଦେଇଛନ୍ତି ଯେ, ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ୧୬ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ବରିଷ୍ଠ ଅଧିକାରୀମାନଙ୍କୁ ମୁତୟନ କରାଯାଇଛି। ନଭେମ୍ବର ୫ ତାରିଖରେ ଆନ୍ଧ୍ରପ୍ରଦେଶର ନିର୍ବାଚନ । ତେଣୁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। କୌଣସି ପ୍ରକାର ଉତ୍ତେଜନା କିମ୍ବା ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ନିରନ୍ତର ଭାବେ ପରିସ୍ଥିତି ଉପରେ ନଜର ରଖାଯାଇଛି।

## ପ୍ରତିଶ୍ରୁତି ଅନୁଯାୟୀ ପଦକ୍ଷେପ ନିଅନ୍ତୁ ମୁଖ୍ୟମନ୍ତ୍ରୀ: ନବୀନ



ଭୁବନେଶ୍ୱର,୪।୧୧: କୋଟିଆ ପ୍ରସଙ୍ଗରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ପତ୍ର ଲେଖିଛନ୍ତି। ଶ୍ରୀ ପଟ୍ଟନାୟକ ତାଙ୍କ ପତ୍ରରେ କହିଛନ୍ତି ଯେ, ଓଡ଼ିଶାବାସୀଙ୍କ ତୀବ୍ର ବିରୋଧ ସତ୍ତ୍ୱେ ଆନ୍ଧ୍ରପ୍ରଦେଶ ଆସନ୍ତାକାଲି କୋଟିଆରେ ନିର୍ବାଚନ କରାଇବାକୁ ଅଗ୍ରସର ହେଉଥିବା ନିଶ୍ଚିତ ଭାବରେ ଚିନ୍ତାର ବିଷୟ। କୋଟିଆ ସମ୍ପର୍କରେ ସେ ଅକ୍ଟୋବର ୧୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିର ଉତ୍ତର ଅକ୍ଟୋବର ୨୭ ତାରିଖରେ ପାଇଥିଲେ । ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ କୋଟିଆରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଅଧିକାରୀ ମାନଙ୍କ ମଧ୍ୟରେ ବଢୁଥିବା ଉତ୍ତେଜନା ଓ ମୁହାଁମୁହିଁ ଅବସ୍ଥା ତୃଣମୂଳ ସ୍ତରରେ ସ୍ଥିତିକୁ ଅଧିକ ଜଟିଳ କରିଦେଉଛି ।ବର୍ତ୍ତମାନର ଉତ୍ତେଜନାପୂର୍ଣ୍ଣ ପରିବେଶ ଏବଂ ଆସନ୍ନ ନିର୍ବାଚନ ସ୍ଥିତିକୁ ଦୃଷ୍ଟିରେ ରଖି, ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ଏବଂ ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ସର୍ବୋଚ୍ଚସ୍ତରରେ ମୁଖ୍ୟମନ୍ତ୍ରୀ ଆଲୋଚନା ଆରମ୍ଭ କରିବାକୁ ଶ୍ରୀ ପଟ୍ଟନାୟକ ପ୍ରସ୍ତାବ ଦେଇଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଉଭୟ ରାଜ୍ୟ ଏନଡିଏର ଅଂଶୀଦାର ଦଳମାନଙ୍କ ଦ୍ୱାରା ଶାସିତ ହେଉଛି। ବିଜେପି ନେତୃତ୍ୱରେ ଓଡ଼ିଶାର ଭୌଗୋଳିକ ଅଖଣ୍ଡତାର ସୁରକ୍ଷା ପାଇଁ ୨୦୨୪ ନିର୍ବାଚନ ଇସ୍ତାହାରରେ ବିଜେପି ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ମୁଖ୍ୟମନ୍ତ୍ରୀ ତୁରନ୍ତ ଏହି ପଦକ୍ଷେପ ନେବା ଜରୁରୀ ହୋଇ ପଡ଼ିଛି।

## 'ଅର୍ଣ୍ଣବ': ଗଞ୍ଜାମ ପାଇଁ ୧୦୭ କୋଟି

- କୋରାପୁଟ ଜିଲ୍ଲା ପାଇଁ ୨୬ ଲକ୍ଷ ୨୭ ହଜାର ୫୦୦ ଟଙ୍କା ମଞ୍ଜୁର
- ଗଞ୍ଜାମର ୪,୨୯,୭୮୨ ଓ କୋରାପୁଟର ୧,୦୫୧ ପରିବାର ପାଇବେ ସହାୟତା



ଭୁବନେଶ୍ୱର, ୪।୧୧: ରାଜ୍ୟ ସରକାର ବୁଧବାର ଗଞ୍ଜାମ ଓ କୋରାପୁଟ ଜିଲ୍ଲା ପାଇଁ ପ୍ରାୟ ୧୦୭ କୋଟି ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ପ୍ୟାକେଜ୍ ଅନୁଯାୟୀ ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ପରିବାରମାନଙ୍କୁ ନଗଦ ଅନୁଗ୍ରହ ସହାୟତା ପ୍ରଦାନ ନିମନ୍ତେ ଏହି ଟଙ୍କା ଦିଆଯାଇଛି। ଏଥିମଧ୍ୟରୁ ଗଞ୍ଜାମ ଜିଲ୍ଲା ପାଇଁ ୧୦୭ କୋଟି ୪୪ ଲକ୍ଷ ୫୫ ହଜାର ଟଙ୍କା ଏବଂ କୋରାପୁଟ ଜିଲ୍ଲା ପାଇଁ ୨୬ ଲକ୍ଷ ୨୭ ହଜାର ୫୦୦ ଟଙ୍କା ମଞ୍ଜୁର କରାଯାଇଛି।ଗଞ୍ଜାମ ଜିଲ୍ଲାର ବାତ୍ୟା 'ଅର୍ଣ୍ଣବ' ପ୍ରଭାବିତ ୪ ଲକ୍ଷ ୨୯ ହଜାର ୭୮୨ଟି ପରିବାରକୁ ପରିବାର ପିଛା ୨,୫୦୦ ଟଙ୍କା ହାରରେ ନଗଦ ଅନୁଗ୍ରହ ରାଶି ପ୍ରଦାନ କରାଯିବ। ସେହିପରି କୋରାପୁଟ ଜିଲ୍ଲାର ୧,୦୫୧ଟି ପ୍ରଭାବିତ ପରିବାରକୁ ମଧ ପରିବାର ପିଛା ୨,୫୦୦ ଟଙ୍କା ହାରରେ ଏହି ସହାୟତା ଯୋଗାଇ ଦିଆଯିବ। ଏହି ଅର୍ଥରାଶି ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଦିଆଯାଇଛି। ନିର୍ଦ୍ଧାରିତ ନିୟମ ଓ ମାର୍ଗଦର୍ଶିକା ଅନୁଯାୟୀ ଯୋଗ୍ୟ ପ୍ରଭାବିତ ପରିବାରଙ୍କୁ ତ୍ୱରିତ୍ ଅନୁଗ୍ରହ ସହାୟତା ପ୍ରଦାନ କରିବାକୁ ଏହି ଅର୍ଥ ବିନିଯୋଗ କରାଯିବ।

## ନାସାର ଟେଲିସ୍କୋପ ଭାରତରେ ଖସି ପଡ଼ିପାରେ



ନୂଆଦିଲ୍ଲୀ,୪।୧୧: ଭାରତରେ ଖସି ପଡ଼ିପାରେ ୧.୫ ଟନ୍ ଓଜନର ନାସାର ଟେଲିସ୍କୋପ, ଏପରି ଆଶଙ୍କା ପ୍ରକାଶ ପାଇଛି । 'ନିଲ୍ ଗେହରେଲ୍ସ ସ୍ୱିଫ୍ଟ ଅବଜରଭେଟୋରୀ' ପୃଥିବୀର ବାୟୁମଣ୍ଡଳକୁ ଫେରିବାକୁ ଯାଉଛି । ୨୦୦୪ ମସିହାରେ ମହାକାଶକୁ ପଠାଯାଇଥିବା ଏହି ଟେଲିସ୍କୋପ ପ୍ରାୟ ୨୨ ବର୍ଷ ଧରି ମହାକାଶରେ କାର୍ଯ୍ୟ କରିଛି। ବୁଧବାର ଏହା ପୃଥିବୀ ବାୟୁମଣ୍ଡଳରେ ପ୍ରବେଶ କରିଛି । ଏହାର ଅବଶେଷ ଭାରତର କିଛି ଅଞ୍ଚଳରେ ପଡ଼ିବାର ସମ୍ଭାବନା ଥିବାରୁ ଓଡ଼ିଶା ସମେତ କେତେକ ଅଞ୍ଚଳ ମଧ ସମ୍ଭାବ୍ୟ କ୍ଷେତ୍ର ମଧ୍ୟରେ ରହିଛି । ତେବେ ଏହା କେଉଁ ସ୍ଥାନରେ ଖସିବ, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ । ବୈଜ୍ଞାନିକଙ୍କ ଆକଳନ ଅନୁସାରେ, ଟେଲିସ୍କୋପର ଅଧିକାଂଶ ଅଂଶ ବାୟୁମଣ୍ଡଳରେ ଜଳିଯିବ । କିଛି ଅଂଶ ପୃଥିବୀ ପୃଷ୍ଠରେ ପହଞ୍ଚିପାରେ । ଅଧିକାଂଶ ଅବଶେଷ ସମୁଦ୍ରରେ ପଡ଼ିବାର ସମ୍ଭାବନା ରହିଛି ।

### ବେସରକାରୀ ଅନୁଦାନପ୍ରାପ୍ତ ଅଧକ୍ଷଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଭେଟି

## ସ୍ଥାନ, ପୋଷ୍ଟିଂ ମୁତାବକ ପ୍ରୋତ୍ସାହନ ରାଶି

- ★ ୫ ହଜାରରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ
- ★ ୬୪୧ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ହେବେ ଉପକୃତ
- ★ ସରକାର ବର୍ଷକୁ ଏ ବାବଦେ ବ୍ୟୟ କରିବେ ପ୍ରାୟ ୬ କୋଟି

ଭୁବନେଶ୍ୱର,୪।୧୧(ନିପ୍ର) ରାଜ୍ୟର ବିଭିନ୍ନ ବେସରକାରୀ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟର ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଅଧକ୍ଷମାନଙ୍କ ପାଇଁ ଖୁସି ଖବର। ସେମାନେ ଏଣିକି ସ୍ଥାନ ଓ ପୋଷ୍ଟିଂ ଅନୁଯାୟୀ ପାଇବେ ମାସିକ ପ୍ରୋତ୍ସାହନ ରାଶି । ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଅନୁମୋଦନ କରିଛନ୍ତି । ଏହାଦ୍ୱାରା ଏହି ବର୍ଗର ବିଭିନ୍ନ କଲେଜର ଅଧ୍ୟାପକମାନେ ଦୂର ଦୂରାନ୍ତରରେ ଥିବା କଲେଜ ଗୁଡ଼ିକରେ ଅଧକ୍ଷ ଦାୟିତ୍ୱ ନେବା ପାଇଁ ଆଗ୍ରହ ପ୍ରକାଶ କରିବେ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ଶିକ୍ଷାଦାନ ପ୍ରକ୍ରିୟା ସୁଚାରୁ ରୂପେ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ୪୮୮ ଓ ୬୬୨ ବର୍ଗର ବେସରକାରୀ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷମାନେ ପାଇବେ ମାସିକ ପ୍ରୋତ୍ସାହନ ରାଶି । ଏହାଦ୍ୱାରା ଏହି ବର୍ଗର ପ୍ରାୟ ୬୪୧ଟି ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷମାନେ ଉପକୃତ ହେବେ। ନିଷ୍ପତ୍ତି ଅନୁଯାୟୀ ଯେଉଁ ଅଧକ୍ଷମାନେ ନିଜ ଜିଲ୍ଲାରେ କିମ୍ବା ଉନ୍ନତ ସହରାଞ୍ଚଳରେ ପୋଷ୍ଟିଂ ପାଇଥିବେ, ସେମାନଙ୍କୁ ମାସକୁ ୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ। ନିଜ ଜିଲ୍ଲାର ବାହାରେ ପୋଷ୍ଟିଂ ଥିଲେ ମାସକୁ ମିଳିବ ୭ ହଜାର ଟଙ୍କା । ନିଜ ଜିଲ୍ଲା କିମ୍ବା ଘର ଠାରୁ ୩୦୦ କିଲୋମିଟର ଦୂରରେ ପୋଷ୍ଟିଂ ଥିଲେ ୯ ହଜାର ଟଙ୍କା ମିଳିବ । ଯଦି ଭୌଗୋଳିକ ଭାବେ ଦୂର ଓ ଦୁର୍ଗମ ଅଞ୍ଚଳରେ ପୋଷ୍ଟିଂ ହୋଇଥିବେ, ତେବେ ଏଥିପାଇଁ ସମ୍ପୃକ୍ତ ଭାରପ୍ରାପ୍ତ ଅଧକ୍ଷଙ୍କୁ ମାସକୁ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ। ଏହି ନିଷ୍ପତ୍ତି ଏକ କମିଟି ଦ୍ୱାରା ନିର୍ଦ୍ଧାରଣ କରାଯିବ । ଏହାଦ୍ୱାରା ରାଜ୍ୟ ସରକାର ବର୍ଷକୁ ପ୍ରାୟ ୬ କୋଟି ଟଙ୍କା ଖର୍ଚ୍ଚ କରିବେ। ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବା ପର ଠାରୁ ଏହା ଲାଗୁ ହେବ।

## ଗଂଜାମ ଆଛୁଲି, ହାଣ୍ଡିଘରଠାରେ କେନ୍ଦ୍ରୀୟ ଟିମ୍

ଗଞ୍ଜାମ,୪।୧୧: ଗଞ୍ଜାମ ଜିଲ୍ଲାର ଅର୍ଣ୍ଣବ ବାତ୍ୟା ଓ ବନ୍ୟାରେ କ୍ଷତିଗ୍ରସ୍ତ ଅଞ୍ଚଳ ଗୁଡ଼ିକକୁ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ ପାଇଁ କେନ୍ଦ୍ର ଗୃହ ମନ୍ତ୍ରାଳୟରର ଯୁଗ୍ମ ସଚିବ ରବିଶଙ୍କରଙ୍କ ନେତୃତ୍ୱରେ ଏକ ଆଠ ଜଣିଆ ଟିମ୍ ଗଞ୍ଜାମ ଜିଲ୍ଲା ଗସ୍ତ କରି ପୁରୁଷୋତ୍ତମପୁରର ଆଛୁଲି, ହାଣ୍ଡିଘର ଯାଇ ଲୋକମାନଙ୍କ କ୍ଷୟକ୍ଷତି ଆକଳନ କରିବା ସହ ଜନସାଧାରଣଙ୍କ ଠାରୁ ଦୁଃଖ କାହାଣୀ ଶୁଣିଥିଲେ। ସେମାନେ ହିରାଧର ବାଟି ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଏତଦବ୍ୟତିତ ଜିଲ୍ଲାର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ, ରିଲିଫ ବଣ୍ଟନ ଓ ରାସ୍ତା ଘାଟର ଅନୁଧ୍ୟାନ କରିଛନ୍ତି। ଏହି ଦଳ ଏଠାରୁ ଫେରି କେନ୍ଦ୍ର ସରକାରଙ୍କୁ ସବିଶେଷ ବିବରଣୀ ପ୍ରଦାନ କରିବେ।



ଜିଲ୍ଲାର କ୍ଷୟକ୍ଷତି ସମ୍ପର୍କରେ ଗଞ୍ଜାମ ଜିଲ୍ଲାପାଳ ଭି କିର୍ତ୍ତିଭାସନ, ଓ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ବିଜୟ ଅମୃତକୁଲାଙ୍ଗେ ସମେତ ବିଭିନ୍ନ ପଦସ୍ଥ ବରିଷ୍ଠ ଅଧିକାରୀ ଙ୍କସହ ଆଲୋଚନା କରିଛନ୍ତି। ଲୋକଙ୍କ ଜୀବନର ସୁରକ୍ଷା ହିଁ ସରକାରଙ୍କ ପ୍ରଥମ ପ୍ରାଥମିକତା। କେବଳ ବିପର୍ଯ୍ୟୟ ପରେ ସହାୟତା ଦେବା ନୁହେଁ, ଭବିଷ୍ୟତରେ ଏଭଳି ବିପଦକୁ ରୋକିବା ଓ ବିପଦସଙ୍କୁଳ ଅଞ୍ଚଳର ଲୋକମାନଙ୍କୁ ସୁରକ୍ଷିତ ଜୀବନ ଦେବା ଆମର ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଛନ୍ତି।

### ଶାହଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ସୌଜନ୍ୟମୂଳକ ସାକ୍ଷାତ

## ବିପର୍ଯ୍ୟୟ-ସହନକ୍ଷମ ଭିତ୍ତିଭୂମି ସୁଦୃଢ଼ କରାଯାଉ

ନୂଆଦିଲ୍ଲୀ/ଭୁବନେଶ୍ୱର,୪।୧୧: ବୁଧବାର ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକରେ ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟର ସ୍ଥାୟୀ ମୁକାବିଲା ପାଇଁ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏକ ପ୍ରମୁଖ ବିଷୟ ଥିଲା।ଏହି ଆଲୋଚନାରେ ଓଡ଼ିଶାରେ ବାତ୍ୟା ପରବର୍ତ୍ତୀ ସ୍ଥିତି ଏବଂ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଚାଲିଥିବା ରିଲିଫ୍ ଓ ଥଇଥାନ କାର୍ଯ୍ୟ ଉପରେ ମଧ ଧ୍ୟାନ ଦିଆଯାଇଥିଲା। 'ଏକ୍ସ' ରେ ଏହି ବୈଠକ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ମାଝୀ ଏହାକୁ ଏକ ସୌଜନ୍ୟମୂଳକ ସାକ୍ଷାତ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ତୁରନ୍ତ ସହାୟତା ଏବଂ ନିରନ୍ତର ସହଯୋଗ ପାଇଁ ସେ ଅମିତ ଶାହଙ୍କୁ କୃତଜ୍ଞତା ଜଣାଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟର ଦୀର୍ଘକାଳୀନ ମୁକାବିଲା ସୁନିଶ୍ଚିତ କରିବା ଏବଂ ଭବିଷ୍ୟତର ବିପର୍ଯ୍ୟୟର ସାମ୍ନା କରିବା ପାଇଁ ରାଜ୍ୟର ପ୍ରସ୍ତୁତିକୁ ବୃଦ୍ଧି କରିବା ଲକ୍ଷ୍ୟରେ, ବିପର୍ଯ୍ୟୟ-ସହନକ୍ଷମ ଭିତ୍ତିଭୂମିକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।




## ପାହାଡ଼ ଉପରେ ଓ ତଳେ ଥିବା ଲୋକେ ହେବେ ସ୍ଥାନାନ୍ତର

### ମାଲକାନଗିରିରେ ପ୍ରାକୃତିକ ବିପତ୍ତି ଆଶଙ୍କା

ଭୁବନେଶ୍ୱର,୪।୧୧: ଗଜପତି ଓ କନ୍ଧମାଳ ଭଳି ଜିଲ୍ଲାରେ ଅନେକ ପାହାଡ଼ ଓ ପର୍ବତରୁ ପାଦଦେଶରେ ବସବାସ କରୁଥିବା ଲୋକଙ୍କ ଘର ଉପରେ ପଥର ଓ ମାଟି ଖସି ସିଧାସଳଖ ପଡ଼ିବା ଯୋଗୁଁ ସେମାନଙ୍କ ଜୀବନ ଓ ସମ୍ପତ୍ତି ପ୍ରତି ବଡ଼ ବିପଦ ସୃଷ୍ଟି ହେଉଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ସର୍ଭେ କରିବା ସହ ବିଶେଷଜ୍ଞମାନଙ୍କ ପରାମର୍ଶ ନିଆଯାଇଛି। ଯେଉଁ ଅଞ୍ଚଳରେ ଘରଗୁଡ଼ିକ ପାହାଡ଼ ଧସିବାର ଅଧିକ ବିପଦ ମଧ୍ୟରେ ରହିଛି, ସେଠାକାର ପରିବାରଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ନୂତନ ଭାବରେ ଘର ନିର୍ମାଣ ପାଇଁ ସେମାନେ ଯେଉଁ ସୁରକ୍ଷିତ ସ୍ଥାନ ପସନ୍ଦ କରିବେ, ସେହି ସ୍ଥାନରେ ସରକାର ସେମାନଙ୍କ ପାଇଁ ଘର ନିର୍ମାଣ କରିଦେବେ। ନିର୍ମାଣ ସହାୟତା ବାବଦରେ ୧ ଲକ୍ଷ ୪୦ ହଜାର ଟଙ୍କାର ବ୍ୟବସ୍ଥା ରହିଛି। ଏହି ଅର୍ଥକୁ ଅନ୍ତ୍ୟୋଦୟ ଗୃହ ଯୋଜନା ସହିତ ସମନ୍ୱୟ କରି ପ୍ରଭାବିତ ପରିବାରମାନଙ୍କୁ ଘର ଯୋଗାଇ ଦିଆଯିବ। ସୂଚନାଯୋଗ୍ୟ ଯେ ଲଗାଣ ବର୍ଷାର ପ୍ରଭାବରେ ମାଲକାନଗିରି ଜିଲାର ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଭଳି ପ୍ରାକୃତିକ ବିପତ୍ତିର ଆଶଙ୍କା ଜିଲାର ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗୁଡ଼ା ଗ୍ରାମପଞ୍ଚାୟତ ନିକଟସ୍ଥ ପୁରୀଗୁଡ଼ା ଗ୍ରାମ ସଂଲଗ୍ନ ପାହାଡ଼ରୁ ବଡ଼ ବଡ଼ ପଥର ଖଣ୍ଡ ଓ ମାଟି ଅତଡ଼ା ଖସିପଡ଼ିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

# ଆଗରୁ ଚେତିଥିଲେ ଏପରି ଘଟି ନ ଥାନ୍ତା !

ଭୁବନେଶ୍ୱର,୪।୧୧: ଭୂସ୍ଖଳନରେ ମୃତ୍ୟୁର ତାଣ୍ଡବ ଓଡ଼ିଶା ପାଇଁ ନୂଆ ନୁହେଁ। ଅକ୍ଟୋବର ୨୮ରେ ଆନ୍ଧ୍ର ପ୍ରଦେଶରେ ବାତ୍ୟା ଅର୍ଣ୍ଣବ ଲ୍ୟାଣ୍ଡଫଲ କରିବା ପରେ ଗଂଜାମ ଭଂଜନଗର ବ୍ଲକ ବାଇବାଲି ପଞ୍ଚାୟତର ଗିଡ଼ିପାବାଲି ଭୂସ୍ଖଳନ ଘଟଣାରେ ଜଣଙ୍କ ସନ୍ଧାନ ମିଳିଥିଲା ମାତ୍ର ଏଯାବତ୍ ଅନ୍ୟୂନ ୧୦ ଜଣ ନିଖୋଜ ଥିବା କୁହାଯାଇଛି। ଆଧୁନିକ ପ୍ରଯୁକ୍ତିର ଉପଯୋଗ କରାଯାଇଥିଲେ ବି ଏପର୍ଯ୍ୟନ୍ତ ସେମାନଙ୍କ ଠାବ ମିଳିନାହିଁ। ଦୁଇଜଣଙ୍କ ମୃତଦେହ ମିଳିଥିଲା। କୁହାଯାଉଛି ଯେ ନିଖୋଜଙ୍କ ମୃତଦେହ ପ୍ରାୟ ୯ ଫୁଟର ଧ୍ୱଂସାବଶେଷ ତଳେ ଥାଇପାରେ। ପ୍ରତୀକାତ୍ମକ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଯେଉଁ ଉଦ୍ୟମ ହୋଇଥିଲା ତାହା ବନ୍ଦ ରହିଛି,ଅପରପକ୍ଷେ ଉଦ୍ଧାରକାର୍ଯ୍ୟ ପୁଣି ଆରମ୍ଭ କରାଯାଉଥିବା ବିଭାଗୀୟ ମନ୍ତ୍ରୀ ସୂଚନା ଦେଇଛନ୍ତି। ଚର୍ଚ୍ଚା ବି ହେଉଛି ଭଗ୍ନାବଶେଷର ପ୍ରାୟ ୩୦ ଫୁଟ ତଳେ ହୁଏତ ମୃତକଙ୍କ ସନ୍ଧାନ ମିଳିପାରେ। ପ୍ରଶ୍ନ ଉଠୁଛି ଶତାଧିକ ଉଦ୍ଧାରକାରୀ ଆଧୁନିକ ପ୍ରଯୁକ୍ତିଗତ ସାଧନ ଜରିଆରେ ଉଦ୍ୟମ ଚଳାଇଥିବା ବେଳେ ବୁଝି ହେଉନାହିଁ କାହିଁକି ନିଖୋଜଙ୍କ ସନ୍ଧାନ ଆଉ ମିଳୁନାହିଁ। ନିଖୋଜ ବ୍ୟକ୍ତିମାନଙ୍କୁ ଖୋଜି ବାହାର କରିବାରେ ସହାୟତା ପାଇଁ ତିନୋଟି ସନ୍ଧାନୀ କୁକୁର-ଏନଡିଆରଏଫ୍‌ର 'ରକି' ଓ 'ଭିକି' ଏବଂ ଅଗ୍ନିଶମ ବିଭାଗର 'ସୁଲତାନ'କୁ ନିୟୋଜିତ କରାଯାଇଛି। ଉପକରଣ କ୍ଷେତ୍ରରେ, ରେଳ ବିଭାଗ ପକ୍ଷରୁ ଏକ ଜେନେରେଟର ସେଟ୍, ଦୁଇଟି ଡ୍ରିଲ୍ ମେସିନ୍ ଏବଂ ୧୦୦ଟି ବ୍ଲାଷ୍ଟିଂ ଜେଲାଟିନ୍ ଷ୍ଟିକ୍ ଯୋଗାଇ ଦିଆଯାଇଛି। ଧ୍ୱଂସାବଶେଷ ତଳେ ଜୀବିତ ବ୍ୟକ୍ତିଙ୍କ ଉପସ୍ଥିତି ଚିହ୍ନଟ କରିବା ପାଇଁ ଏନଡିଆରଏଫ୍ ପକ୍ଷରୁ 'ଲାଇଫ୍ ଡିଟେକ୍ଟର' (ଜୀବନ ଚିହ୍ନଟକାରୀ ଯନ୍ତ୍ର) ଏବଂ




ଏକ ରାଡାର୍ ଉପକରଣ ଅଣାଯାଇଛି। ସେହିପରି ଓଡ୍ରାଫ୍ ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ଡ୍ରିଲ୍ ମେସିନ୍ ଓ ଜେନେରେଟର ସେଟ୍ ବ୍ୟବହାର କରାଯାଉଛି। ଉଦ୍ଧାର କାର୍ଯ୍ୟକୁ ଅଧିକ ବ୍ୟାପକ ଏବଂ ଫଳପ୍ରଦ କରିବା ପାଇଁ ସ୍ଥାନୀୟ ଶ୍ରମିକମାନେ ମଧ ଉଦ୍ଧାରକାରୀ ଦଳଗୁଡ଼ିକୁ ସହଯୋଗ କରୁଛନ୍ତି। କିଛି ମହଲ ଚର୍ଚ୍ଚା କରୁଛନ୍ତି ହୁଏତ ସରକାରଙ୍କୁ ଏହା ବଦନାମରେ ପକାଇପାରେ , ସେହି କାରଣରୁ ବିଳମ୍ବତା ପ୍ରଦର୍ଶନ କରାଯାଉଛି। ଅବଶ୍ୟ ଭୂସ୍ଖଳନ ଘଟଣା ତତ୍କାଳୀନ ବିଜେଡି ସରକାର ଅମଳରେ ବି ଘଟିଥିଲା। ତାହା ଥିଲା ୨୦୧୮ 'ତିତଲି' ବାତ୍ୟାଜନିତ ସମୟର। ପ୍ରବଳ ବର୍ଷା ଯୋଗୁଁ ଗଜପତିରେ ଭୂସ୍ଖଳନ ଘଟି ଅନ୍ତତଃ ୧୨ ଜଣଙ୍କର ମୃତ୍ୟୁ ଘଟିଥିବା ଚର୍ଚ୍ଚାକୁ ଆସିଥିଲା।ପାହାଡ଼ିଆ ରାୟଗଡ଼ ବ୍ଲକ ଅନ୍ତର୍ଗତ ବାରାଘର ଠାରେ ଏହା ଘଟିଥିଲା। ଯାହା ମନେ ହୁଏ ଗିଡ଼ିପାବାଲି ଗାଁ' ଘଟଣା ପରେ ଭବିଷ୍ୟତରେ ଏଭଳି ଅଘଟଣ ଓ ଧନଜୀବନ ହାନି ରୋକିବା ପାଇଁ ଏକ ବଡ଼ ଯୋଜନା ପ୍ରସ୍ତୁତ କଥା ଏବର ସରକାରଙ୍କ ମନକୁ ଆସିଛି। ତିତିଲି ବେଳେ ଭୂସ୍ଖଳନ ଘଟଣା ପରେ ତତ୍କାଳୀନ ବିଜେଡି ସରକାର ଯଦି ସଚେତ ହୋଇଥାଆନ୍ତେ ତେବେ ଏ ବାବଦେ ଏକ ଦୀର୍ଘମିଆଦି ଯୋଜନା ହୁଏତ କରିଥାଆନ୍ତେ । ମାତ୍ର ତାହା ଚୁଲିକୁ ଯାଇଛି ବୋଲି ସମାଲୋଚକ ମହଲ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି । ଗିଡ଼ିପାବାଲି ଘଟଣା ପରେ ବିପଦସଙ୍କୁଳ ପାହାଡ଼ ଉପରେ ଏବଂ ପାହାଡ଼ ତଳେ ବସବାସ କରୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ବିଷୟ ଏବର ସରକାରଙ୍କ ମନକୁ ଆସିଛି। ଖୋଦ୍ ରାଜସ୍ୱ ମନ୍ତ୍ରୀ କହିଛନ୍ତି, କନ୍ଧମାଳ ଓ ଗଜପତି ଜିଲ୍ଲାରେ ଅନେକ ଭୂସ୍ଖଳନ ସମ୍ଭାବନା ଥିବା ସ୍ଥାନ ରହିଛି। ଏହି ସବୁ ବିପଦସଙ୍କୁଳ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଚିହ୍ନଟ କରି ସୁରକ୍ଷିତ ସ୍ଥାନକୁ ନିଆଯିବ। ଏଥିପାଇଁ କେତେ ଲୋକ ପାହାଡ଼ ଉପରେ ଓ ତଳେ ବସବାସ କରୁଛନ୍ତି, ତାହାର ସର୍ଭେ ଆରମ୍ଭ ହୋଇଛି। ସ୍ଥାନାନ୍ତରିତ ହେବାକୁ ଥିବା ପରିବାରଗୁଡ଼ିକ ପାଇଁ ଅନ୍ୟ ସୁରକ୍ଷିତ ସ୍ଥାନରେ ନୂଆ ବସ୍ତି ନିର୍ମାଣ କରାଯିବ। କିନ୍ତୁ ପ୍ରଶ୍ନ ଉଠୁଛି କେବଳ କନ୍ଧମାଳ କି ଗଜପତି ନୁହେଁ ଅନ୍ୟାନ୍ୟ ଜିଲ୍ଲାର ପାହାଡିଆ ଅଞ୍ଚଳରେ ମଧ୍ୟ ବିପଦାପନ୍ନ ଭାବରେ ଲୋକେ ବାସ କରୁଛନ୍ତି। କେଉଁ ପରିସ୍ଥିତିରେ ସେମାନେ ଏପରି ଅଞ୍ଚଳରେ ଘର ତିଆରି କରି ମୁଣ୍ଡ ଗୁଂଜୁଛନ୍ତି ସେନେଇ କୌଣସି ପଦାଧିକାରୀଙ୍କୁ ଦାୟୀ କରା ନଯିବା ବିଡମ୍ବନା ବୋଲି କହିବାକୁ ହେବ। ଯେଉଁ ଗରିବମାନେ ଭୂସ୍ଖଳନପ୍ରବଣ ଅଞ୍ଚଳରେ ଘର କରି ରହୁଛନ୍ତି ସମସ୍ତଙ୍କ ସର୍ଭେ ହେଉ, ସେମାନଙ୍କୁ ଘର ଯୋଗାଇଦିଆଯାଉ ସର୍ବୋପରି ଏପରି ଅଞ୍ଚଳରେ ଯେପରି ଘର କେହି ନ କରିବେ ସେଥିଲାଗି ପ୍ରଶାସନକୁ ଉତ୍ତରଦାୟୀ କରାଯାଉ। ବହୁ ତଥ୍ୟାଭିଜ୍ଞ ଏପରି ମର୍ମରେ ମନ୍ତବ୍ୟ ରଖିଛନ୍ତି।

CMYK

**ଶକ୍ତି ପୂଜା**

# ଘରେ କାଳୀଙ୍କ ମୂର୍ତ୍ତି ରଖିବା ଉଚିତ କି ?





ଦେବୀ ଭାଗବତ ଏବଂ କାଳିକା ପୁରାଣ ଭଳି ଗ୍ରନ୍ଥଗୁଡ଼ିକ ଦେବୀ କାଳୀଙ୍କୁ ଏକ ଶକ୍ତିଶାଳୀ ଏବଂ ଭୟଙ୍କର ରୂପ ଥିବା ଦେବୀ ଭାବରେ ବର୍ଣ୍ଣନା କରନ୍ତି। ଏହି ଗ୍ରନ୍ଥଗୁଡ଼ିକ ତାଙ୍କର ରୂପ, ପୂଜା ଏବଂ ଶକ୍ତିର ବିସ୍ତୃତ ବର୍ଣ୍ଣନା ପ୍ରଦାନ କରନ୍ତି। ତଥାପି, ଶାସ୍ତ୍ରଗୁଡ଼ିକ ଘରେ ମୂର୍ତ୍ତି ରଖିବା ଉଚିତ କି ନାହିଁ ସେ ବିଷୟରେ ସ୍ପଷ୍ଟ ନିର୍ଦ୍ଦେଶାବଳୀ ପ୍ରଦାନ କରନ୍ତି ନାହିଁ। ଅଧିକାଂଶ ବର୍ଣ୍ଣନା ତାଙ୍କର ଶକ୍ତି ରୂପ, ତାଙ୍କର ବିନାଶକାରୀ ଏବଂ ସୁରକ୍ଷା ଗୁଣଗୁଡ଼ିକ ଉପରେ କେନ୍ଦ୍ରିତ।

## ତାନ୍ତ୍ରିକ ଏବଂ ଶକ୍ତି ପରମ୍ପରା:

ତନ୍ତ୍ର ଏବଂ ଶକ୍ତି ପୂଜା ଗ୍ରନ୍ଥଗୁଡ଼ିକ କହେ ଯେ ଦେବୀ କାଳୀଙ୍କ କିଛି ଭୟଙ୍କର ରୂପଗୁଡ଼ିକୁ ନିର୍ଦ୍ଦିଷ୍ଟ ରୀତିନୀତି ବ୍ୟବହାର କରି ଏବଂ ଜଣେ ତାଲିମପ୍ରାପ୍ତ ପୁରୋହିତ/ଗୁରୁଙ୍କ ତତ୍ତ୍ୱାବଧାନରେ ପୂଜା କରାଯିବା ଉଚିତ। ଏହି ଗ୍ରନ୍ଥଗୁଡ଼ିକ ଘରେ କେବଳ ଏପରି ରୂପଗୁଡ଼ିକୁ ରଖିବା କିମ୍ବା ପୂଜା କରିବା ବିଷୟରେ ମାର୍ଗଦର୍ଶନ ପ୍ରଦାନ କରେ ନାହିଁ। ତେଣୁ, ଯଦି ଏକ ମୂର୍ତ୍ତି ସ୍ଥାପନ କରାଯାଏ, ତେବେ ପୂଜାର ବିଧି, ସମୟ ଏବଂ ପଦ୍ଧତି ପାଳନ କରିବା ଅତ୍ୟନ୍ତ ଜରୁରୀ।

## ବାସ୍ତୁ ଶାସ୍ତ୍ର ଦୃଷ୍ଟିକୋଣ:

ବାସ୍ତୁ ଶାସ୍ତ୍ରରେ କୁହାଯାଇଛି ଯେ ପ୍ରାର୍ଥନା ଘରେ ଦେବତାଙ୍କ ମୂର୍ତ୍ତି ଶାନ୍ତି ଏବଂ ସକାରାତ୍ମକ ଶକ୍ତି ଆଣିଥାଏ। କିଛି ବିଶେଷଜ୍ଞଙ୍କ ମତରେ, ଘରେ ଉପଯୁକ୍ତ ଦିଗ ଏବଂ ରୀତି ବିନା ଦେବୀ କାଳୀଙ୍କ ଉଗ୍ର ରୂପ ଭଳି ଭୟଙ୍କର କିମ୍ବା ଭୟଙ୍କର ରୂପ ଥିବା ମୂର୍ତ୍ତି ରଖିବା ଶକ୍ତି ସନ୍ତୁଳନକୁ ବାଧା ଦେଇପାରେ। ବାସ୍ତୁ ଅନୁସାରେ, ପୂର୍ବ କିମ୍ବା ଉତ୍ତର-ପୂର୍ବ ଦିଗରେ ମୂର୍ତ୍ତି ରଖିବା ଶୁଭ ବୋଲି ବିବେଚନା କରାଯାଏ। ମୂର୍ତ୍ତିକୁ ଭୂମି ସ୍ତରଠାରୁ ଉପରେ ଏବଂ ଏକ ସଫା ସ୍ଥାନରେ ରଖିବା ଉଚିତ। ମୂର୍ତ୍ତି ଅତ୍ୟଧିକ ବଡ଼ ହେବା ଉଚିତ ନୁହେଁ; ଛୋଟ ମୂର୍ତ୍ତି ଘର ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଏ। ଏହି ପରାମର୍ଶଗୁଡ଼ିକ ପାରମ୍ପରିକ ବାସ୍ତୁ ଏବଂ ଗୃହ ପୂଜା ପଦ୍ଧତି ଉପରେ ଆଧାରିତ।

***ଶାସ୍ତ୍ରଗୁଡ଼ିକ ନିଜେ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରନ୍ତି ନାହିଁ ଯେ କ'ଣ ରଖିବା ଉଚିତ କିମ୍ବା ଅନୁଚିତ; ବରଂ, ପରମ୍ପରା ଏବଂ ବାସ୍ତୁ ପରାମର୍ଶ ନିର୍ଦ୍ଦେଶ ଦିଏ ଯେ ଉଗ୍ର ରୂପର ମୂର୍ତ୍ତି ସହିତ ସତର୍କତା ଅବଲମ୍ବନ କରାଯିବା ଉଚିତ।***

## ଲୋକ ବିଶ୍ୱାସ ଏବଂ ଧାର୍ମିକ ପ୍ରଥା:

କିଛି ଧାର୍ମିକ ପରମ୍ପରା ବିଶ୍ୱାସ କରେ ଯେ ଯଦି ଦେବୀ କାଳୀଙ୍କ ମୂର୍ତ୍ତିକୁ ନିୟମିତ ଭାବରେ ସମ୍ମାନ ଏବଂ ପୂଜା କରାଯାଏ ନାହିଁ, ତେବେ ଏହା ଘରେ ନକାରାତ୍ମକ ପ୍ରଭାବ ପକାଇପାରେ। ତଥାପି, ଭକ୍ତମାନଙ୍କ ଅଭିଜ୍ଞତା ସୂଚାଇ ଦିଏ ଯେ ଉପଯୁକ୍ତ ପୂଜା ଏବଂ ପରିଷ୍କାର ରକ୍ଷଣାବେକ୍ଷଣ ଘରେ ସକାରାତ୍ମକ ଶକ୍ତି ବଜାୟ ରଖିପାରିବ। ଅନେକ ଧାର୍ମିକ ଗ୍ରନ୍ଥ ମଧ୍ୟ ପରାମର୍ଶ ଦିଏ ଯେ ଦେବୀଙ୍କ ମୂର୍ତ୍ତିଗୁଡ଼ିକୁ ସର୍ବଦା ଏକ ସଫା, ସୁରକ୍ଷିତ ଏବଂ ସମ୍ମାନଜନକ ସ୍ଥାନରେ ରଖିବା ଉଚିତ। ଭଙ୍ଗା କିମ୍ବା କ୍ଷତିଗ୍ରସ୍ତ ମୂର୍ତ୍ତି ରଖିବାରୁ ଦୂରେଇ ରହିବା ଉଚିତ।

## ଶାସ୍ତ୍ର ଏବଂ ପରମ୍ପରାର ସାର:

ଶାସ୍ତ୍ରଗୁଡ଼ିକ ମା' କାଳୀଙ୍କ ମହିମା, ଶକ୍ତି ଏବଂ ସ୍ୱରୂପ ବର୍ଣ୍ଣନା କରନ୍ତି; ମୂର୍ତ୍ତି ସ୍ଥାପନ ପାଇଁ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ନାହିଁ।

***ତନ୍ତ୍ର ଗ୍ରନ୍ଥରେ:*** କିଛି ରୂପ ପାଇଁ ସ୍ୱତନ୍ତ୍ର ପଦ୍ଧତି ଏବଂ ଗୁରୁ ମାର୍ଗଦର୍ଶନ ଆବଶ୍ୟକ। ***ବାସ୍ତୁ ଏବଂ ପୂଜା ପରମ୍ପରା:*** ମୂର୍ତ୍ତିର ସଠିକ୍ ସ୍ଥାନ, ଦିଗ, ଆକାର ଏବଂ ପଦ୍ଧତି ଗୁରୁତ୍ୱପୂର୍ଣ୍ଣ।

***ଲୋକପ୍ରିୟ ବିଶ୍ୱାସ:*** ଘରେ ସକାରାତ୍ମକ ପ୍ରଭାବ କେବଳ ଉପଯୁକ୍ତ ପୂଜା ଏବଂ ସମ୍ମାନଜନକ ରକ୍ଷଣାବେକ୍ଷଣ ଦ୍ୱାରା ହାସଲ କରାଯାଇପାରିବ। ଏହି ବିଷୟ ଉପରେ ଉପଲବ୍ଧ ଶାସ୍ତ୍ରୀୟ, ତାନ୍ତ୍ରିକ ଏବଂ ବାସ୍ତୁ ସମ୍ବନ୍ଧୀୟ ଦଲିଲ ଅନୁଯାୟୀ, ଦେବୀ କାଳୀଙ୍କ ମୂର୍ତ୍ତିକୁ ଘରେ ରଖାଯାଇପାରିବ ଯଦି ଏହାକୁ ଉପଯୁକ୍ତ ସମ୍ମାନର ସହିତ, ସଠିକ ଦିଗରେ ଏବଂ ସଠିକ ଦିଗରେ ରଖାଯାଇଥାଏ। ଶାସ୍ତ୍ରଗୁଡ଼ିକ ନିଜେ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରନ୍ତି ନାହିଁ ଯେ କ'ଣ ରଖିବା ଉଚିତ କିମ୍ବା ଅନୁଚିତ; ବରଂ, ପରମ୍ପରା ଏବଂ ବାସ୍ତୁ ପରାମର୍ଶ ନିର୍ଦ୍ଦେଶ ଦିଏ ଯେ ଉଗ୍ର ରୂପର ମୂର୍ତ୍ତି ସହିତ ସତର୍କତା ଅବଲମ୍ବନ କରାଯିବା ଉଚିତ।



# ମା' ସିଦ୍ଧକାଳୀ

***(ଭକ୍ତଙ୍କ ପାଇଁ ତମ୍ବା ଶିକୁଳିରେ ବନ୍ଧା ପଡ଼ିଛନ୍ତି ମା' !)***



କେନ୍ଦୁଝର ସହର ଉପକଣ୍ଠରେ ସିଦ୍ଧମଠ । ସେଠାରେ ବିରାଜିତା ମା' ସିଦ୍ଧକାଳୀ । ବିଶ୍ୱବିଖ୍ୟାତ ମା' ତାରିଣୀଙ୍କୁ କେନ୍ଦୁଝରର ରାଷ୍ଟ୍ରଦେବୀ ରୂପେ ସମସ୍ତେ ଗ୍ରହଣ କରିଥାନ୍ତି । ହେଲେ ମା' ସିଦ୍ଧକାଳୀ ହେଉଛନ୍ତି ଜିଲ୍ଲାର ସର୍ବପୁରାତନ ଦେବୀ । ମା' ସିଦ୍ଧକାଳୀଙ୍କ ସମ୍ପର୍କିତ ନିର୍ଦ୍ଦିଷ୍ଟ ଐତିହାସିକ ତଥ୍ୟ ଲୋକଲୋଚନକୁ ଆସି ପାରିନାହିଁ । ତେବେ ତତ୍କାଳୀନ ରାଜା ମହାରାଜାଙ୍କ ଦ୍ୱାରା ମା'କେନ୍ଦୁଝରକୁ ଆଗମନ କରିଥିବା ପ୍ରମାଣ ରହିଛି । ଶାନ୍ତ ପରିବେଶ ମଧ୍ୟରେ ଥିବା ସିଦ୍ଧମଠର ପ୍ରତ୍ୟକ୍ଷ ଦେବତା ସିଦ୍ଧ ଜଗନ୍ନାଥ । ଏହାରି ବେଢ଼ା ବାହାରେ ରହିଛି ମା' ସିଦ୍ଧକାଳୀଙ୍କ ମନ୍ଦିର । ପ୍ରାୟ ୮ଶହ ବର୍ଷ ତଳର ଏହି ପ୍ରାଚୀନ ଶକ୍ତିପୀଠ । ମା' ଦଶଭୁଜା, ଦକ୍ଷିଣ ମୁହାଁ ହୋଇ ରହିଛନ୍ତି । ମା'ଙ୍କ ଗଳାରେ ଲମ୍ବିଛି କଙ୍କାଳର ମାଳ । ଅନ୍ୟ ସମସ୍ତ କାଳୀ ପ୍ରତିମାରେ କେବଳ ଜିହ୍ୱା ବାହାରଦେଶକୁ ବାହାରି ଥାଏ, ହେଲେ ଏଠାରେ ଜିହ୍ୱା ବାହାରିବା ସହ ମା' ସିଦ୍ଧକାଳୀ ହାତର ବୃଦ୍ଧା ଆଙ୍ଗୁଠିକୁ କାମୁଡି ଭୟଙ୍କର ମୁଦ୍ରାରେ ବିରାଜମାନ । ମା'ଙ୍କ ହାତରେ ଖଡ୍ଗ, ଖପୁରୀ ଧାରଣ କରିଥିବାବେଳେ ନିତମ୍ବରେ ଏକ ହାତ ଅଙ୍ଗୁଳିର ଚିହ୍ନ ଦୃଶ୍ୟମାନ ହୁଏ । ଏପରିକି ମା'ଙ୍କ ପ୍ରତିମାରେ ପଡ଼ିଛି ତମ୍ବା ଶିକୁଳିର ବେଡି ଯାହାକୁ ନେଇ ଭକ୍ତଙ୍କ ମନରେ ରହିଥାଏ ଭୟ । ସିଦ୍ଧକାଳୀଙ୍କ ପ୍ରସ୍ତର ମୂର୍ତ୍ତି ମାଟି ତଳକୁ କେତେଦୂର ଯାଏଁ ମାଡ଼ି ରହିଛି, ଏପର୍ଯ୍ୟନ୍ତ ଆକଳନ କରାଯାଇପାରି ନାହିଁ । ମନ୍ଦିର ଗର୍ଭ ଗୃହରେ ମା'ଙ୍କ ଶୟନ ନିମନ୍ତେ ଗୋଟିଏ ପଲଙ୍କ ରହିଛି । ପୂର୍ବରୁ ତନ୍ତ୍ର ସାଧକମାନେ ଏଠାରେ ତନ୍ତ୍ର ସାଧନା କରୁଥିଲେ । ମା' ସିଦ୍ଧକାଳୀଙ୍କ ନିକଟରେ ଗୁଆ ବସାଇ ମାନସିକ ରଖିଲେ ମନସ୍କାମନା ପୂରଣ ହୋଇଥାଏ ବୋଲି କେନ୍ଦୁଝରବାସୀଙ୍କର ବିଶ୍ୱାସ । କେନ୍ଦୁଝରର ରାଜାମାନେ ଯୁଦ୍ଧ କରିବାକୁ ଯିବା ପୂର୍ବରୁ କିମ୍ବା ଶାସନ ସମୟରେ ବଳିଷ୍ଠ ନିଷ୍ପତ୍ତି ନେବା ପୂର୍ବରୁ ମା'ଙ୍କୁ ସ୍ମରଣ କରି ନଡ଼ିଆ ଓ ଗୁଆ ବସାଇ ପୂଜା କରୁଥିଲେ । ମା'ଙ୍କ ଶରୀରରେ ବେଡ଼ି ପଡ଼ିବା ପଛରେ ରହିଛି ରୋଚକ ତଥା ଚର୍ଚ୍ଚିତ ଉପାଖ୍ୟାନ । ସିଦ୍ଧକାଳୀ ଅତ୍ୟନ୍ତ ଉଗ୍ରା । ବିଳମ୍ବିତ ରାତିରେ ମା' ମନ୍ଦିରରୁ ବାହାରି ଗାଁ ଗଣ୍ଡାରେ ପରିଭ୍ରମଣ କରୁଥିଲେ । ତାଙ୍କ ସାମ୍ନାସାମ୍ନି ହୋଇଗଲେ ଉଗ୍ରରୂପ ଦେଖି ଲୋକଙ୍କ ପ୍ରାଣବାୟୁ ଉଡିଯାଉଥିଲା । ତେଣୁ ମା'ଙ୍କୁ ପୂଜା କରାଯାଇ ଶାନ୍ତ କରାଯିବା ସହିତ ତମ୍ବା ଶିକୁଳିରେ ବାନ୍ଧି ରଖାଯାଇଥିବା କୁହାଯାଏ । ବର୍ଷସାରା ମା'ଙ୍କ ପୂଜା ନୀତି ଅନୁସାରେ ହୋଇ ଆସୁଥିବାବେଳେ କାଳୀପୂଜାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ । ସିଦ୍ଧକାଳୀ ପୀଠକୁ ଭକ୍ତଙ୍କ ସୁଅ ଛୁଟେ । କାଳିପୂଜାରେ ସ୍ୱତନ୍ତ୍ର ନୀତିକାନ୍ତିରେ ପୂଜା ସହିତ ଚଣ୍ଡିପାଠ ହୁଏ । ମାନସିକଧାରୀ ଭକ୍ତମାନେ ଦୀପ ଦାନ କରି ନିଜର ମାନସିକ ଧାରଣ କରିଥାନ୍ତି ।

# -ଶ୍ରୀ ଓଁକାରେଶ୍ୱର-

ନର୍ମଦା ନଦୀ ମଧ୍ୟରେ ଓଁ ଆକୃତିର ଗୋଟିଏ ଟାପୁରେ ଭଗବାନ ଶ୍ରୀ ଓଁକାରେଶ୍ୱର ସ୍ୱୟମ୍ଭୁ ଜ୍ୟୋତିର୍ଲିଙ୍ଗ ଭାବେ ବିରାଜିତ। ମଧ୍ୟପ୍ରଦେଶ ଖଣ୍ଡୱା ସ୍ଥିତ ଏହି ଟାପୁ ବା ଦ୍ୱୀପର ନାମ ମାନ୍ଧାତା ବା ଶିବପୁରୀ ଦ୍ୱୀପ । ଏହାର ବିପରୀତ ପାର୍ଶ୍ୱରେ ଶ୍ରୀ ମମଲେଶ୍ୱର ଶିବ ଲିଙ୍ଗ ମଧ୍ୟ ପୂଜା ପାଉଛନ୍ତି । ପୌରାଣିକ ବିଶ୍ୱାସ ଅନୁସାରେ ଇକ୍ଷାକୁ ବଂଶୀୟ ରାମଚନ୍ଦ୍ରଙ୍କ ପୂର୍ବବଂଶୀୟ ରାଜା ମାନ୍ଧାତା ଓଁକାରେଶ୍ୱର ଓ ମମଲେଶ୍ୱରଙ୍କୁ ସ୍ଥାପନା କରି ନିଜ ଦୁଇ ପୁଅ ଅମ୍ବରୀଶ ଏବଂ ମୁଚୁକୁନ୍ଦଙ୍କୁ ପୂଜା ଦାୟିତ୍ୱ ଅର୍ପଣ କରିଥିଲେ । ଦେବାସୁର ସଂଗ୍ରାମ ସମୟରେ ଓଙ୍କାରେଶ୍ୱର ସାକ୍ଷାତ ପ୍ରକଟ ହୋଇ ଦେବତାମାନଙ୍କୁ ରକ୍ଷା କରିଥିଲେ । ଆଦି ଶଙ୍କର ୮ ବର୍ଷ ବୟସରେ ସଦ୍‌ଗୁରୁ ସନ୍ଧାନରେ ଆସି ଏଠାରେ ଗୁରୁ ଗୋବିନ୍ଦ ପାଦଙ୍କ ଦର୍ଶନ ଲାଭ କରିଥିଲେ। ତେଣୁ ଏଠାରେ ଏକ ଗୁମ୍ଫାରେ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କର ଏକ ମୂର୍ତ୍ତି ସ୍ଥାପନ କରାଯାଇଛି ।



# ଧନତେରସ୍



ଧନତେରସ୍ ହେଉଛି ଧନ, ସମୃଦ୍ଧି ଓ ସୁଖ-ଶାନ୍ତିର ପ୍ରତୀକ । ହିନ୍ଦୁ ଧର୍ମରେ ଏହି ଦିନ ସୁନା, ରୁପା ଓ ବିଭିନ୍ନ ଧାତୁର ସାମଗ୍ରୀ କିଣିବାର ବିଶେଷ ମହତ୍ତ୍ୱ ରହିଛି । ଧାର୍ମିକ ମାନ୍ୟତା ଅନୁସାରେ, ଧନତେରସ୍‌ରେ କିଛି ନିର୍ଦ୍ଦିଷ୍ଟ ଜିନିଷ କିଣିଲେ ଘରକୁ ସୁଖ, ଓ ସକାରାତ୍ମକ ଉର୍ଜା ଆସିଥାଏ । ତେବେ ଏହି ଦିନ କେଉଁ ଜିନିଷ କିଣିବା ଶୁଭ ଏବଂ କେଉଁ ସମୃଦ୍ଧି ଅଶୁଭ ବୋଲି ବିଚାର କରାଯାଏ, ଆସନ୍ତୁ ଜାଣିବା ।

➲ ଧନତେରସ୍‌ରେ ମାତା ଲକ୍ଷ୍ମୀ ଏବଂ ଶ୍ରୀଗଣେଶଙ୍କ ଚିହ୍ନ ଥିବା ସୁନା କିମ୍ବା ରୁପାର ମୁଦ୍ରା କିଣିବା ସବୁଠୁ ଶୁଭ । ସୁନା, ରୂପାର ଆଭୂଷଣ ମଧ୍ୟ କିଣିପାରିବେ ।

➲ ଧନତେରସ୍ ଦିନ ତମ୍ବା, ପିତ୍ତଳ ଅବା କଂସାର ବାସନକୁସନ କିଣିବା ଶୁଭଦାୟକ । ତେବେ ଘରକୁ ଏହି ନୂଆ ପାତ୍ର ଖାଲି ନଆଣି ଏଥିରେ ଚାଉଳ କମ୍ବା ମିଠାଇ ଅବା ପଇସା ପକାଇ ଆଣିବା ଭଲ ।

➲ ଧନତେରସ୍‌ରେ କିଛି ନହୋଇପାରିଲେ ବି ଝାଡୁଟିଏ କିଣି ଘରକୁ ଆଣନ୍ତୁ । ଝାଡୁକୁ ମାତା ଲକ୍ଷ୍ମୀଙ୍କର ପ୍ରତୀକ ବୋଲି ବିଚାର କରାଯାଏ । ଝାଡୁ କିଣି ଘରକୁ ଆଣିଲେ ଘରୁ ଦାରିଦ୍ର୍ୟ ତଥା ନକରାତ୍ମକ ଉର୍ଜା ଦୂର ହୋଇଥାଏ ।



➲ ଧନତେରସ୍ ଦିନ ଗୋଟା ଧନିଆ କିଣାଯାଏ । ଗୋଟା ଧନିଆ ସହିତ ଘରକୁ ସୁଖ, ସମୃଦ୍ଧି ଆସିଥାଏ ।

➲ ହଳଦୀ ଗଣ୍ଠି କିଣିବା ବି ଶୁଭଦାୟକ ଅଟେ । ଏହା ବ୍ୟତୀତ ଗୋମତି ଚକ୍ର, ପିତ୍ତଳ ଦୀପ ଧନତେରସ୍ ଦିନ କିଣିବା ଭଲ ।

## ନଃସ୍ୱାର୍ଥ ତପସ୍ୟା

ଜଣେ ଋଷି ତପସ୍ୟାରତ ଥିଲେ । ବର୍ଷ ପରେ ବର୍ଷ ବିତିଯିବା ପରେ ମଧ୍ୟ ତପସ୍ୱୀ ଜଣକ ନିରବିଚ୍ଛିନ୍ନ ଭାବେ ତପ କରିଚାଲିଥିଲେ । ତପସ୍ୟାର ପୁଣ୍ୟରୁ ଧୀରେ ଧୀରେ ତାଙ୍କ ଶରୀର ପରିଷ୍କୃତ ହେଲା, ଚିତ୍ତ ଶୁଦ୍ଧ ହେବାରେ ଲାଗିଲା । ସେହି ଋଷିଙ୍କ ଅନ୍ତଃକରଣରେ ସତ୍ତ୍ୱଗୁଣ ବିରାଜମାନ କରିବା ସହ ଏହାର ପ୍ରଭାବ ବୃଦ୍ଧି ପାଇଲା । ଧୀରେ ଧୀରେ ଋଷିଙ୍କ ତପଶକ୍ତିର ପ୍ରଭାବ ସ୍ୱର୍ଗଲୋକରେ ପହଞ୍ଚିଲା । ଦେବରାଜ ଇନ୍ଦ୍ର ଚିନ୍ତିତ ହୋଇପଡ଼ିଲେ । ସେ ନିଜ ଅଧିକାର କ୍ଷେତ୍ର ହରାଇବା ଭୟରେ ଶଙ୍କାଗ୍ରସ୍ତ ହୋଇପଡ଼ିଲେ । ସେହି ଋଷିଙ୍କ ସମ୍ମୁଖରେ ପ୍ରକଟ ହୋଇ ଦେବରାଜ ତାଙ୍କୁ ନିବେଦନ କଲେ 'ହେ ଋଷିବର ଆପଣଙ୍କ ତପସ୍ୟାର ତୀବ୍ରତା ଅଳ୍ପ ହ୍ରାସ କରନ୍ତୁ । ଆପଣଙ୍କ ପୁଣ୍ୟବଳ ବଢ଼ିଗଲେ ମୋ ପଦବୀ ଆପଣଙ୍କ ନିକଟକୁ ଚାଲିଯାଇପାରେ । ଋଷି ଜଣକ ସ୍ମିତ ହସି କହିଲେ 'ଦେବରାଜ ! ମୋ ତପସ୍ୟାର ଉଦ୍ଦେଶ୍ୟ ବ୍ୟକ୍ତିତ୍ୱକୁ ସ୍ୱଚ୍ଛ କରିବା ଏବଂ ପରମାତ୍ମାଙ୍କର ଆହୁରି ନିକଟତର ହେବା । କୌଣସି ପଦବୀ ଆଶାରେ ମୁଁ ଏହି ତପସ୍ୟା କରୁନାହିଁ ।



# ଅନ୍ଧାରରେ ରାସ୍ତା ଦେଖେଇ ଥାଏ ଆଶା

ପ୍ରତ୍ୟେକ ସକାଳେ ଧୀରେ-ଧୀରେ ଯେତେବେଳେ ଆଖି ଖୋଲିଥାଏ ଆଉ ଲାଗିଥାଏ ଯେମିତି ଜୀବନ ପୁଣି ଥରେ ଗୋଟିଏ ନୂଆ ଆରମ୍ଭର ଆମନ୍ତ୍ରଣ ଦେଉଛି । ରାତିର ଅନ୍ଧାରର ଉପରେ ଯେତେବେଳେ ପ୍ରଥମ କିରଣ ଝରକାରୁ ଦେଖିଥାଉ ଆଉ ହୃଦୟରେ ଗୋଟିଏ ଅଲଗା ଆଶା ଜାଗ୍ରତ ହୋଇ ଉଠେ । ବୋଧେ ଆଜି କିଛି ଅଲଗା ହେବ, ବୋଧେ ଆଜି ସେହି ଦେଖା-ସାକ୍ଷାତର ଅନ୍ତ ହେବ ଯାହାକୁ ମୁଁ ବହୁତ ଦିନରୁ ଅପେକ୍ଷା କରିଥିଲି । ବୋଧେ ଆଜି ସେହି କାମ ସଫଳ ହେଇଯିବ ଯାହା ଏପର୍ଯ୍ୟନ୍ତ ଅଧୁରା ଥିଲା । ଏହା ତ ଜୀବନର ପ୍ରକୃତ ତୋରଣ.."ଆଶା" । ଆଶା ସେହି ଡୋରି ଅଟେ ଯାହା ଭାଙ୍ଗି ଯାଇଥିବା ହୃଦୟକୁ ପୁଣିଥରେ ଯୋଡି ପାରେ । ଯେତେବେଳେ ଜୀବନରେ ନିରାଶାର ବାଦଲ ଛାଇଯାଏ, ତା'ପରେ ଆଶା ହିଁ ସେହି ଛୋଟ ଚିଙ୍ଗାରୀ ହୋଇଥାଏ ଯିଏ ଅନ୍ଧାରରେ ରାସ୍ତା ଦେଖେଇ ଥାଏ । ପିଲାଦିନେ ଯେତେବେଳେ ବର୍ଷା ପରେ ଇନ୍ଦ୍ରଧନୁ ଦେଖାଯାଏ,ଆଉ ଲାଗିଥାଏ କି ଆକାଶ ଖୁସି ଅଛି ଆଉ କିଛି ବିଶେଷ ହେବାକୁ ଯାଉଛି । ଆଜି ମଧ୍ୟ ସେହି ଇନ୍ଦ୍ରଧନୁ ଦେଖାଯାଏ,ବାସ୍ ! ଏବେ ତାହା ବାହାରକୁ ନୁହେଁ,ହୃଦୟ ଭିତରେ ହୋଇଥାଏ । ପ୍ରତ୍ୟେକ ମନୁଷ୍ୟର ଜୀବନରେ କିଛି



ଏମିତି କ୍ଷଣ ଆସିଥାଏ ଯେତେବେଳେ ଲାଗିଥାଏ କି ସବୁ ଶେଷ ହୋଇଯାଇଛି । ଚାକିରି ମିଳୁନାହିଁ,ସମ୍ପର୍କ ଭାଙ୍ଗି ଯାଉଛି,ସ୍ୱାସ୍ଥ୍ୟ ଖରାପ ହେଇ ଚାଲିଛି କିମ୍ବା ଜୀଇଁବାର ଇଚ୍ଛା ଧୀରେ-ଧୀରେ କମ୍ ହେଇ ଯାଉଛି । ଏମିତି ସମୟରେ ଆଶା ସେହି ଏକମାତ୍ର ଜିନିଷ ହୋଇଥାଏ,ଯାହା କହିଥାଏ ଯେ,'ଏବେ ନୁହେଁ.ଏବେ ତ ବାସ୍ ଆରମ୍ଭ ହେଇଛି' । ଏହି ଆଶା ଛୁଆକୁ ଆଗକୁ ଯିବାକୁ ପ୍ରେରିତ କରିଥାଏ,ଏହି ଆଶା ବୟସ୍କଙ୍କୁ ପ୍ରତ୍ୟେକ ଦିନ ସକାଳେ ଯୋଗ କରିବା ପାଇଁ ଉଠେଇ ଥାଏ । ଆଶା ବିନା ଜୀବନ ଯେମିତି ବିନା ଯୋଗରେ ମାଳା । ବିନା ଆଶାରେ ମନୁଷ୍ୟ ବାସ୍ ! ଘଟଣାରେ ଶିକାର ହୋଇଯାଏ । କିନ୍ତୁ ଆଶା ତାକୁ ପୁଣି ଥରେ କର୍ତ୍ତା ବନେଇ ଦିଏ । ସେ ପୁଣି ଥରେ ଚିନ୍ତା କରେ,ପୁଣି ଥରେ ଚେଷ୍ଟା କରେ,ପୁଣି ଥରେ ଉଠିଥାଏ । ଯେପର୍ଯ୍ୟନ୍ତ ଆଶା ଜୀବିତ ଅଛି ସେପର୍ଯ୍ୟନ୍ତ ଜୀବନ ମଧ୍ୟ ବଞ୍ଚିଥାଏ । ଆଉ ଯେ ପର୍ଯ୍ୟନ୍ତ ଜୀବନ ବଞ୍ଚିଥାଏ,ସେ ପର୍ଯ୍ୟନ୍ତ ଆଶାର ଦ୍ୱାର ମଧ୍ୟ ବନ୍ଦ ହୋଇନଥାଏ । ପ୍ରତ୍ୟେକ ଦିନ ସକାଳେ ଯେତେବେଳେ ଆମେ ଆଖି ଖୋଲନ୍ତି,ମନେ ରଖନ୍ତୁ ଆଜି ମଧ୍ୟ ଗୋଟିଏ ନୂଆ ଆଶା ଆପଣଙ୍କ ପାଇଁ ଆସିଛି । ତାହା ଛୋଟର ଆଶା ହୋଇଥାଉ କି ଆଜି ଭଲ ଖାଦ୍ୟ ମିଳିବ,ବୋଧେ ବଡ ଆଶା ଅଛି କି ଆଜି କୌଣସି ସ୍ୱପ୍ନ ପୂରା ହେବ । ତେଣିକି ଯେତେ ବାଧା ଥାଉ ଆଶାକୁ ହାତରୁ ଯିବାକୁ ଦିଅନି । କାହିଁକି ଜୀବନର ପ୍ରକୃତ ଡୋରି ଆଶାରେ ହିଁ ହୋଇଥାଏ ଆଉ ଯେପର୍ଯ୍ୟନ୍ତ ଏହି ଡୋରି ଭାଙ୍ଗି ନଥାଏ ସେପର୍ଯ୍ୟନ୍ତ ଜୀବନ ଚାଲି ରହିଥାଏ ।

CMYK



ଦିନଲିପି

୫ .୧୧. ୨୦୨୬ ଗୁରୁବାର

# ବନ୍ୟାରେ ଉଜୁଡ଼ିଲା ୮୭୦୦ ହେକ୍ଟର ଚାଷ, ଚିନ୍ତାରେ ଚାଷୀ



ଆସିକା,(ନିପ୍ର): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ସୃଷ୍ଟି ହୋଇଥିବା ବନ୍ୟା ଆସିକା ସହରକୁ ଜଳମଗ୍ନ କରିଥିବା ବେଳେ ଏହାର ଭୟାବହ ପ୍ରଭାବ ଏବେ ଚାଷ ଜମି ଉପରେ ପଡ଼ିଛି । ବନ୍ୟାଜଳରେ ବ୍ୟାପକ ଚାଷ ଜମି ବୁଡ଼ିଯିବା ସହ ଖରିଫ ଓ ରବି ଫସଲ ସମେତ ଆଖୁ ଚାଷ ମଧ୍ୟ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି । ଫଳରେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଥିବା ବେଳେ ଆଗାମୀ ଦିନରେ ଜୀବିକା ନିର୍ବାହକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀକୁଳ । ଆସିକା ବ୍ଲକରେ ପ୍ରାୟ ୮ ହଜାର ୭୦୦ ହେକ୍ଟର ଚାଷ ଜମି ରହିଥିବା ବେଳେ ବନ୍ୟା ଯୋଗୁଁ ବିଭିନ୍ନ ଅଞ୍ଚଳରେ ଫସଲ ନଷ୍ଟ ହୋଇଛି । ବିଶେଷ କରି ଆସିକା, ଜୟପୁର ଓ ହରିଡ଼ାପଦର ପଞ୍ଚାୟତର ଶତାଧିକ ଚାଷୀ ଏହି ବନ୍ୟାରେ ଗୁରୁତର କ୍ଷତି ସହିଛନ୍ତି । ବର୍ଷକର ପରିଶ୍ରମ ଓ ଚାଷ ପାଇଁ ଖର୍ଚ୍ଚ କରିଥିବା ଅର୍ଥ ବନ୍ୟାଜଳରେ ନଷ୍ଟ ହୋଇଯାଇଥିବାରୁ ଚାଷୀଙ୍କ ମଧ୍ୟରେ ନିରାଶା ଦେଖାଦେଇଛି । ଏହି ବନ୍ୟାଜନିତ କୃଷି କ୍ଷୟକ୍ଷତିକୁ ନେଇ କଂଗ୍ରେସ ନେତା ମନୋରଞ୍ଜନ ପଣ୍ଡା ଓ ଆସିକା ସମବାୟ ଚିନିଶିଳ୍ପ ପରିଚାଳନା ପରିଷଦର ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ବରାଡ଼ ନିଜ ନିଜର ପ୍ରତିକ୍ରିୟା ରଖିଛନ୍ତି । କ୍ଷତିଗ୍ରସ୍ତ ଚାଷୀଙ୍କ ଦୁର୍ଦ୍ଦଶା ଦୂର କରିବା ସହ କୃଷି କ୍ଷୟକ୍ଷତିର ଉପଯୁକ୍ତ ଆକଳନ ଓ କ୍ଷତିପୂରଣ ଉପରେ ଏବେ ଚାଷୀଙ୍କ ନଜର ରହିଛି ।


## ପଞ୍ଚାୟତ ନିର୍ବାଚନ ପାଇଁ ଘରକୁ ଘର ସର୍ଭେ

ଭାପୁର,(ନିପ୍ର): ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଭାପୁର ବ୍ଲକର ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଛି । ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଘରକୁ ଘର ସର୍ଭେ ଅଭିଯାନ ୨୦୨୬ ମସିହା ଅକ୍ଟୋବର ମାସ ୨୬ ତାରଖ ଠାରୁ ନଭେମ୍ବର ମାସ ୭ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ପରିପ୍ରେକ୍ଷୀରେ ଭାପୁର ବ୍ଲକର ସମସ୍ତ ବି.ଏଲ.ଓ. ଘର କୁ ଘର ଯାଇ ତଦାରଖ କରୁଛନ୍ତି ।ଏହି ସର୍ଭେ ହେବା ଫଳରେ ତ୍ରୁଟି ଗୁଡିକ ସଂଶୋଧନ ହୋଇପାରିବ ଅର୍ଥାତ ଗୋଟିଏ ପରିବାରର ସଦସ୍ୟ ଭିନ୍ନ ଭିନ୍ନ ବୁଥରେ ରହିବା ଓ ଅସ୍ପଷ୍ଟ ଘର ନମ୍ବର ଗୁଡ଼ିକୁ ସୁଧାରିବା,ପ୍ରକୃତ ୱାର୍ଡ ଅନୁଯାୟୀ ଭୋଟର ତାଲିକା ପ୍ରସ୍ତୁତ କରିବା ଓ ଭୌଗଳିକ ସୀମା ଗଠନ ହୋଇପାରିବ । ପୁନଃ ସର୍ଭେ ହେବା ଫଳରେ, ଗୋଟିଏ ବୁଥରେ ଭିନ୍ନଭିନ୍ନ ନାମ ଥିବା ଭୋଟରଙ୍କ ନାମ ସାମିଲ ହୋଇପାରିବ ଏବଂ ଭୋଟ କେନ୍ଦ୍ର ପାଇଁ ଏକ ନିର୍ଦ୍ଦିଷ୍ଟ ଭୌଗଳିକ କ୍ଷେତ୍ର ନିର୍ଦ୍ଧାରିତ ହୋଇ ପାରିବ । ଏହି କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଶିକ୍ଷକ,ଅଙ୍ଗନବାଡି କର୍ମୀ,ଆଶା କର୍ମୀମାନେ ନିୟୋଜିତ ହୋଇଛନ୍ତି । ଭାପୁର ବ୍ଲକ ବିଡ଼ିଓ,ଜିପିଓ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନେ ଏହି କାର୍ଯ୍ୟକୁ ତଦାରଖ କରୁଛନ୍ତି । ଯେପରି ଜଣେ ଯୋଗ୍ୟ ଭୋଟର ବାଦ ନ ପଡ଼ିବେ ଏବଂ ଯଥା ସମୟ ପୂର୍ବରୁ ଏହି କାର୍ଯ୍ୟ ସମ୍ପାଦନ ହେବା ପାଇଁ ସର୍ଭେ କାର୍ଯ୍ୟ ଆଗେଇ ଚାଲିଛି ।

## ଶିଶୁଙ୍କ ଆଇନଗତ ଅଧିକାର, ବ୍ୟକ୍ତିଗତ ସୁରକ୍ଷାକୁ ଗୁରୁତ୍ୱ

ପୁରୀ(ନିପ୍ର): ଶିଶୁ ସୁରକ୍ଷା ଅଧିକାର ଆଇନ ଓ ଆଇନଗତ ସଚେତନତା ବୃଦ୍ଧି ଲକ୍ଷ୍ୟରେ ପୁରୀ ଜିଲ୍ଲାର ବିଦ୍ୟାଳୟରେ "ସୁରକ୍ଷିତ ବଚପନ ଅଭିଯାନ " ଆୟୋଜିତ ହୋଇଯାଇଅଛି । ଜାତୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅକ୍ଟୋବର ତା ୨୯.୧୦.୨୦୨୬ ରିଖରୁ ୩୧.୧୦.୨୦୨୬ ରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଏହି ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ସଚେତନତା ଅଭିଯାନ ଚାଲିଥିଲା । ଏହି ଅଭିଯାନରେ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଆଇନଗତ ଅଧିକାର, ବ୍ୟକ୍ତିଗତ ସୁରକ୍ଷା, ଅନଲାଇନ ସୁରକ୍ଷା,ଶିଶୁଙ୍କ ବିରୋଧରେ ଯୌନ ଅପରାଧରୁ ସୁରକ୍ଷା ଏବଂ ମାଗଣା ଆଇନଗତ ସେବା ସମ୍ପର୍କରେ ସଚେତନ କରାଯାଇଛି ।

## ସମାଜସେବୀଙ୍କ ବିୟୋଗ



କାକଟପୁର,୪।୧୧(ନିପ୍ର): କାକଟପୁର ଅଞ୍ଚଳରେ ଜଣାଶୁଣା ଜଣେ ସମାଜସେବୀ , ଧର୍ମପରାୟଣା, ମିଷ୍ଟଭାଷୀ ମହିଳା ସବିତା ଦୀକ୍ଷିତ (ଛବି)ଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା । ସବିତା ଗାଁର ଝିଅ ଭାବେ ଜନ୍ମଗ୍ରହଣ କରିଥିବା ବେଳେ ପରବର୍ତ୍ତୀ ସମୟରେ ଏହି ଗାଁର ବୋହୂ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେ ମା' ମଙ୍ଗଳାଙ୍କ ପୀଠର ଅନ୍ୟତମ ବରିଷ୍ଠ ସେବାୟତ ତଥା ମା'ଙ୍କ ଷୋଡ଼ଶ ଉପଚାର ପୂଜାପଣ୍ଡା ସୁରେନ୍ଦ୍ର ନାଥ ଦୀକ୍ଷିତଙ୍କ ଧର୍ମପତ୍ନୀ ଥିଲେ । ତାଙ୍କର ଏକମାତ୍ର ପୁତ୍ର କୃଷ୍ଣଚନ୍ଦ୍ର ଦୀକ୍ଷିତଙ୍କ ସମେତ ଦୁଇ ଝିଅ ଅଛନ୍ତି ।ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ଶୁଭେଚ୍ଛୁମାନଙ୍କ ଭିଡ଼ ଜମିଥିଲା ।

## ୨୫ ଗ୍ରାମ୍ ବେଆଇନ୍ ବ୍ରାଉନ୍‌ସୁଗାର ସହିତ ଦୁଇ ଗିରଫ

ଜଟଣୀ(ନିପ୍ର): ପିପିଲି ଅଞ୍ଚଳରୁ ସ୍କୁଟି ଯୋଗେ ବ୍ରାଉନ୍‌ସୁଗାର ଚାଲାଣ କରି ଜଟଣୀ ଅଞ୍ଚଳରେ ବିକ୍ରି କରୁଥିବା ଦୁଇଜଣ ନିଶା ବେପାରୀଙ୍କୁ ଜଟଣୀ ଥାନା ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଅଭ୍ୟାସଗତ ଅପରାଧୀ ତଥା ପୂର୍ବରୁ ଏନ୍‌ଡିପିଏସ୍ ମାମଲାରେ ସମ୍ପୃକ୍ତ ଥିବା ବେଳେ ସେମାନଙ୍କ ନିକଟରୁ ସର୍ବମୋଟ ୨୫ ଗ୍ରାମ୍ ବେଆଇନ୍ ବ୍ରାଉନ୍‌ସୁଗାର ଏବଂ ଚାଲାଣରେ ବ୍ୟବହୃତ ଏକ ସ୍କୁଟି ଜବତ କରାଯାଇଛି । ମିଳିଥିବା ସୂଚନା ମୁତାବକ ବୁଧବାର ସକାଳ ପ୍ରାୟ ୬.୩୦ ମିନିଟରେ ଜଟଣୀ ଥାନା ଆଇଆଇସି ଷ୍ଟାଲିନ ବିଶ୍ୱାଳଙ୍କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା ଯେ କୁଦିଆରୀର ନିଶାନ କୁମାର ପ୍ରଧାନ ଏବଂ ରଥିପୁରର ସେକ୍ ଫରିଦ ଏକ ସ୍କୁଟି ଯୋଗେ ପିପିଲିରୁ ବ୍ରାଉନ୍‌ସୁଗାର ଧରି ଜଟଣୀ ଆଡ଼କୁ ଆସୁଛନ୍ତି । ଖବର ପାଇବା ପରେ ପୋଲିସ ତୁରନ୍ତ ସ୍ୱତନ୍ତ୍ର ଟିମ୍ ଗଠନ କରି ରଥିପୁର ଛକ କଲେଜ ନିକଟରେ ଛଦ୍ମବେଶରେ ଜଗି ରହିଥିଲା । ୮.୧୦ ମିନିଟରେ ମହତାବ ନଗର ପଟୁ ଆସୁଥିବା ଉକ୍ତ ସନ୍ଦିଗ୍ଧ ସ୍କୁଟିକୁ ପୋଲିସ ଟିମ୍ ଅଟକାଇଥିଲା । ଗାଡ଼ି ଚାଳକ ରଥିପୁରର ସେକ୍ ଫରିଦ (୩୩)ଏବଂ ପଛରେ ବସିଥିବା କୁଦିଆରିର ନିଶାନ କୁମାର ପ୍ରଧାନ(୧୯)ଙ୍କୁ କାବୁ କରାଯାଇଥିଲା ।

## 'ସୁରକ୍ଷିତ ବଚପନ ଅଭିଯାନ'କୁ ନେଇ ଛାତ୍ରଛାତ୍ରୀଙ୍କ ସଚେତନତା ରାଲି




ସୋନପୁର, (ନିପ୍ର) : ଜାତୀୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁରର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଗିରିଜା ପ୍ରସାଦ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ସୁରକ୍ଷିତ ବଚପନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । 'ହର ବଚ୍ଚା କା ବଚପନ, ହୁଆ ସବସେ ଜିମ୍ମେଦାର' ସ୍ଲୋଗାନ ସହ ଛାତ୍ରଛାତ୍ରୀମାନେ ଏକ ବିଶାଳ ସଚେତନତା ରାଲିରେ ପ୍ରଭାତ ଫେରିରେ ବାହାରିଥିଲେ । ୨୬ ଅକ୍ଟୋବରରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ସୁରକ୍ଷିତ ଶୈଶବ ଅଭିଯାନ ପର୍ଯ୍ୟାୟ କ୍ରମେ ସୁରକ୍ଷିତ ଶୈଶବ ଅଭିଯାନ, ଏକ ପାନ ଇଣ୍ଡିଆ ବିଦ୍ୟାଳୟ ସଚେତନତା ଅଭିଯାନ, ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଆଇନ ୨୦୧୨ ଉପଲକ୍ଷେ ଏହି ଆଇନ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିଶୁମାନଙ୍କ ଅଧିକାର ସୁରକ୍ଷା, ବାଲ୍ୟ ବିବାହ, ଶିଶୁ ଶ୍ରମ, ଶିଶୁ ଶୋଷଣ ଏବଂ ଶିଶୁଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୁଦ୍ଧରେ ଜନ ସଚେତନତା ସୃଷ୍ଟି କରିବା । ଉକ୍ତ ରାଲିକୁ ବରିଷ୍ଠ ଦେୱାନୀ ଜଜ ସୋନପୁର ଶ୍ରୀ ଗଗନ ସାହୁ ଉଦ୍ଘାଟନ କରିଥିଲେ । ଉକ୍ତ ରାଲିରେ କିଡ଼ସ ଇଂରାଜୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ଅଧିକାରୀ ସୁଶାନ୍ତ ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ, ସୋନପୁର ପ୍ରିତିଶ କୁମାର ସାମଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଯୋଗଦାନ କରିଥିଲେ । ଉକ୍ତ ରାଲି ଜିଲ୍ଲା ନ୍ୟାୟାଳୟ ସୋନପୁରରୁ ବାହାରି ମଝିପଡା, ବସଷ୍ଟାଣ୍ଡ ଦେଇ ପୁରୁଣା ମେଡିକାଲ ଅତିକ୍ରମ କରି ପୁନଃ ଜିଲ୍ଲା ନ୍ୟାୟାଳୟ କୁ ପ୍ରତ୍ୟାବର୍ତନ କରିଥିଲା ।

## ସମ୍ବଲପୁର ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ ଅଚାନକ ବଣାଇ ପରିଦର୍ଶନ

ବଣାଇ, (ନି.ପ୍ର): ସମ୍ବଲପୁର ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡକ୍ଟର ମୂରଲୀଧର ମାଝୀ ଅଚାନକ ଗୁରୁଣ୍ଡିଆ ସରକାରୀ ମହାବିଦ୍ୟାଳୟ, ଗୁରୁଣ୍ଡିଆ ପଞ୍ଚାୟତ ସମିତି କନିଷ୍ଠ ମହାବିଦ୍ୟାଳୟ ଏବଂ ବଣାଇଗଡ଼ ମହାବିଦ୍ୟାଳୟ ପରିଦର୍ଶନରେ ଆସି ଫେରି ଯାଇଥିବା ଜଣାପଡିଛି । ଡକ୍ଟର ମାଝୀ ମହାବିଦ୍ୟାଳୟ ଗୁଡିକର ଶ୍ରେଣୀ ଗୃହ, ପାଠାଗାର, ବିଜ୍ଞାନଗାର, କମ୍ପୁଟର ଲାବ, ଛାତ୍ରାବାସ, ଛାତ୍ରୀନିବାସ, ଖେଳ ପଡିଆ ପ୍ରଭୃତି ବୁଲି ଦେଖିଥିଲେ । ଏହି ପରିଦର୍ଶନ ସମୟରେ ଗୁରୁଣ୍ଡିଆ ପଂଚାୟତ ସମିତି କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ଚୌଧୁରୀ ମହାନ୍ତ, ଅଧ୍ୟାପକ ତପନ କୁମାର ଦଣ୍ଡିଆ, ଗୁରୁଣ୍ଡିଆ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ବନ ବିହାରୀ କିସାନ, ବରିଷ୍ଠ ସହାୟକ ଅଶୋକ କୁମାର ସେଠୀ, ବଣାଇଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଜେନା ମଣି ସାହୁ, ବରିଷ୍ଠ ଅଧ୍ୟାପକ ମୃତ୍ୟୁଞ୍ଜୟ ବ୍ରହ୍ମାଙ୍କ ସହିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ଼. ମାଝୀ ସାକ୍ଷାତ ଆଲୋଚନା କରି ସନ୍ତୋଷ ବ୍ୟକ୍ତ କରିବା ସହ ଅନୁଷ୍ଠାନ ଗୁଡିକରେ ଶୈକ୍ଷିକ ବାତାବରଣକୁ ସୁଦୃଢ କରିବାକୁ ପରାମର୍ଶ ଦେଇଥିଲେ । ଏହି ସମୟରେ ବଣାଇଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ଜେନା ମଣି ସାହୁଙ୍କ ଦ୍ୱାରା ରଚିତ ଦୁଇଟି ପୁସ୍ତକ ପ୍ରଦାନ କରାଯାଇଥିଲା ।

## ଦୀପାବଳି ପାଇଁ ମାଟି ଦୀପ ପ୍ରସ୍ତୁତିରେ ବ୍ୟସ୍ତ କୁମ୍ଭକାର ପରିବାର



ରମ୍ଭା (ନିପ୍ର): ଆଧୁନିକତାର ପ୍ରଭାବରେ ଧୀରେ ଧୀରେ ହଜିବାକୁ ବସିଛି କୁମ୍ଭକାରଙ୍କ କୌଳିକ ବୃତ୍ତି । ତଥାପି ପରମ୍ପରାକୁ ବଞ୍ଚାଇ ରଖିବା ସହ ଜୀବିକା ନିର୍ବାହ ଆଶାରେ ଆଜି ବି ମାଟିରେ ବିଭିନ୍ନ ସାମଗ୍ରୀ ତିଆରି କରି ଚାଲିଛନ୍ତି କିଛି କୁମ୍ଭକାର ପରିବାର । ଆଗକୁ ଦୀପାବଳି ପର୍ବ ଥିବାରୁ ଏବେ ମାଟି ଦୀପ ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି । ରମ୍ଭା ନିକଟସ୍ଥ ଡିମ୍ବିରିଆ ପାର୍ଶ୍ୱବର୍ତ୍ତୀ ଗ୍ରାମର କୁମ୍ଭକାର ପରିବାର । ଗ୍ରାମରେ ଦୀପାବଳିକୁ ଆଖି ଆଗରେ ରଖି ମାଟି ଦୀପ ଓ କୁମ୍ଭି ଆଦି ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି କୁମ୍ଭକାର ପରିବାରର ସଦସ୍ୟ । ପରିବାର ଏବେ ଦିନରାତି ଏକ କରି ଦୀପ ତିଆରିରେ ଲାଗିଛନ୍ତି । ଏକଦା ମାଟି ହାଣ୍ଡି, ମାଠିଆ, ସୁରେଇ ଓ ରୋଷେଇ ପାଇଁ ଆବଶ୍ୟକ ବିଭିନ୍ନ ମାଟିପାତ୍ରର ଚାହିଦା ଅଧିକ ଥିଲା । ଏହି ସାମଗ୍ରୀ ପ୍ରସ୍ତୁତ କରି କୁମ୍ଭକାର ପରିବାର ନିଜର ଜୀବିକା ନିର୍ବାହ କରୁଥିଲେ । କିନ୍ତୁ ସମୟ ବଦଳିବା ସହ ଲୋକଙ୍କ ରୁଚି ଓ ବ୍ୟବହାରରେ ପରିବର୍ତ୍ତନ ଆସିଛି । ମାଟିପାତ୍ର ବଦଳରେ ଧାତୁ, ପ୍ଲାଷ୍ଟିକ, ଚାଇନା ମାଟି ଓ ଅନ୍ୟାନ୍ୟ ସାମଗ୍ରୀରେ ନିର୍ମିତ ବାସନକୁସନର ବ୍ୟବହାର ବଢ଼ିବାରୁ କୁମ୍ଭକାରଙ୍କ ପାରମ୍ପରିକ ବୃତ୍ତି ପ୍ରଭାବିତ ହୋଇଛି । ତେବେ ପର୍ବପର୍ବାଣି ଓ ପୂଜାପାର୍ବଣରେ ମାଟି ସାମଗ୍ରୀର ଆବଶ୍ୟକତା ଏବେ ବି ରହିଛି । ସେ ଯାହା ହେଉ ନା କହିଁକି ବର୍ଷକର ରୋଜଗାର ଏହି ଦୀପାବଳି ଖୋରାକୋ ଯୋଗାଇଥାଏ । ବିଶେଷକରି ଦୀପାବଳିରେ ରଙ୍ଗବେରଙ୍ଗର ମହମବତୀ ଓ ବିଭିନ୍ନ ଆଧୁନିକ ଆଲୋକ ସାମଗ୍ରୀ ବଜାରରେ ଉପଲବ୍ଧ ହେଉଥିଲେ ମଧ୍ୟ ମାଟିଦୀପର ଚାହିଦା କମିନାହିଁ । ଏହି ପର୍ବ କୁମ୍ଭକାର ପରିବାର ପାଇଁ ଅତିରିକ୍ତ ରୋଜଗାରର ଏକ ପ୍ରମୁଖ ସୁଯୋଗ ଆଣିଥାଏ କହିଲେ ଅତ୍ୟୁକ୍ତି ହେବ ନାହିଁ । ଦୀପାବଳିର ପ୍ରାୟ ମାସକ ପୂର୍ବରୁ ପରିବାରର ସମସ୍ତ ସଦସ୍ୟ ମାଟି ଦୀପ ତିଆରିରେ ଲାଗିପଡ଼ନ୍ତି ।

## ବନ୍ୟା ବିପନ୍ନଙ୍କୁ କାଶୀନଗର ବ୍ଲକ ତରଫରୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ

କାଶୀନଗର(ନିପ୍ର): ଅର୍ଣ୍ଣବ ବାତ୍ୟାର ବିଭୀଷକାରେ ଦକ୍ଷିଣ ଓଡିଶାର ଗଞ୍ଜାମ ଜିଲ୍ଲାରେ ଯେପରି ଆକସ୍ମିକ ବନ୍ୟା ଆସି ଜିଲ୍ଲାର ବିଭିନ୍ନ ସହର ତଥା ତଳିଆ ଅଞ୍ଚଳ ଜଳ ମଗ୍ନ ହୋଇ ବାହୁ ସଂଖ୍ୟାରେ ଲୋକ ମାନେ ନିଜ ନିଜ ଘର ଦ୍ୱାର ଛାଡି ବହୁମୁଖୀ ଆଶ୍ରୟ ସ୍ଥଳମାନଙ୍କରେ ଆଶ୍ରିତ ହୋଇ ରହିଛନ୍ତି । ସେହି ବନ୍ୟା ପୀଡିତ ବିପନ୍ନ ମାନଙ୍କୁ ରିଲିଫ ଯୋଗେଇବା ସକାଶେ ୩୧ ତାରିଖ ରବିବାରଦିନ ସନ୍ଧ୍ୟା ସମୟରେ ରିଲିଫ ଅଧିକାରୀଙ୍କ ପରାମର୍ଶକ୍ରମେ କାଶୀନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ୧୬୦୦କେଜି ଚୁଡା ୧୬୦କେଜି ଗୁଡ଼ ୧୦୦ ପେକେଟ ମହମ ବତୀ ୧୦୦ ପେକେଟ ଦିଆସିଲି ୧୬୦୦ ପେକେଟ ଓ ଆର ଏସ ଏବଂ ୧୬୦୦ ପେକେଟ ବିସ୍କୁଟ ଏହି ପରି ସବୁ ଜରୁରୀ ଏବଂ ଅତ୍ୟବଶ୍ୟକ ସାମଗ୍ରୀ ସବୁ ପେକିଙ୍ଗ କରି ପଠେଇବା ପାଇଁ ବ୍ୟବସ୍ଥା କରାଯାଇଛି । କାଶୀନଗର ବ୍ଲକ ତରଫରୁ ଅଧ୍ୟକ୍ଷା ବାଲା ସାଇମ୍ମାଙ୍କ ଉପସ୍ଥିତରେ ଏବିଡ଼ିଓ ମାନସ ରଞ୍ଜନ ପ୍ରଧାନ ଓ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଓ ଯୋଗାଣ ଅଧିକାରୀ ସତ୍ୟବ୍ରତ ବାବୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ୧୬୦୦ ପେକେଟ ଏକ ପିକ ଅପ ଗାଡି ମାଧ୍ୟମରେ ପଠାଯାଇଛି ।

## ମା' ଗଜଲକ୍ଷ୍ମୀଙ୍କ ମେଲାଣି ଉତ୍ସବ କାର୍ଯ୍ୟକ୍ରମ



କାଶୀନଗର (ନିପ୍ର): କାଶୀନଗର ବ୍ଲକ ଓ ମେଡିକାଲ ଛକ ଠାରେ ଯୁବ ଗୋଷ୍ଠୀଙ୍କ ଭକ୍ତି ଭାବନା ସହ ଏକ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ପରିବେଶରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରୁ ଆରମ୍ଭ ହୋଇ ଆଜି ମା' ଙ୍କ ମେଲାଣି ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କଳସ ଯାତ୍ରା,ଦୀପ ପ୍ରଜ୍ୱଳନ,ଅନୁଜ୍ଞା ଗ୍ରହଣ,କର୍ମ ଆରମ୍ଭ,ବ୍ରାହ୍ମଣ ବରଣ, ସୂର୍ଯ୍ୟ ପୂଜା, ଅଗ୍ନି ସ୍ଥାପନା,ଷୋଡଶ ଉପଚାର ପୂଜା, ମହାସ୍ନାନ, ନିତ୍ୟ ହୋମ ଯଜ୍ଞ ସହ ପୂଜା, ନବ ଗ୍ରହ ଶାନ୍ତି ପୂଜା, ମହାଲକ୍ଷ୍ମୀ ସହସ୍ର ନାମେ ବେଲ୍ଲ ଓ ପୁଷ୍ପ ଅଭିଷେକ ଓ ଦୈନିକ ଅଷ୍ଟଲକ୍ଷ୍ମୀ ପୂଜା ଏମିତି ଏଗାର ଦିନ ବ୍ୟାପି ମହାଡମ୍ବର ସହକାରେ ସହର ମଧ୍ୟରେ ଏକ ଭକ୍ତିପୂତ ଭାବେ ଗଜଲକ୍ଷ୍ମୀ ପୂଜା ଆୟୋଜିତ ହୋଇଥିଲା । ମା' ଗଜଲକ୍ଷ୍ମୀଙ୍କ ମେଲାଣି ଉତ୍ସବରେ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଯୋଗଦାନରେ କାଶୀନଗର ସହର ସାରା ବାଜା ଓ ନୃତ୍ୟାଙ୍ଗନାମାନଙ୍କ ସହ ପରିକ୍ରମା କରି ପବିତ୍ର ବଂଶ ଧାରା ନଦୀରେ ବିସର୍ଜନ କରି ମା' ଗଜଲକ୍ଷ୍ମୀଙ୍କୁ ବିଦାୟ ଦେଇଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସମାନେ ମୁତୟନ ହୋଇଥିଲେ ।

## ଜଳମଗ୍ନ ଧାନ ଜମିରେ ପଶି କ୍ଷୟକ୍ଷତିର ଅନୁଧ୍ୟାନ କଲେ ବିଧାୟକ ଜିଲ୍ଲାପାଳଙ୍କୁ ତୁରନ୍ତ ପଦକ୍ଷେପ ପାଇଁ ନିବେଦନ



ପାରଳାଖେମୁଣ୍ଡି(ନିପ୍ର): ଗଜପତି ଜିଲ୍ଲାର ଗୋଷାଣୀ ବ୍ଲକର ଲଗାଣ ବର୍ଷାର ପ୍ରକୋପରେ ଚାଷ ଜମି ଜଳମଗ୍ନ ହୋଇ ଚାଷୀଙ୍କ ଆଶା ଓ ଆକାଂକ୍ଷା ଉପରେ ଦେଖାଦେଇଛି ଗଭୀର ସଙ୍କଟ । ଅନେକ ଚାଷୀଙ୍କ ବର୍ଷକର ପରିଶ୍ରମ ଓ ଜୀବିକାର ଆଧାର ଧାନ ଫସଲ ନଷ୍ଟ ହେବା ଆଶଙ୍କା ମଧ୍ୟରେ ଗଜପତି ଜିଲ୍ଲା ଗୋଷାଣୀ ବ୍ଲକର ବିଭିନ୍ନ ଗ୍ରାମର କ୍ଷତିଗ୍ରସ୍ତ ଚାଷ ଜମି ପରିଦର୍ଶନ କରିଛନ୍ତି ପାରଳାଖେମୁଣ୍ଡି ବିଧାୟକ ଗୋଷାଣୀ ବ୍ଲକ ଅନ୍ତର୍ଗତ ଅଗରଖଣ୍ଡି, ଭିନ୍ନଳା, ବାପୂଜିପେଣ୍ଠା, ବଡ଼ଗାଁ ସମେତ ବିଭିନ୍ନ ଗ୍ରାମକୁ ଗସ୍ତ କରି ଲଗାଣ ବର୍ଷା ଯୋଗୁଁ ଜଳମଗ୍ନ ହୋଇଥିବା ଚାଷ ଜମି ଓ କ୍ଷତିଗ୍ରସ୍ତ ଫସଲର ସ୍ଥିତି ନିଜେ ଅନୁଧ୍ୟାନ କରିଥିଲେ । ବିଶେଷ କରି ଅଗରଖଣ୍ଡି ଗ୍ରାମରେ ଚାଷ ଜମିରେ ଜମିଥିବା ପାଣି ମଧ୍ୟରେ ପଶି ନଷ୍ଟ ହୋଇଥିବା ଧାନ ଫସଲର ସ୍ଥିତି ଦେଖିଥିଲେ । ଚାଷୀଙ୍କ ଦୁଃଖ, ଯନ୍ତ୍ରଣା ଓ ଅସହାୟତାକୁ ନିକଟରୁ ଅନୁଭବ କରିବା ସହ କ୍ଷୟକ୍ଷତିର ଗମ୍ଭୀରତାକୁ ହୃଦୟଙ୍ଗମ କରିଥିଲେ । ଏହି ଗସ୍ତ ସମୟରେ ବିଧାୟକ କ୍ଷତିଗ୍ରସ୍ତ ଚାଷ ଜମିର ପରିସ୍ଥିତିକୁ ଭିଡିଓ କଲ୍ ମାଧ୍ୟମରେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କୁ ଅବଗତ କରାଇଥିଲେ । ଚାଷୀଙ୍କ ଜୀବନ ଓ ଜୀବିକା ସହ ଜଡ଼ିତ ଏହି ଗୁରୁତର ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟିଦେଇ କ୍ଷୟକ୍ଷତିର ଆକଳନ, ଆବଶ୍ୟକୀୟ ସହାୟତା ଓ ଉଚିତ ପଦକ୍ଷେପ ଶୀଘ୍ର କାର୍ଯ୍ୟକାରୀ କରିବାକୁ ନିବେଦନ କରିଥିଲେ । ଚାଷୀଙ୍କ ଦୁଃଖରେ ସାମିଲ ହୋଇ ସେମାନଙ୍କ ପାଖରେ ଠିଆ ହେବା ଏବଂ କ୍ଷତିଗ୍ରସ୍ତ ଫସଲର ଯଥାର୍ଥ ଆକଳନ ସହ ଆବଶ୍ୟକ ସହାୟତା ପହଞ୍ଚାଇବା ଉପରେ ବିଧାୟକ ଗୁରୁତ୍ୱ ଦେଇଥିଲେ । ଚାଷୀଙ୍କ ଆଖିରେ ଥିବା ଚିନ୍ତା ଓ ମନରେ ଥିବା ଆଶାକୁ ସମ୍ମାନ ଦେଇ ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିଥିଲେ । ଏହି ପରିଦର୍ଶନ ସମୟରେ ବିଧାୟକଙ୍କ ସହ ଜିଲ୍ଲା ପରିଷଦ ସଭ୍ୟ ଏସ୍. ବାଲାରାଜୁ, ନୀଳମାଧବ ପାଣ୍ଡି, ବିଜୟ ଜେନା, ଜଗା ପ୍ରଧାନ, ବୁଡୁ ପ୍ରଧାନ, ନିରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ଜନପ୍ରତିନିଧି ଓ ସ୍ଥାନୀୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।ବର୍ଷାରେ ଭିଜୁଥିବା ଚାଷ ଜମି, ଜଳମଗ୍ନ ଫସଲ ଓ ଚାଷୀଙ୍କ ମନରେ ଜମିଥିବା ଦୁଃଖ ମଧ୍ୟରେ ବିଧାୟକଙ୍କ ଏହି ଗସ୍ତ ଚାଷୀଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳତା ଓ ସହାୟତା ପାଇଁ ଆଶାର ଏକ ନୂଆ ଦିଗ ସୃଷ୍ଟି କରିଛି ।

## ବୀରମହାରାଜପୁରରେ ବିଜେଡିର ବିଶାଳ ଜନସମ୍ପର୍କ ପଦଯାତ୍ରା



ବୀରମହାରାଜପୁର,(ନିପ୍ର) : ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଠାରେ ଆଜି ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଏକ ବିଶାଳ 'ଜନସମ୍ପର୍କ ପଦଯାତ୍ରା' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ତୃଣମୂଳ ସ୍ତରରେ ଦଳୀୟ ସଂଗଠନକୁ ଆହୁରି ମଜବୁତ କରିବା ଏବଂ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ବିଶାଳ ପଦଯାତ୍ରାର ଆୟୋଜନ କରାଯାଇଥିଲା । ଏଥିରେ ଶତାଧିକ ନେତା, କର୍ମୀ ଓ ସାଧାରଣ ଜନତା ସ୍ୱତଃସ୍ଫୁର୍ତ୍ତ ଭାବେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ତଥା ରାଜ୍ୟ ସ୍ତରର ବହୁ ତୁଙ୍ଗ ନେତା ଏବଂ ଜନପ୍ରତିନିଧି ଉତ୍ସାହର ସହ ଯୋଗ ଦେଇଥିଲେ । ପଦଯାତ୍ରା ସମୟରେ ନେତାମାନେ ଲୋକଙ୍କ ଘରକୁ ଯାଇ ସାଧାରଣ ଜନତାଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ସେମାନଙ୍କ ସୁଖଦୁଃଖ ବୁଝିବା ସହିତ ଅଞ୍ଚଳର ବିଭିନ୍ନ ସମସ୍ୟା ବାବଦରେ ପଚାରି ବୁଝିଥିଲେ, ଯାହା ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଥିଲା । ଏହି ବିଶାଳ ପଦଯାତ୍ରାରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ପାଟଣାଗଡ଼ର ପୂର୍ବତନ ବିଧାୟକ ସରୋଜ ମେହେର ପ୍ରମୁଖ ଯୋଗ ଦେଇ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ ।

# ସଂପର୍କ ଓ ମାଇଁ ଭାରତ ପକ୍ଷରୁ 'ବିକଶିତ ଭାରତ ଯୁବ ସମ୍ବାଦ'




ପୁରୀ(ନିପ୍ର): ପୁରୀର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ 'ସଂପର୍କ' ଏବଂ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇଁ ଭାରତ'ର ମିଳିତ ଆନୁକୂଲ୍ୟରେ ପୁରୀସ୍ଥିତ ସୁରଜମଲ ସାହା ମହାବିଦ୍ୟାଳୟ ପରିସରରେ 'ବିକଶିତ ଭାରତ ଯୁବ ସମ୍ବାଦ' କାର୍ଯ୍ୟକ୍ରମ 'ନିଜ ଭୋଟ୍‌କୁ ଜାଣନ୍ତୁ' ଶୀର୍ଷକ ବିଷୟବସ୍ତୁ ଉପରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୁରୀର ମାନ୍ୟବର ସାଂସଦ ଡ଼ଃ ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କୁ ରାଷ୍ଟ୍ର ନିର୍ମାଣ, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସଚେତନ ନାଗରିକତା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ଡ଼ଃ ପାତ୍ର କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆଜି ଭାରତର ଯୁବଶକ୍ତି ରାଷ୍ଟ୍ର ନିର୍ମାଣରେ ନୂତନ ଆୟାମ ସ୍ଥାପନ କରୁଛି । ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ, ଆତ୍ମନିର୍ଭରଶୀଳ, ସଶକ୍ତ ଓ ସମୃଦ୍ଧ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ କେବଳ ସରକାରଙ୍କ ସଂକଳ୍ପ ନୁହେଁ, ବରଂ ଦେଶର ପ୍ରତ୍ୟେକ ଯୁବକଯୁବତୀଙ୍କ ସାମୂହିକ ଦାୟିତ୍ୱ ଓ ସକ୍ରିୟ ଭାଗିଦାରୀର ଆହ୍ୱାନ । ଶିକ୍ଷା, ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ, ଷ୍ଟାର୍ଟଅପ୍, ଉଦ୍ୟୋଗିତା, ଗବେଷଣା, କ୍ରୀଡ଼ା ଏବଂ ସାମାଜିକ ନେତୃତ୍ୱ ସମେତ ପ୍ରତ୍ୟେକ କ୍ଷେତ୍ରରେ ଯୁବବର୍ଗଙ୍କ ସକ୍ରିୟ ଅଂଶଗ୍ରହଣ ଭାରତକୁ ପ୍ରଗତିର ନୂତନ ଶିଖରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଯୁବ ଆଇକନ୍ ଆୟୁଶ୍ରୀ ପ୍ରଧାନ ଯୁବ ସମ୍ବାଦ କାର୍ଯ୍ୟକ୍ରମରେ ଏସ୍‌ଆଇଆର ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରି ଗଣତନ୍ତ୍ରରେ ଯୁବପିଢ଼ିଙ୍କ ଭୂମିକା, ମତଦାନର ଗୁରୁତ୍ୱ, ସମ୍ବିଧାନ ପ୍ରତି ସମ୍ମାନ, ନାଗରିକ କର୍ତ୍ତବ୍ୟବୋଧ ଏବଂ ରାଷ୍ଟ୍ର ପ୍ରତି ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଯୁବପିଢ଼ି ସଚେତନ ହେବା ସହ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ ।

CMYK

5 11.2026.pmd 1 04-11-2026, 21:18

ତିଥି :(ଏକାଦଶୀ) : (ଉତ୍ତରା ଫାଲଗୁନୀ, ସିଂହ)

ଅମୃତ ବେଳା: ପ୍ରାତଃ ଘ ୫।୫୪ରୁ ଘ୭।୩୨ ମଧ୍ୟେ

## ଆଜିର ଅନୁଚିନ୍ତନ

ମୁଁ ହିଁ ସମସ୍ତ ଯଜ୍ଞର ଭୋକ୍ତା ଓ ସ୍ୱାମୀ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ସମ୍ଭାବନା ଓ ଆଶଙ୍କା

ଆମ ରାଜ୍ୟରେ ଅକ୍ଷୟ ଶକ୍ତି କ୍ଷମତା ସଂପ୍ରତି ୩୬୪୧.୨୩ ମେଗାୱାଟ ଥିବା ବିଷୟ ବିଭାଗୀୟ ସଚିବ ତଥ୍ୟ ରଖିଥିବା ବେଳେ ନିକଟରେ ୧୮ଟି ଶିଳ୍ପସଂସ୍ଥା ସହ 'ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ ଓ ଏକ୍ସପୋ-୨୦୨୬' ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ବୁଝାମଣା ପତ୍ର ସହ ସ୍ୱାକ୍ଷର କରାଯାଇଛି,ଯାହା କାର୍ଯ୍ୟକାରୀ ହେଲେ ୧୧ ହଜାର ୭୪୨ ମେଗାୱାଟର ବୃଦ୍ଧି ଘଟିବ। ରାଜ୍ୟ ସରକାରଙ୍କ ଲକ୍ଷ୍ୟ ଯେ ୨୦୪୭ ମସିହା ସୁଦ୍ଧା ୭୪ ପ୍ରତିଶତ ଶକ୍ତି ଅଣଜୀବାଶ୍ମରୁ ହାସଲ ଲକ୍ଷ୍ୟ ରଖାଯାଇଛି। ଶିଳ୍ପ କ୍ଷେତ୍ରରେ ବିଦ୍ୟୁତ୍ ଆବଶ୍ୟକତା ଦୃଷ୍ଟିରୁ ତାହାକୁ ପ୍ରତିଯୋଗିତାପୂର୍ଣ୍ଣ ଭାବରେ ହାସଲ ପୂର୍ବକ ସବୁଜଶକ୍ତି ଶକ୍ତି ଜରିଆରେ ପୂରଣ କରାଯିବ। ଏ କଥା ସତ ଯେ ଶକ୍ତି ସୁରକ୍ଷା କ୍ଷେତ୍ରରେ ଭାରତ ପକ୍ଷରୁ ଜାରି ରହିଥିବା ବୃହତ୍ତର ଅଭିଯାନର ଏକ ଅଂଶ ଓ ଏହା ପ୍ରକାରାନ୍ତେ ରାଜ୍ୟର ଅର୍ଥନୈତିକ ରୂପାନ୍ତରଣ ସ୍ୱାକ୍ଷରିତ ହୋଇଥିବା ବୁଝାମଣାପତ୍ର ମୁତାବକ କାର୍ଯ୍ୟକାରିତା ହେଲେ ଓଡ଼ିଶା ସାମର୍ଥ୍ୟ ଏ କ୍ଷେତ୍ରରେ ବୃଦ୍ଧି ପାଇବ, ଏହା ନିଃସନ୍ଦେହ।

କେନ୍ଦ୍ର ମନ୍ତ୍ରୀ ପ୍ରହଲାଦ ଯୋଶୀ ବୈଶ୍ୱିକ ବିନିର୍ମାଣ କ୍ଷେତ୍ରରେ ଭାରତ ଉଭା ହୋଇଥିବା ଓ ବିନିର୍ମାଣର ଏକ ପେଣ୍ଟରେ ପରିଣତ ହୋଇଥିବା ସୂଚାଇଛନ୍ତି ଏବଂ ନିକଟରେ ହୋଇଥିବା ୧,୧୭,୫୫୭କୋଟିର ନିବେଶ ବଡ଼ ସମ୍ଭାବନା ସୃଷ୍ଟି କରିଛି।

ଏ ସମ୍ଭାବନା ମଧ୍ୟରେ ରହିଛି କଭରପମ୍ପଡ୍ ଷ୍ଟୋରେଜ, ସୋଲାର, ବାୟୁ ,ହାଇବ୍ରିଡ ପୁନଃନବୀକରଣୀୟ ଶକ୍ତି, ବ୍ୟାଟେରି ଷ୍ଟୋରେଜ, ସବୁଜ ହାଇଡ୍ରୋଜେନ,ଗ୍ରୀନଡାଟା ସେଣ୍ଟର ଓ ଅନ୍ୟ ପ୍ରଯୁକ୍ତି ଅଧାରିତ ଶିଳ୍ପ। ତେବେ ଏସବୁ ଭିତ୍ତିଭୂମିର କାର୍ଯ୍ୟକାରିତାରେ ବାସ୍ତବତା ହାସଲ ହେବ। କିନ୍ତୁ ବଡ଼ ପ୍ରଶ୍ନ ହେଉଛି କୃଷିକ୍ଷେତ୍ର, ଜଳସଂପଦ ଓ ସ୍ଥାନୀୟ ବାସିନ୍ଦା ଅବା ସଂପ୍ରଦାୟଙ୍କ ଉପରେ ପ୍ରତିଯୋଗିତାପୂର୍ଣ୍ଣ ଚାପ ନ ପଡ଼ିବା ଲୋଡ଼ା।

ସବୁଜ ଶକ୍ତି କ୍ଷେତ୍ରରୁ କେତେ ସୁବିଧା ମିଳୁଛି, ପୂର୍ବରୁ କିଭଳି ସ୍ଥିତି ଥିଲା, ତାହାର ବ୍ୟବଧାନ ଉପରେ ସମୀକ୍ଷା ମଧ୍ୟ ଆବଶ୍ୟକ ହେବ। ଆମ ରାଜ୍ୟରେ ଇସ୍ପାତ, ଆଲୁମିନିୟମ ଖଣି ଅବା ଭାରୀ ଶିଳ୍ପ କ୍ଷେତ୍ରରେ ଯେଉଁ ସଫଳତା ମିଳିଛି ପୁନଃନବୀକରଣ ଶକ୍ତି କ୍ଷେତ୍ରରେ ସଫଳତା ଆଶାନୁରୂପ ହୋଇନାହିଁ। ତେଣୁ ଲୋଡ଼ା ପଡ଼ିବ ଆବଶ୍ୟକ ଜମି,ପରିବେଶ ସଂରକ୍ଷଣ ଓ ଅନ୍ୟ ଆନୁଷଙ୍ଗିକ ଦିଗରେ ଉନ୍ନତି। ପୁଣି ସ୍ଥାନୀୟ ନିଯୁକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ସଦ୍ୟ ନିବେଶ ପ୍ରସ୍ତାବର ସଫଳତା କାର୍ଯ୍ୟକାରିତା ଉପରେ ନିର୍ଭରଶୀଳ। ଲୋକାଭିମୁଖୀ ଦିଗ ସହିତ ପରିବେଶଅନୁକୂଳ ହେବା ମଧ୍ୟ ଜରୁରୀ। ତାହା ଆଧାରରେ ଆଦୃତି ବଢ଼ିପାରିବ। ସର୍ବୋପରି ଏ କ୍ଷେତ୍ରର ରାଜନୈତିକ ଇଚ୍ଛାଶକ୍ତିର ଦୃଢ଼ତା ସମୟକ୍ରମେ ହିଁ ଜଣାପଡ଼ିବ।

# ଶିଶୁଙ୍କ ଟିକାକରଣ ଓ ଡିଜିଟାଲ ପ୍ରୋତ୍ସାହନ

**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ଭାରତ ଏକ ସ୍ୱାଧୀନ ରାଷ୍ଟ୍ର ଭାବରେ ଶତବାର୍ଷିକ ପାଳନ କରିବା ଦିଗରେ ଅନେକ ସ୍ୱାସ୍ଥ୍ୟ ଅଭିମୁଖୀ କାର୍ଯ୍ୟକ୍ରମର ପ୍ରକଳ୍ପ ହାତକୁ ନେଉଛି। ଦିନ ଥିଲା ପ୍ରାଣଘାତୀ ମହାମାରୀ ବସନ୍ତ ମୃତ୍ୟୁର ବିଭୀଷିକା ସୃଷ୍ଟି କରୁଥିଲା। ଲକ୍ଷ ଲକ୍ଷ ଶିଶୁ ଅକାଳରେ ଝରି ପଡୁଥିଲେ। ତେବେ ଏହି ଜୀବନ ନାଶକ ବସନ୍ତ ବିରୋଧରେ ପ୍ରଥମ ଟିକା ଦିଆଯିବା ପର ଠାରୁ ରୋଗ ପ୍ରତିରୋଧ ପାଇଁ ଟିକାକରଣର ଭୂମିକା ୧୭୯୬ ମସିହାରୁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଆସୁଛି। ଗତ ପଚାଶ ବର୍ଷକୁ ଦେଖିଲେ ପିଲାମାନଙ୍କ ପାଇଁ ଟିକାକରଣ ବ୍ୟବସ୍ଥା ପୃଥିବୀରେ ୧୫ କୋଟିରୁ ଅଧିକ ଲୋକଙ୍କ ଜୀବନ ମୃତ୍ୟୁ ମୁଖରୁ ବଞ୍ଚାଇଛି ଯାହାକି ପ୍ରତିବର୍ଷ ପ୍ରତି ମିନିଟରେ ଛଅ ଜଣଙ୍କ ଜୀବନ ବଞ୍ଚାଇବା ସହ ସମାନ। ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ବିଶେଷକରି ପିଲାମାନଙ୍କ ଜୀବନ ରକ୍ଷା ନିମିତ୍ତ ଭାରତର ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ ବା ୟୁଆଇପି ଏକ ପ୍ରମୁଖ ବ୍ୟବସ୍ଥିତ ଓ ଯୋଜନାଭିମୁଖୀ ଅଭିଯୋଜନ। ଏହି ୟୁଆଇପି ବ୍ୟବସ୍ଥା ଅନୁଯାୟୀ ପ୍ରତି ବର୍ଷ ୨.୬ କୋଟିରୁ ଅଧିକ ନବଜାତ ଶିଶୁଙ୍କୁ ମିଳିମିଳା, ଡିପଥେରିଆ, ପୋଲିଓ ଆଦି ବାରଟି ପ୍ରତିଷେଧକ ଟିକା ଦିଆଯାଏ। ପିଲାମାନଙ୍କ ଭିତରେ ଅନେକ ରୋଗ ସେମାନଙ୍କର ବାଲ୍ୟ ସମୟରୁ ରହିଥାଏ ଯାହା ସେମାନଙ୍କ ଜୀବନ ପ୍ରତି କେବଳ ବିପଦ ସୃଷ୍ଟି କରିନଥାଏ ବରଂ ଶିଶୁର ସ୍ୱାସ୍ଥ୍ୟ ଓ ସେମାନଙ୍କ ଅଭିବୃଦ୍ଧି ସମ୍ପନ୍ନ ଜୀବନର ଗୁଣବତ୍ତାକୁ ଗୁରୁତର ଭାବେ ପ୍ରଭାବିତ କରିପାରେ। ଯଦିଓ ଏହି କାର୍ଯ୍ୟକ୍ରମ ୧୯୮୫ ମସିହାରେ ଆରମ୍ଭ ହୋଇଥିଲା କିନ୍ତୁ ଗତ ୧୦ ବର୍ଷ ମଧ୍ୟରେ ଏହା ଅଧିକ ଦ୍ରୁତ ଗତିରେ ବିସ୍ତାରିତ ହୋଇଛି। ଭାରତ ସରକାରଙ୍କ ମିଶନ ଇନ୍ଦ୍ରଧନୁଷ ଭଳି ବ୍ୟାପକ ଅଭିଯାନ ଫଳରେ ଟିକାକରଣକୁ ୯୦%ରୁ ଅଧିକରୁ ବୃଦ୍ଧି କରାଯାଇଛି। କେତେକ ଅଞ୍ଚଳ ଓ ସମ୍ପ୍ରଦାୟ ପ୍ରାୟତଃ ଦୁର୍ଗମ ଓ ଅନୁନ୍ନତ ଅଞ୍ଚଳରେ ରହୁଥିବା ଯୋଗୁଁ ସେହିପରି ବିସ୍ଥାପନ ଯୋଗୁଁ ଅଧାରୁ ପାଠ ଛାଡ଼ିବା ପର୍ଯ୍ୟନ୍ତ ଅନେକ କାରଣ ରହିଛି ଯେଉଁଥିପାଇଁ କିଛି ପିଲାଙ୍କୁ ଆଂଶିକ କିମ୍ବା ଆଦୌ ଟିକା ଦିଆଯାଇପାରୁନାହିଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତ ସରକାର ବିଶ୍ୱ ଓ ମହିଳାଙ୍କ ସ୍ୱାସ୍ଥ୍ୟ ଏବଂ ପୋଷଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି ତଥା ପ୍ରତ୍ୟେକ ଶିଶୁ ଓ ଗର୍ଭବତୀ ମହିଳାଙ୍କ ଟିକାକରଣ ଅଭିଯାନ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତା ଦୋହରାଇଛନ୍ତି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ୟୁ-ୱିନ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ ୱିନ ନାମକ ଏକ ବୈଷୟିକ ସମାଧାନର ପରିକଳ୍ପନା କରିଛି। ୟୁ-ୱିନ ହେଉଛି ଏକ ଡିଜିଟାଲ ପ୍ଲାଟଫର୍ମ ଯାହା ସମଗ୍ର ଭାରତରେ ସମସ୍ତ ଗର୍ଭବତୀ ମହିଳା ଓ ଶିଶୁଙ୍କ ଟିକାରଣ ସ୍ଥିତିକୁ ଇଲେକ୍ଟ୍ରୋନିକ ଭାବରେ ପଞ୍ଜୀକରଣ ଏବଂ ତଦାରଖ କରେ।

ୟୁୱିନ ମୂଳତଃ ଏକ ନାମଭିତ୍ତିକ ରେଜିଷ୍ଟ୍ରି ଯାହା ଯେ କୌଣସି ସ୍ଥାନରେ, ଯେ କୌଣସି ସମୟରେ ଟିକାକରଣ ପାଇଁ ସୁବିଧା ପ୍ରଦାନ କରେ। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହୋଇଥିବା ଏହି ପ୍ଲାଟଫର୍ମରେ ଟିକାକରଣ ପ୍ରକ୍ରିୟାକୁ ସରଳ କରିବା ପାଇଁ ଅନେକ ଫିଚର ରହିଛି। ଗର୍ଭବତୀ ମହିଳାମାନେ ୟୁ-ୱିନ ଆପ ବା ପୋର୍ଟାଲ ମାଧ୍ୟମରେ ନିଜକୁ ପଞ୍ଜିକରଣ କରିପାରିବେ କିମ୍ବା ପଞ୍ଜୀକରଣ ପାଇଁ ନିଟସ୍ଥ ଟିକାକରଣ କେନ୍ଦ୍ରକୁ ଯାଇପାରିବେ। ପଞ୍ଜୀକୃତ ହେବା ପରେ ସ୍ୱାସ୍ଥ୍ୟ ସହାୟକମାନେ ଗର୍ଭବତୀ ମହିଳାଙ୍କ ପାଇଁ ଡାକ୍ତରୀ ଟିକାକରଣକୁ ନିରୀକ୍ଷଣ କରିପାରିବେ, ପ୍ରସବ ଫଳାଫଳ ରେକର୍ଡ଼ କରିପାରିବେ, ନବଜାତ ଶିଶୁଙ୍କର ପଞ୍ଜୀକରଣ କରିପାରିବେ ଯାହାଦ୍ୱାରା ସେମାନଙ୍କ ଟିକାକରଣ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ ହୋଇପାରିବ। କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ଏହି ଟିକାକରଣ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିପାରିବେ। ୟୁ-ୱିନ ପିତାମାତା ଏବଂ ଅଭିଭାବକଙ୍କୁ ଅନେକ ସୁବିଧା ପ୍ରଦାନ କରିଥାଏ। ଯାହାଦ୍ୱାରା ସେମାନେ ଦେଶର ଯେକୌଣସି ସ୍ଥାନରେ ଟିକାରଣ ସେବା ପାଇପାରିବେ ଏବଂ ଗୋଟିଏ ବିଟନ କ୍ଲିକ କରି ସେମାନଙ୍କ ପିଲାମାନଙ୍କୁ ସୁରଡ଼ିତ ରଖିପାରିବେ। ଏହି ପ୍ଲାଟଫର୍ମରେ ଟିକାକରଣ ପାଇଁ ଆଗୁଆ ପଞ୍ଜିକରଣ ସୁବିଧା ମଧ୍ୟ ଉପଲବ୍ଧ ଯାହା ପ୍ରବାସୀ ଶ୍ରମିକଙ୍କ ପାଇଁ ବିଶେଷ ଉପଯୋଗୀ ହୋଇଥାଏ। ୟୁ-ୱିନ ଭାଷାରେ ଉପଲବ୍ଧ, ଯାହା ପ୍ଲାଟଫର୍ମର ପ୍ରସାରକୁ ଅଧିକ ବ୍ୟାପକ କରିଥାଏ। ରେକର୍ଡ଼ ଗୁଡ଼ିକର ଡିଜିଟାଲକରଣ ହେଉଛି ଏହାର ଅନ୍ୟ ଏକ ପ୍ରମୁଖ ବୈଶିଷ୍ଟ୍ୟ। ପ୍ରତ୍ୟେକଥର ପ୍ରମାଣିତ ହୋଇଥିବା ହିତାଧିକାରୀ ଟିକା ନେଲେ ଠିକ ସେହି ସମୟରେ ଡିଜିଟାଲ ଟିକାକରଣରେକର୍ଡ଼ ସୃଷ୍ଟି ହୋଇଥାଏ। ହିତାଧିକାରୀମାନେ ଏକ ଡିଜିଟାଲ ସ୍ୱୀକୃତି ଏବଂ ଏକ କ୍ୟୁଆର ଆଧାରିତ ସାର୍ଟିଫିକେଟ ମଧ୍ୟ ପାଇଥାନ୍ତି। ଯାହାକୁ ଡାଉନଲୋଡ଼ କରି ମୋବାଇଲ ଡିଭାଇସରେ ଷ୍ଟୋର କରାଯାଇପାରିବ। ଏହା ବିଶେଷକରି ବିଦ୍ୟାଳୟ ନାମଲେଖା ଏବଂ ଯାତ୍ରା ପାଇଁ ଉପଯୋଗୀ ହୋଇଥାଏ। କେବଳ ସେତିକି ନୁହେଁ ୟୁ-ୱିନ ପ୍ଲାଟଫର୍ମ ପରବର୍ତ୍ତୀ ଟିକାକରଣ ଡୋଜ ପାଇଁ ଏସଏମଏସ ମାଧ୍ୟମରେ ସୂଚନା ଏବଂ ଆଲର୍ଟ ପଠାଇଥାଏ। ଯାହାକୁ ଦେଖି ଅଭିଭାବକ ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଟିକା ଡୋଜ ମଧ୍ୟରେ ନିର୍ଦ୍ଧାରିତ ସର୍ବନିମ୍ନ ବ୍ୟବଧାନକୁ ପାଳନ କରନ୍ତି। ସବୁଠାରୁ ବଡ଼ କଥା ହେଉଛି ୟୁ-ୱିନ ଏକ ଇଣ୍ଟିଗ୍ରେଟ ଭାବରେ କର୍ଯ୍ୟ କରେ ଯାହା ପିତାମାତା ଅଭିଭାବକ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ ଏବଂ ବ୍ୟାପକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଗୋଟିଏ ପ୍ଲାଟଫର୍ମରେ ଏକତ୍ରିତ କରେ। ୟୁ-ୱିନ ଜରିଆରେ ସମଗ୍ର ଦେଶରେ ଟିକାକରଣର ଅଗ୍ରଗତି ଓ ପ୍ରସାରକୁ ପ୍ରଭାବଶାଳୀ ଢ଼ଙ୍ଗରେ ସହଜରେ ତଦାରଖ କରାଯାଇପାରିବ। ୟୁ-ୱିନର ହିତାଧିକାରୀମାନେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଆକାଉଣ୍ଟ ଏବଂ ଶିଶୁ ଆଭା ଆଇଡ଼ି ତିଆରି କରିପାରିବେ। ଏହା ଦ୍ୱାରା ରୋଗୀର ଡାକ୍ତରୀ ସୂଚନା ସେମାନଙ୍କ ଆଗୁଆ ସହମତି ସହ ଚିକିତ୍ସା ପେସାଦାର ମାନଙ୍କୁ ଯୋଗାଇ ଦିଆଯାଇପାରେ। ଏହା ରୋଗୀର ପ୍ରାକ ଡାକ୍ତରୀ ବିବରଣୀକୁ ଗୋଟିଏ ଦୃଷ୍ଟିରେ ବୁଝିବା ଦ୍ୱାରା ଚିକିତ୍ସା ଫଳାଫଳରେ ଉନ୍ନତି ଆଣିପାରେ।

**ଫକୀର ମୋହନ ମେଡିକାଲ କଲେଜ, ବାଲେଶ୍ୱର**

# ଦୀପାବଳି ଓ ଧ୍ୱନି ପ୍ରଦୂଷଣ

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

**ଦୀପାବଳି ସହିତ ଧ୍ୱନି ପ୍ରଦୂଷଣର ସମ୍ପର୍କ ରହିଛି। କାରଣ ଆନନ୍ଦ ଓ ଆଲୋକର ମହାପାର୍ବଣ ଭିତରେ ଆମେ ଅଧିକାଂଶ ହୁଏତ ଜାଣି ନଥାନ୍ତୁ ଯେ ଖୁସି ମନାଉଥିବା ବାଣ ଭିତରେ ଯେଉଁ ଭୟାନକ ରାସାୟନିକ ପଦାର୍ଥ ରହିଥାଏ ତାହା ହେଉଛି ସୋଡ଼ିୟମ ଅକ୍ଜାଲେଟ୍, ଆଲୁମିନିୟମ, ଆର୍ସେନିକ୍, ସଲ୍ଫର ମାଙ୍ଗାନିଜ୍, ଲୁହାଗୁଣ୍ଡ, ପୋଟାସିୟମ୍, ପରକ୍ଲୋରେଟ୍, ଷ୍ଟ୍ରୋନ୍ସିଅମ୍ ନାଇଟ୍ରେଟ୍ ଇତ୍ୟାଦି। ଦହନ ସମୟରେ ପ୍ରଚୁର ପରିମାଣରେ ବିଷାକ୍ତ ବାଷ୍ପ ସଲଫର ଡାଇଅକ୍ସାଇଡ ଓ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ବାୟୁମଣ୍ଡଳରେ ପ୍ରବେଶ କରିଥାଏ।**

ଦୀପାବଳି ଏକ ସର୍ବଭାରତୀୟ ଉତ୍ସବ । ଏହି ଦିନ କେତେକ ସ୍ଥାନରେ ରାତି ଉଜାଗର ରହି ଲକ୍ଷ୍ମୀପୂଜା କରାଯାଏ ଏବଂ ବ୍ୟବସାୟୀମାନେ ଦୋକାନ ପୂଜା କରିବା ସହ ନୂଆ ଖାତା ଖୋଲନ୍ତି। କୁମାର ପୂର୍ଣ୍ଣିମା ପରି ଦୀପାବଳି ରାତିରେ ଉଜାଗର ରହି ତାସ୍ କିମ୍ବା ପଶା ଖେଳର ପରମ୍ପରା ଲକ୍ଷ୍ମୀ ଆରାଧନାର ପ୍ରତୀକ ବୋଲି ମନେ କରନ୍ତି ଅନେକ ଅଞ୍ଚଳର ଲୋକେ । ତାନ୍ତ୍ରିକଙ୍କ ସାଧନା ପାଇଁ ଦୀପାବଳି ଅମାବାସ୍ୟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦୀପାବଳି ସହ ସଂପୃକ୍ତ ଚାରିଟି ପର୍ବ ହେଉଛି ଧନଦା ତ୍ରୟୋଦଶୀ ବା ଧନ୍ତେରାସ୍, ନାରକ ଚତୁର୍ଦ୍ଦଶୀ, ଦୀପାବଳି ଓ ଗୋବର୍ଦ୍ଧନ ପୂଜା ପିତୃସତ୍ୟ ପାଳି ଚଉଦ ବର୍ଷ ବନବାସ ସାରି, ରାବଣ ନିଧନ ଓ ସୀତାଙ୍କୁ ଉଦ୍ଧାର କରି ରାମଚନ୍ଦ୍ର ଯେଉଁଦିନ ଅଯୋଧ୍ୟାକୁ ବାହୁଡ଼ି ଆସିଲେ ସେଦିନ ମହାଆନନ୍ଦରେ ରାଜ୍ୟବାସୀ ସୁନ୍ଦର ଦୀପାଲୋକରେ ନଗରୀକୁ ସଜାଇଦେଲେ । ରାମଚନ୍ଦ୍ରଙ୍କ ପ୍ରତ୍ୟାବର୍ତ୍ତନର ସ୍ମୃତି ଉତ୍ସବ ହେଉଛି ଏହି ଦୀପାବଳି ବୋଲି ମଧ କୁହାଯାଇଥାଏ । ଆହୁରି ପୁରାଣ ଅନୁସାରେ ଭଗବାନ ଶ୍ରୀକୃଷ୍ଣ ମା'ମହାକାଳୀଙ୍କ ସହାୟତାରେ ଅତ୍ୟାଚାରୀ ନାରକାସୁରକୁ ବଧ କରିଥିବାରୁ ଆନନ୍ଦରେ ଅଧୀର ମର୍ତ୍ତ୍ୟବାସୀ ଏହିଦିନ ଦୀପାଲୋକରେ ଘର ସଜାନ୍ତି ଏବଂ ମା'କାଳୀଙ୍କୁ ମଧ ପୂଜା କରନ୍ତି । ପୁଣି ଏହି ଦିନ ଓଡ଼ିଶାରେ ପାଳିତ ହୁଏ ପୟା ଅମାବାସ୍ୟା ଭାବେ । ପିତୃପୁରୁଷଙ୍କୁ ସନ୍ଧ୍ୟାରେ ଶ୍ରାଦ୍ଧଦାନ କରାଯିବା ସହ ବଳିତା ଓ କାଉଁରିଆ କାଠି ଜାଳି ପିତୃପୁରୁଷଙ୍କୁ ଅନ୍ଧାରରେ ଆସି ଆଲୁଅରେ ଯାଅ, ଅମୃତ ଦୃଷ୍ଟିରେ ଆମକୁ ଦେଖୁଥାଅ ବୋଲି ଡାକ ଦେଇ ଆଲୋକ ପ୍ରଦର୍ଶନ କରନ୍ତି । ଆଉ ଏକ ଘଟଣା ହେଲା ଦୀପାବଳି ଦିନ ଶ୍ରାଦ୍ଧ ପରେ ରାତିରେ ଘର ଅଗଣାରେ ଏକ ବୋଇତ ଚିତ୍ର ପଞ୍ଚବର୍ଣ୍ଣ ମୁରୁଜରେ ଆଙ୍କି ସେଥିରେ ବିଭିନ୍ନ କୋଠରୀରେ ଘରର ବାସନକୁସନ, ଗହଣାଗାଣ୍ଠି, ଧାନଚାଉଳ ରଖି ପୂଜା କରାଯାଏ । ବାଣ ଫୁଟାଇବା ଆନନ୍ଦ ଉତ୍ସବର ଏକ ପ୍ରତୀକ ହୋଇଥିବାରୁ ବିଭିନ୍ନ ପ୍ରକାର ବାଣ ଫୁଟାଇ ଆଜିକାଲି ଦୀପାବଳି ପାଳନ କରାଯାଉଛି ।

ଚଳିତ ବର୍ଷ କେବଳ ଦୀପାବଳି ନୁହେଁ ବର୍ଷ ତମାମ ଅନ୍ୟ ସମୟରେ ବାଣ ଫୁଟା ଓ ବାଣର ବ୍ୟବହାର ଉପରେ ସୁପ୍ରିମକୋର୍ଟ କଟକଣାକୁ କଠୋର କରିଛନ୍ତି। ଖଣ୍ଡପୀଠ କହିଛନ୍ତି ୨୦୨୧ରେ ପ୍ରଦୂଷଣ ସୃଷ୍ଟି କରୁଥିବା ବାଣ ବିକ୍ରି ଓ ଫୁଟାଇବାକୁ ନିଷିଦ୍ଧ କରିବା ପାଇଁ ଯେଉଁ ନିର୍ଦ୍ଦେଶ ରହିଥିଲା ତାହା ଭାରତର ସବୁ ରାଜ୍ୟ ପାଇଁ ସମାନ ଆଇନ ଭାବେ ନିଷିଦ୍ଧ ରହିବ। କେବଳ ସବୁଜ ବାଣ ବିକ୍ରିକୁ ଅନୁମତି ମିଳିବ ବୋଲି ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ପରିବେଶବିତଙ୍କ ଭିତରେ ସ୍ୱାଭାବିକ ଭାବେ ଆନନ୍ଦ ପ୍ରକାଶ ପାଇଛି। ନିକଟରେ ପ୍ରକାଶ ପାଇଛି ସ୍ୱାସ୍ଥ୍ୟଭିତ୍ତିକ ପତ୍ରିକା ଲାନ୍ସେଟ କମିଶନ ଅଫ୍ ହେଲଥ ଆଣ୍ଡ ପଲ୍ୟୁସନ୍ ରିପୋର୍ଟ। ଏଥିରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରଦୂଷଣଜନିତ ଅପମୃତ୍ୟୁ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ସର୍ବାଗ୍ରେ ରହିଛି। ୨୦୨୫ରେ ପ୍ରଦୂଷଣ କାରଣରୁ ସାରା ବିଶ୍ୱରେ ୧୦.୬ ମିଲିଅନ୍ ଲୋକ ମୃତ୍ୟୁବରଣ କରିଥିବା ବେଳେ ଭାରତର ଏହି




ସଂଖ୍ୟାରେ ଅଂଶ ହେଉଛି ୪.୮୧ ମିଲିଅନ୍। ପୁଣି ସବୁ ପ୍ରକାରର ପ୍ରଦୂଷଣ ଭିତରେ ବାୟୁ ପ୍ରଦୂଷଣ ହେଉଛି ସବୁଠୁ ବେଶୀ ମାରାତ୍ମକ। ଏଥିରେ ସେହି ବର୍ଷ ସମଗ୍ର ବିଶ୍ୱର ମୃତ୍ୟୁ ସଂଖ୍ୟା ଥିଲା ୭.୫ ମିଲିଅନ୍ ଏବଂ ଏଥିରେ ଭାରତର ଅଂଶ ଥିଲା ପ୍ରାୟ ୩୨ ପ୍ରତିଶତ ଅର୍ଥାତ୍ ୨.୪ ମିଲିଅନ୍। ସମ୍ବିଧାନର ଧାରା ୨୧ ଓ ୪୮ ଅନୁଯାୟୀ ନାଗରିକମାନଙ୍କୁ ସ୍ୱଚ୍ଛ ବାତାବରଣର ହକ ଦେବାର ଦାୟିତ୍ୱ ସମ୍ପର୍କରେ ଟ୍ରିବ୍ୟୁନାଲ ସରକାରଙ୍କୁ ସୂଚିତ କରିଛନ୍ତି। ସରକାର ଲୋକଙ୍କ ଠାରୁ ବଞ୍ଚିବାର ଅଧିକାର ଛଡ଼ାଇ ନେଉଛନ୍ତି ବୋଲି କହିଛନ୍ତି। କେନ୍ଦ୍ରୀୟ ପଲ୍ୟୁସନ୍ କଣ୍ଟ୍ରୋଲ ବୋର୍ଡ଼ର ତଥ୍ୟ ଅନୁଯାୟୀ ବିପଜ୍ଜନକ ଭାବେ ବାୟୁର ମାନ ବଢୁଛି। ଯେଉଁ ପିଏମ୍ସ୍ତର କେବଳ ୧୦୦ ହେବା ଆବଶ୍ୟକ ହୋଇଥିବା ବେଳେ ତାହା ଗତ ସପ୍ତାହରେ ୯୮୬ ଥିଲା। ସେହିପରି ପିଏମ୍ ୨.୫ର ସ୍ତର ୬୦ ବଦଳରେ ୪୨୦ ହୋଇଯାଉଛି ବୋଲି ଟ୍ରିବ୍ୟୁନାଲ ଦର୍ଶାଇଥିଲେ। ସେହିପରି ୧୦ ବର୍ଷରୁ ପୁରୁଣା ଡିଜେଲ ଗାଡ଼ି ଓ ୧୫ ବର୍ଷର ପୁରୁଣା ପେଟ୍ରୋଲ ଗାଡ଼ିକୁ ଦିଲ୍ଲୀରେ ପ୍ରବେଶର ସୁଯୋଗ ନ ଦେବାକୁ ଟ୍ରିବ୍ୟୁନାଲ କହିଛନ୍ତି। ଗତ ସପ୍ତାହରେ ପଞ୍ଜାବୀବାଗରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୭୯୯ ରେକର୍ଡ଼ କରାଯାଇଥିଲା। ଏ ନେଇ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଦୀପାବଳି ସହିତ ଧ୍ୱନି ପ୍ରଦୂଷଣର ସମ୍ପର୍କ ରହିଛି। କାରଣ ଆନନ୍ଦ ଓ ଆଲୋକର ମହାପାର୍ବଣ ଭିତରେ ଆମେ ଅଧିକାଂଶ ହୁଏତ ଜାଣି ନଥାନ୍ତୁ ଯେ ଖୁସି ମନାଉଥିବା ବାଣ ଭିତରେ ଯେଉଁ ଭୟାନକ ରାସାୟନିକ ପଦାର୍ଥ ରହିଥାଏ ତାହା ହେଉଛି ସୋଡ଼ିୟମ ଅକ୍ଜାଲେଟ୍, ଆଲୁମିନିୟମ, ଆର୍ସେନିକ୍, ସଲ୍ଫର ମାଙ୍ଗାନିଜ୍, ଲୁହାଗୁଣ୍ଡ, ପୋଟାସିୟମ୍, ପରକ୍ଲୋରେଟ୍, ଷ୍ଟ୍ରୋନ୍ସିଅମ୍ ନାଇଟ୍ରେଟ୍ ଇତ୍ୟାଦି। ଦହନ ସମୟରେ ପ୍ରଚୁର ପରିମାଣରେ ବିଷାକ୍ତ ବାଷ୍ପ ସଲଫର ଡାଇଅକ୍ସାଇଡ ଓ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ବାୟୁମଣ୍ଡଳରେ ପ୍ରବେଶ କରିଥାଏ। ଗବେଷଣାରୁ ଏହା ଜଣାପଡ଼େ ଯେ ରକେଟ୍ ବାଣ ଓ ଅନାରକଲି ବାଣ ଦ୍ୱାରା ପଲିକ୍ଲୋରିନେଟେଡ୍ ଡାଇଅକ୍ସିନ୍ ଏବଂ ଫ୍ୟୁରୋନ୍ ଭଳି କେତେକ ବିଷାକ୍ତ ରାସାୟନିକ ପଦାର୍ଥ ନିର୍ଗମନ ହୋଇଥାଏ।

ବର୍ଷକ ତମାମ ଭିତରେ ବିଶେଷକରି ଓଡ଼ିଆ ମାନଙ୍କ ପାଇଁ ପୁଣ୍ୟ କାର୍ତ୍ତିକ ଭିତରେ ଆସିଥାଏ ଏହି ଶୁଭ ଦୀପାବଳି। ଯାହାକି ହେଉଛି ନିଶ୍ଚିତ ଭାବରେ ଆମ ସମସ୍ତଙ୍କ ପାଇଁ ଆନନ୍ଦ, ତ୍ୟାଗ, ପ୍ରେରଣା ଓ ଉତ୍ସର୍ଗୀକୃତ ଚିନ୍ତା ଚେତନାର ପବିତ୍ର ସ୍ମୃତି ପୁଣ୍ୟ ତିଥି ତେବେ ଆମ ମାନଙ୍କ ଭିତରୁ ଅଧିକାଂଶ ହୁଏତ ଜାଣି ନଥାନ୍ତି ବାଣ ଫୁଟାଇବା ଓ ଆତସବାଜି ଦ୍ୱାରା ବାୟୁମଣ୍ଡଳରେ ବିଷାକ୍ତ ଭାରି ଧାତୁର ମାତ୍ରା ପ୍ରାୟ ୫୦ ରୁ ୧୦୦ଗୁଣ ବୃଦ୍ଧି ପାଇଥିବାର ଦୃଷ୍ଟାନ୍ତ ମିଳେ। ସାଧାରଣତଃ ବାଣଗୁଡ଼ିକରେ ୭୫ ପ୍ରତିଶତ ପୋଟାସିୟମ୍ ନାଇଟ୍ରେଟ୍, ୧୫ ପ୍ରତିଶତ କାର୍ବନ (ଅଙ୍ଗାରକ) ଓ ୧୦ ପ୍ରତିଶତ ସଲ୍‌ଫର (ଗନ୍ଧକ) ଥାଏ। ଶୀତ ଋତୁରେ ଦୀପାବଳି ପାଳନ ହୋଇଥାଏ ଏବଂ ଏହି ଋତୁରେ ପବନର ପ୍ରସାର ହ୍ରାସ ପାଇବା ଯୋଗୁଁ ନିର୍ଗତ ହୋଇଥିବା ବିଷାକ୍ତ ବାଷ୍ପଗୁଡ଼ିକ ବାୟୁମଣ୍ଡଳରେ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ରହିଯାଏ ଯାହାଦ୍ୱାରା ପ୍ରଦୂଷଣର ପ୍ରଭାବ ବୃଦ୍ଧି ପାଏ। ଏହିସବୁ ବିଷାକ୍ତ ବାଷ୍ପ ଯୋଗୁଁ ଫୁସ୍‌ଫୁସ୍ ଜନିତ ରୋଗ, ବ୍ରୋଙ୍କାଇଟିସ୍, ଚକ୍ଷୁ, ଗଳାଜନିତ ରୋଗ, ହୃଦ୍‌ରୋଗ ଆଦିର ଶିକାର ମନୁଷ୍ୟ ହୋଇଥାଏ। ଏହା ବ୍ୟତୀତ ଦୀପାବଳି ଅବସରରେ ଧ୍ୱନି ପ୍ରଦୂଷଣ ମଧ ବ୍ୟାପକ ହୋଇଥାଏ। ଧ୍ୱନି ପ୍ରଦୂଷଣ ହୃଦ୍‌ରୋଗୀଙ୍କ ପାଇଁ ଭୟାବହ। ଧ୍ୱନିର ମାତ୍ରା ଏହି ସମୟରେ ୧୦୦ରୁ ୧୪୦ ଡେସିବେଲ୍ ପର୍ଯ୍ୟନ୍ତ ପହଞ୍ଚିଥାଏ ଯାହାକି ମାରାତ୍ମକ। ଏହାଦ୍ୱାରା ଆମ ଶରୀରରେ ଆଡ୍ରେନାଲିନ୍ ନାମକ ହରମୋନ୍‌ର ମାତ୍ରା ଅଧିକ ହୋଇଥାଏ। ଯାହାଫଳରେ ରକ୍ତଚାପର ବୃଦ୍ଧି ଘଟିଥାଏ। ତେଣୁ ଏହିସବୁ ବିପଦକୁ ଆମନ୍ତ୍ରଣ କରିବା ଅପେକ୍ଷା କେବଳ ଦୀପ ଜାଳି ଦୀପାବଳି ଉତ୍ସବ ପାଳନ କରିବା ଏବଂ ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବା। ଆମ ସମସ୍ତଙ୍କ ପାଇଁ ମାନବର ଅଙ୍ଗପ୍ରତ୍ୟଙ୍ଗ ଭିତରେ କାନ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଅସଚେତନତା ପାଇଁ ଆମେ ଏହାକୁ ଗୁରୁତ୍ୱ ଦେଇନଥାଉ। ଦୀପାବଳିରେ ବାଣ ଓ ବାହ୍ୟ ଖର୍ଚ୍ଚ ଅପେକ୍ଷା ଆମ ସମସ୍ତଙ୍କ ଭିତରେ ରହିଥିବା ସ୍ୱାର୍ଥପରତା, ମିଥ୍ୟାବାଦୀତା ବା ଅନ୍ୟ ଯେକୌଣସି ଗୁଣକୁ ଏହି ପୁଣ୍ୟ ପାର୍ବଣ ଦୀପାବଳିରେ ସମର୍ପଣ କରିପାରିଲେ ଏହା ହିଁ ହେବ ସବୁଠାରୁ ବଡ଼ ସ୍ମରଣ ଆଲୋକ ଓ ଆନନ୍ଦର ମହାପାର୍ବଣ - ଦୀପାବଳି।

କଟକ, ଦୂରଭାଷ : ୯୪୩୮୨୭୬୭୬୦

# ସୀମାରେ ବିବାଦ, ରାଜଧାନୀରେ ନିରବତା !

**ଅଖିଳ ତରାଇ**

**ସବୁଠାରୁ ବଡ଼ କଥା ହେଉଛି, କୋଟିଆକୁ କେବଳ ନିର୍ବାଚନ ସମୟର ରାଜନୈତିକ ପ୍ରସଙ୍ଗ କରା ନଯାଉ। ଆନ୍ଧ୍ରପ୍ରଦେଶରେ ନିର୍ବାଚନ ଆସିଲେ କୋଟିଆ କଥା ଉଠେ, ଓଡ଼ିଶାରେ ରାଜନୈତିକ ଚର୍ଚ୍ଚା ବଢ଼େ, ନେତାମାନେ ଗସ୍ତ କରନ୍ତି, ବିବୃତି ଦିଅନ୍ତି; କିନ୍ତୁ ନିର୍ବାଚନ ସରିଗଲେ ପୁଣି ସବୁ ଶାନ୍ତ। ଏହି ପରମ୍ପରାର ଅନ୍ତ ହେବା ଦରକାର। କୋଟିଆ ପ୍ରସଙ୍ଗରେ ଶାସକ ଓ ବିରୋଧୀ ଦଳ ଏକାଠି ହୋଇ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଲଢ଼ିବା ଦରକାର। କୋଟିଆର ଲୋକମାନେ କୌଣସି ରାଜନୈତିକ ଦଳର ଭୋଟ ବ୍ୟାଙ୍କ ନୁହନ୍ତି।**

ନିର୍ବାଚନୀ ପ୍ରତିଶ୍ରୁତି, ରାଜନୈତିକ ଆରୋପ-ପ୍ରତ୍ୟାରୋପ ଓ ଆଇନଗତ ଲଢ଼େଇ ଭିତରେ ହଜିଯାଉଛି କୋଟିଆବାସୀଙ୍କ ଭବିଷ୍ୟତ। ଏବେ ଆବଶ୍ୟକ କେବଳ ଆଶ୍ୱାସନା ନୁହେଁ, ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଓ ସମୟବଦ୍ଧ ସମାଧାନ। ଓଡ଼ିଶାର ମାନଚିତ୍ରରେ କୋଟିଆ କେବଳ ଏକ ଭୌଗୋଳିକ ଅଞ୍ଚଳ ନୁହେଁ, ଏହା ରାଜ୍ୟର ସୀମା ସୁରକ୍ଷା, ଓଡ଼ିଆ ଅସ୍ମିତା ଓ ଆଦିବାସୀଙ୍କ ଅଧିକାର ସହ ଜଡ଼ିତ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଦଶନ୍ଧି ଦଶନ୍ଧି ଧରି ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଏହି ଅଞ୍ଚଳକୁ ନେଇ ବିବାଦ ଲାଗି ରହିଛି। ସରକାର ବଦଳିଛନ୍ତି, ନେତା ବଦଳିଛନ୍ତି, ନିର୍ବାଚନୀ ସ୍ଲୋଗାନ ବଦଳିଛି, କିନ୍ତୁ କୋଟିଆର ଭାଗ୍ୟ ବଦଳିପାରିନାହିଁ। ପ୍ରଶ୍ନ ହେଉଛି, ଆଉ କେତେ ଦିନ ଏମିତି ଚାଲିବ?

କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକର କୋଟିଆ ପଞ୍ଚାୟତରେ ରହିଛି ୨୮ଟି ଗାଁ। ସେଥିମଧ୍ୟରୁ ୨୧ଟି ଗାଁକୁ ନେଇ ଉଭୟ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ନିଜ ନିଜର ପ୍ରଶାସନିକ ଅଧିକାର ଦାବି କରିଆସୁଛନ୍ତି। ଏହି ବିବାଦ ନୂଆ ନୁହେଁ। ୧୯୬୮ ମସିହାରେ ଓଡ଼ିଶା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ୨୦୦୬ ମସିହାରେ ସୁପ୍ରିମକୋର୍ଟ ପୂର୍ବ ମାମଲାକୁ ଆଇନଗତ ଆଧାରରେ ଖାରଜ କରିବା ସହ ଉଭୟ ରାଜ୍ୟକୁ ସ୍ଥିତାବସ୍ଥା ବଜାୟ ରଖିବାକୁ କହିଥିଲେ। ଆନ୍ତଃରାଜ୍ୟ ସୀମା ବିବାଦର ସ୍ଥାୟୀ ସମାଧାନରେ ସଂସଦର ସାମ୍ବିଧାନିକ ଭୂମିକା ମଧ ରହିଛି। ତଥାପି ଦୀର୍ଘ ବର୍ଷ ପରେ ବି ଏହି ପ୍ରସଙ୍ଗରେ କୌଣସି ଅନ୍ତିମ ସମାଧାନ ହୋଇପାରିନାହିଁ।

ବିଶେଷକରି ୨୦୨୧ ମସିହାରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ବିବାଦୀୟ ଗାଁଗୁଡ଼ିକରେ ପଞ୍ଚାୟତ ନିର୍ବାଚନ କରାଯିବା ପରେ ବିବାଦ ଅଧିକ ତୀବ୍ର ହୋଇଥିଲା। ଏହାର ସ୍ଥାୟୀ ସମାଧାନ ପାଇଁ ୨୦୨୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନ୍ଧ୍ରର ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଏକ ମିଳିତ ବ୍ୟବସ୍ଥା ଗଠନ ପାଇଁ ସହମତି ପ୍ରକାଶ କରିଥିଲେ। ୨୦୨୨ ମସିହାରେ ଓଡ଼ିଶା ପୁଣି ସୁପ୍ରିମକୋର୍ଟରେ ମୂଳ ମାମଲା ଦାୟର କରିଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ବିବାଦର ଅନ୍ତିମ ନିଷ୍ପତ୍ତି ଆସିନାହିଁ।

ସବୁଠାରୁ ଚିନ୍ତାଜନକ କଥା ହେଉଛି, ୨୦୨୬ ଅକ୍ଟୋବରରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ଫଗୁଣସିନେରୀ, ଗଞ୍ଜେଇପଦର ଓ ଫାଟୁସିନେରୀ ଗାଁରେ ପଞ୍ଚାୟତ ନିର୍ବାଚନ ପାଇଁ ଘୋଷଣା କରାଯିବା ପରେ ବିବାଦ ପୁଣି ଉଗ୍ର ରୂପ ନେଇଛି। ଏହାର ପ୍ରତିବାଦରେ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ଅଦାଲତ ଅବମାନନା ମାମଲା ଦାୟର କରିଛନ୍ତି। ନଭେମ୍ବର ୫ରେ ନିର୍ବାଚନ ପ୍ରକ୍ରିୟାକୁ ନେଇ ଉତ୍ତେଜନା ଆଶଙ୍କା ଥିବାରୁ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହୋଇଛି। ଅକ୍ଟୋବର ୨୯ରେ ବିଜେପି, ବିଜେଡି ଓ କଂଗ୍ରେସ ନେତାମାନେ ଦଳୀୟ ମତଭେଦ ଭୁଲି କୋଟିଆର ସ୍ୱାର୍ଥ ରକ୍ଷା ପାଇଁ ଏକାଠି ହେବା ଏକ ସକାରାତ୍ମକ ସଙ୍କେତ।

ଏଠାରେ ଆଉ ଏକ ପ୍ରଶ୍ନ ଉଠୁଛି। ୨୦୨୪ ନିର୍ବାଚନ ପୂର୍ବରୁ କୋଟିଆ ସମସ୍ୟାର ସ୍ଥାୟୀ ସମାଧାନ ଓ ଓଡ଼ିଶାର ଭୌଗୋଳିକ ଅଖଣ୍ଡତା ରକ୍ଷାକୁ ନେଇ ବିଜେପି ଦୃଢ଼ ପ୍ରତିଶ୍ରୁତି ଦେଇଥିଲା। ସେତେବେଳେ ବିରୋଧୀ ଦଳରେ ଥିବା ବିଜେପି ନେତାମାନେ ତତ୍କାଳୀନ ସରକାରଙ୍କ ଉପରେ କଡ଼ା ଆକ୍ରମଣ କରୁଥିଲେ। ଆଜି ସେହି ଦଳ ରାଜ୍ୟରେ କ୍ଷମତାସୀନ। ଏପରିକି କେନ୍ଦ୍ରରେ ଓ ଆନ୍ଧ୍ରପ୍ରଦେଶରେ ମଧ ଏନ୍‌ଡିଏ ସହଯୋଗୀ ଦଳର ସରକାର ରହିଛି। ଏଭଳି ଅନୁକୂଳ ରାଜନୈତିକ ପରିସ୍ଥିତିରେ ମଧ ଯଦି କୋଟିଆ ବିବାଦର ସମାଧାନ ହୋଇପାରୁନାହିଁ, ତେବେ ଡବଲ୍ ଇଞ୍ଜିନ ସରକାରର ପ୍ରକୃତ ଲାଭ ଓଡ଼ିଶା କେବେ ପାଇବ?

ଅନ୍ୟପଟେ ବିଜେଡି ପକ୍ଷରୁ ବର୍ତ୍ତମାନର ସରକାରଙ୍କୁ ଟାର୍ଗେଟ କରାଯାଉଛି। ଟିଡିପି କେନ୍ଦ୍ରରେ ଏନ୍‌ଡିଏର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ହୋଇଥିବାରୁ ଓଡ଼ିଶା ସରକାର ଆନ୍ଧ୍ର ବିରୋଧରେ କଠୋର ଆଭିମୁଖ୍ୟ ନେବାରେ କୁଣ୍ଠାବୋଧ କରୁଛନ୍ତି କି ବୋଲି ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଏହା ଏକ ରାଜନୈତିକ ଆରୋପ ହୋଇପାରେ, କିନ୍ତୁ ଏହାର ଜବାବ କେବଳ ବିବୃତି ଦେଇ ନୁହେଁ, ଦୃଶ୍ୟମାନ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ସରକାରଙ୍କୁ ଦେବାକୁ ପଡ଼ିବ। ପୂର୍ବ ସରକାର ଦୀର୍ଘ ୨୪ ବର୍ଷରେ ସମସ୍ୟାର ସମାଧାନ କରିପାରିନଥିଲେ ବୋଲି କହି ବର୍ତ୍ତମାନର ସରକାର ନିଜ ଦାୟିତ୍ୱରୁ ମୁକ୍ତ ହୋଇପାରିବେ ନାହିଁ।

କେବଳ ସୀମା ବିବାଦ ନୁହେଁ, କୋଟିଆବାସୀଙ୍କ ମନ ଜିତିବା ମଧ ଏହି ସମସ୍ୟାର ଏକ ବଡ଼ ଦିଗ। ଯେଉଁ ଅଞ୍ଚଳରେ ଦୁଇ ରାଜ୍ୟର ସରକାରୀ ଅଧିକାରୀ ପହଞ୍ଚୁଛନ୍ତି, ଯେଉଁଠାରେ ଲୋକେ ଉଭୟ ରାଜ୍ୟର ଯୋଜନାର ସୁବିଧା ପାଉଥିବା କୁହାଯାଇଛି। ସେଠାରେ ପ୍ରଶାସନିକ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସ୍ୱାଭାବିକ। କେତେକ ଲୋକଙ୍କ ପାଖରେ ଉଭୟ ରାଜ୍ୟର ପରିଚୟପତ୍ର ଥିବା ଖବର ମଧ ସାମ୍ନାକୁ ଆସିଛି। ଏହା କେବଳ ପ୍ରଶାସନିକ ସମସ୍ୟା ନୁହେଁ, ଏହା ସେଠାକାର ଲୋକଙ୍କ ଭବିଷ୍ୟତ ଓ ପରିଚୟର ପ୍ରଶ୍ନ।

ସରକାରଙ୍କ ପକ୍ଷରୁ ୨୦୨୫ ମସିହାରେ ଜଣେ ମନ୍ତ୍ରୀଙ୍କ ଅଧକ୍ଷତାରେ ୧୬ ଜଣିଆ କମିଟି ଗଠନ କରାଯାଇ କୋଟିଆର ସ୍ୱତନ୍ତ୍ର ବିକାଶ ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଛି। କିନ୍ତୁ କମିଟି ଗଠନ କିମ୍ବା ମନ୍ତ୍ରୀଙ୍କ ଗସ୍ତ ମାତ୍ରରେ ସମସ୍ୟାର ସମାଧାନ ହେବନାହିଁ। ପ୍ରତ୍ୟେକ ଗାଁରେ ରାସ୍ତା, ପାନୀୟ ଜଳ, ବିଦ୍ୟୁତ୍, ସ୍ୱାସ୍ଥ୍ୟସେବା, ଶିକ୍ଷା, ଜୀବିକା ଓ ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ପଡ଼ିବ। ଓଡ଼ିଶା ସରକାରଙ୍କ ଯୋଜନା ଯେପରି ପ୍ରତ୍ୟେକ ଯୋଗ୍ୟ ପରିବାର ପାଖରେ ନିରନ୍ତର ପହଞ୍ଚିବ, ସେଥିପାଇଁ ସ୍ଥାୟୀ ପ୍ରଶାସନିକ ବ୍ୟବସ୍ଥା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଅତ୍ୟନ୍ତ ଜରୁରୀ। ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହ ମନ୍ତ୍ରଣାଳୟ, ଆଇନ ବିଶେଷଜ୍ଞ ଓ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଉଚ୍ଚସ୍ତରୀୟ ଆଲୋଚନା ହେବା ଆବଶ୍ୟକ। ଇତିହାସ, ରାଜସ୍ୱ ରେକର୍ଡ, ପୁରୁଣା ସର୍ଭେ, ଜନଗଣନା ତଥ୍ୟ ଓ ପ୍ରଶାସନିକ ଦସ୍ତାବିଜକୁ ଆଧାର କରି ଏକ ସ୍ପଷ୍ଟ ଆଇନଗତ ରଣନୀତି ପ୍ରସ୍ତୁତ କରାଯିବା ଦରକାର। ସମ୍ବିଧାନର ଅନୁଚ୍ଛେଦ- ୩ ଅନୁଯାୟୀ ରାଜ୍ୟର ସୀମା ପରିବର୍ତ୍ତନ ସମ୍ପର୍କରେ ସଂସଦର ଭୂମିକା ରହିଛି। ତେଣୁ ଏହି ଦିଗରେ କେନ୍ଦ୍ର ସରକାର ଆଇନଗତ ଓ ସାମ୍ବିଧାନିକ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ଆବଶ୍ୟକ।

ସବୁଠାରୁ ବଡ଼ କଥା ହେଉଛି, କୋଟିଆକୁ କେବଳ ନିର୍ବାଚନ ସମୟର ରାଜନୈତିକ ପ୍ରସଙ୍ଗ କରା ନଯାଉ। ଆନ୍ଧ୍ରପ୍ରଦେଶରେ ନିର୍ବାଚନ ଆସିଲେ କୋଟିଆ କଥା ଉଠେ, ଓଡ଼ିଶାରେ ରାଜନୈତିକ ଚର୍ଚ୍ଚା ବଢ଼େ, ନେତାମାନେ ଗସ୍ତ କରନ୍ତି, ବିବୃତି ଦିଅନ୍ତି; କିନ୍ତୁ ନିର୍ବାଚନ ସରିଗଲେ ପୁଣି ସବୁ ଶାନ୍ତ। ଏହି ପରମ୍ପରାର ଅନ୍ତ ହେବା ଦରକାର। କୋଟିଆ ପ୍ରସଙ୍ଗରେ ଶାସକ ଓ ବିରୋଧୀ ଦଳ ଏକାଠି ହୋଇ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଲଢ଼ିବା ଦରକାର। କୋଟିଆର ଲୋକମାନେ କୌଣସି ରାଜନୈତିକ ଦଳର ଭୋଟ ବ୍ୟାଙ୍କ ନୁହନ୍ତି। ସେମାନେ ଓଡ଼ିଶାର ନାଗରିକ, ସେମାନଙ୍କର ମଧ ସମ୍ମାନର ସହ ବଞ୍ଚିବା ଓ ନିଜ ଅଞ୍ଚଳରେ ଉନ୍ନତି ପାଇବାର ଅଧିକାର ରହିଛି। ସେମାନଙ୍କୁ ଦୁଇ ରାଜ୍ୟର ପ୍ରତିଯୋଗିତା ମଧ୍ୟରେ ଅନିଶ୍ଚିତତାରେ ଛାଡ଼ିଦେବା ଉଚିତ ନୁହେଁ।




ଆଜି ଓଡ଼ିଶାବାସୀଙ୍କ ମନରେ ଗୋଟିଏ ପ୍ରଶ୍ନ - କୋଟିଆ ବିବାଦର ସମାଧାନ କେବେ? ଡବଲ୍ ଇଞ୍ଜିନ ସରକାର ଏହି ସୁଯୋଗକୁ ଐତିହାସିକ ପଦକ୍ଷେପରେ ପରିଣତ କରିବେ ନା ଏହି ପ୍ରସଙ୍ଗ ମଧ ଆଉ ଏକ ନିର୍ବାଚନୀ ପ୍ରତିଶ୍ରୁତି ହୋଇ ରହିଯିବ ଓଡ଼ିଶାର ଭୌଗୋଳିକ ଅଖଣ୍ଡତା କୌଣସି ଦଳର ରାଜନୈତିକ ସ୍ୱାର୍ଥଠାରୁ ବଡ଼। ଏବେ ଆବଶ୍ୟକ ଆଶ୍ୱାସନା ନୁହେଁ, ଦୃଢ଼ ନିଷ୍ପତ୍ତି; ବିବୃତି ନୁହେଁ, ଫଳପ୍ରଦ କାର୍ଯ୍ୟାନୁଷ୍ଠାନ। କୋଟିଆର ସମାଧାନ ଯେତେ ବିଳମ୍ବ ହେବ, ଓଡ଼ିଶାର ସୀମା ସୁରକ୍ଷା ପ୍ରତି ଚ୍ୟାଲେଞ୍ଜ ସେତେ ବଢ଼ିବ।

ଗଞ୍ଜାମ,୭୬୮୭୦୦୧୦୦୧

## ନଦୀରୁ ୨ ମୃତଦେହ ଉଦ୍ଧାର

ରାୟଗଡା ୪/୧୧(ନିପ୍ର): ବାତ୍ୟା ଯୋଗୁଁ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇ ୩ ଜଣ ଭାସିଯାଇଥିଲେ। ସେଥିମଧ୍ୟରୁ ୨ଜଣଙ୍କ ମୃତଦେହ ଆଜି ଉଦ୍ଧାର କରାଯାଇଥିବା ବେଳେ ଜଣେ ନାବାଳକ ନିଖୋଜ ଅଛନ୍ତି । ସୂଚନାରୁ ଜଣାପଡିଛି ଗତ ତିନିଦିନ ତଳେ ନାଗାବଳୀ ନଦୀରେ ଗାଧୋଇବାକୁ ଯାଇ ନିଖୋଜ ଥିବା ଜଣେ ନାବାଳକଙ୍କ ମୃତଦେହ ଆଜି ଉଦ୍ଧାର କରାଯାଇଛି। ମୃତକ ହେଲେ ୧୪ ବର୍ଷୀୟ ପ୍ରଭାତ କୁମାର ପାଣି। ଅଗ୍ନିଶମ ବିଭାଗର ଉଦ୍ଧାରକାରୀ ଦଳ ନାଗାବଳୀ ନଦୀରୁ ଆଜି ତାଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ସୂଚନାନୁସାରେ ପ୍ରଭାତ ଗତ ରବିବାର ସାଙ୍ଗମାନଙ୍କ ସହ ରାୟଗଡ଼ା ନିକଟ ଅଣ୍ଡାରୀଗୁଡ଼ା ଅଞ୍ଚଳର ନାଗାବଳୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧେଇବା ସମୟରେ ପ୍ରଖର ଜଳସ୍ରୋତରେ ସେ ଭାସିଯାଇଥିଲେ। ସେ ରାୟଗଡ଼ାରେ ମାମୁଘରେ ରହି ପାଠ ପଢୁଥିବା ଜଣାପଡ଼ିଛି। ସେହିଭଳି ରାୟଗଡ଼ା ଜିଲ୍ଲା ଗୁଣପୁର ପୌର ପରିଷଦ ୪ ନମ୍ବର ଓ୍ୱାର୍ଡର ଜଣେ ବୃଦ୍ଧା ବଂଶଧାରା ନଦୀକୁ ଗାଧୋଇବାକୁ ଯାଇ ଗତ ୧ତାରିଖ ସନ୍ଧ୍ୟାରୁ ନିଖୋଜ ହୋଇଯାଇଥିବା ଘଟଣାରେ ଆଜି ତାଙ୍କ ମୃତଦେହ ଉଦ୍ଧାର ହୋଇଥିବା ଜଣାପଡିଛି । ବୃଦ୍ଧା ଜଣକ ହେଲେ କତାଲାଗୁଡା ଗ୍ରାମର ବି.ପାଗାଡ଼ାଲୁ ଓ ପରିବାରବର୍ଗଙ୍କ ସୂଚନା ଅନୁଯାୟୀ , ନିଖୋଜ ବୃଦ୍ଧା ଜଣକ ଗ୍ରାମର ଅନ୍ୟ କିଛି ମହିଳାଙ୍କ ସହ କପା ତୋଳିବାକୁ ଯାଇ, କପା ତୋଳି ଘରକୁ ଫେରିବା ସମୟରେ ସନ୍ଧ୍ୟାରେ ନଦୀ ତୁଠକୁ ଗାଧୋଇବାକୁ ଯାଇ ବଂଶଧାରା ନଦୀରେ ଭାସି ଯାଇଥିଲେ । ଆଜି ଗ୍ରାମବାସୀ ବୃଦ୍ଧାଙ୍କ ଶବକୁ ନଦୀରେ ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ । ଅନ୍ୟ ଏକ ଘଟଣାରେ ଆଜି ଝଞ୍ଜାବତୀ ନଦୀରେ ଗାଧୋଇବାକୁ ଯାଇ ଆଉ ଜଣେ ୧୪ ବର୍ଷୀୟ ନାବାଳକ କାନି ଖୋସଲା ନିଖୋଜ ହୋଇଯାଇଛନ୍ତି।

## ଦାୟିତ୍ୱ ହରାଉଛି ଠିକା ସଂସ୍ଥା
## ଏନଏସିର ଜଳୁନି ଷ୍ଟ୍ରିଟ ଲାଇଟ

ତରଭା,୪।୧୧ (ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ଅତ୍ୟାବଶ୍ୟକୀୟ ସ୍ଥାନଗୁଡ଼ିକରେ ମାସ ମାସ ହେଲା ଷ୍ଟ୍ରିଟ୍ ଲାଇଟ୍ ଜଳୁନଥିବା ଅଭିଯୋଗ ହେଉଛି । ସେଗୁଡିକ ମଧ୍ୟରେ ତରଭା ଅନ୍ତର୍ଭା ସ୍ୱାଗତ ଗେଟ ରୁ ନୋବଦୟ ରାସ୍ତା, ମସଜିଦ ରୋଡରୁ ଦଧିବାମନ ପଡା ଓ ସ୍ମାର୍ଟ ପାର୍କ ଆଦି ସ୍ଥାନରେ ଥିବା ଷ୍ଟ୍ରିଟ ଲାଇଟ ଗୁଡିକ ଜଳୁନଥିବାରୁ ଏହି ଅଞ୍ଚଳ ଅନ୍ଧାର ରହୁଛି । ଏନେଇ ତରଭା ଏନଏସି ବିଭାଗୀୟ ଅଧିକାରୀ ଡିଏମଏମଙ୍କ ସହ ଯୋଗାଯୋଗ କରିବାରୁ ଜଣାଗଲା ଯେ ସମ୍ପୃକ୍ତ ଷ୍ଟ୍ରିଟ୍ ଲାଇଟ୍ କାମ କରିଥିବା ଗ୍ରୀନ ଫିଲ୍ଡ ବାଜାଜ କମ୍ପାନୀ ପକ୍ଷରୁ ଏ ଯାଏଁ ଉକ୍ତ କାମ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦରକୁ ହସ୍ତାନ୍ତର କରାଯାଇନାହିଁ। ଯାହାର ଫଳରେ ସହରର ଆଲୋକୀକରଣ ବ୍ୟବସ୍ଥାରେ ଅନେକ ଗୁଡିଏ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ତରଭା ସହରର ଉପରୋକ୍ତ ରାସ୍ତାଗୁଡ଼ିକରେ ଉପରୋକ୍ତ କମ୍ପାନୀ ଦ୍ୱାରା ସମୁଦାୟ ୩୨୦ଟି ପୋଲରେ ଲାଇଟ ଲଗାଇବାର ସର୍ତ୍ତ ରହିଛି। ବର୍ତ୍ତମାନ ୩୨୦ ପୋଲରୁ ୨୩୧ଟି ପୋଲରେ ଆଲୋକୀକରଣ ବ୍ୟବସ୍ଥା ହୋଇଥିବା ବେଳେ ୮୯ ଟି ପୋଲରେ ଏଯାଏଁ ଆଲୋକୀକରଣ ବ୍ୟବସ୍ଥା ହୋଇନାହିଁ। ଆଲୋକୀକରଣ ହୋଇନଥିବା ୫୪ ଟି ପୋଲ ଥିବା ନବୋଦୟ ରାସ୍ତା ଅତି ନିଛାଟିଆ ଏବଂ ଏହି ରାସ୍ତାରେ ଅନେକ ସମୟରେ ବହୁବାର ଅସାମାଜିକ କାର୍ଯ୍ୟକଳାପ ଘଟୁଥିବା ଅଭିଯୋଗ ହୋଇଆସୁଛି । ସେହିପରି ମସଜିଦ୍‌ଠୁ ଦଧିବାମନ ପଡାରାସ୍ତାରେ ସବୁବେଳେ ଲୋକଙ୍କ ଯିବା ଆସିବା ଲାଗିଥାଏ। ଅନ୍ୟତମ ସ୍ମାର୍ଟ ପାର୍କ ଯାହା ସହରର ଏକ ମାତ୍ର ପାର୍କ ଯେଉଁଠାରେ ପିଲା ଠୁ ବୁଢା ସକାଳ ଏବଂ ସନ୍ଧ୍ୟାରେ ଭିଡ ଲାଗେ ସେଭଳି ରାସ୍ତା ଅନ୍ଧକାର ରହିବା ଯୋଗୁଁ ନାହିଁ ନ ଥିବା ଅସୁବିଧା ହେଉଛି । ଉପରୋକ୍ତ ସମସ୍ୟା ନେଇ ଏନଏସି କହୁଛି ଠିକା ସଂସ୍ଥା ର ଅବହେଳା ଓ ହସ୍ତାନ୍ତରଣ ହେବା କଥା କହୁଥିବା ବେଳେ ସଂପୃକ୍ତ ଠିକା ସଂସ୍ଥାର ଏପରି ବେପରୁଆ ମନୋଭାବ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି କରୁଛି । ଏଣୁ ଜିଲ୍ଲାପ୍ରଶାସନ ଏଦିଗରେ ତଦନ୍ତ ପୂର୍ବକ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

## ପୋଖରୀ ହୁଡାରୁ ଜବରଦଖଲ ଉଚ୍ଛେଦ ନେଇ ଦାବିପତ୍ର

ଖଣ୍ଡପଡ଼ା ୪।୧୧ (ନି.ପ୍ର) ଖଣ୍ଡପଡ଼ା ବ୍ଲକର ଖଳିସାହି ପଞ୍ଚାୟତ ଅଧୀନ ହନୁମାନଙ୍କ ପୋଖରୀ ହୁଡାରୁ ଜବରଦଖଲ ଉଚ୍ଛେଦ ନେଇ ସ୍ଥାନୀୟ ବାସିନ୍ଦା ଖଣ୍ଡପଡ଼ା ତହସିଲଦାରଙ୍କ ଠାରୁ ଆରମ୍ଭ କରି ନୟାଗଡ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିବା ଜଣାପଡିଛି ।ଉକ୍ତ ପୋଖରୀ ହୁଡାରେ ଜଣେ ବ୍ୟକ୍ତି ଦୀର୍ଘ ବର୍ଷ ଧରି ଏକ ଢାବା ଚଳାଇଥିବା ବେଳେ ବିଭିନ୍ନ ସମୟରେ ସେଠାରେ ନିଶାଦ୍ରବ୍ୟର ଅବାଧ କାରବାର ହେଉଥିବା ନେଇ ଅଭିଯୋଗ ହେଉଛି। କିବା ଦିନ ଓ ରାତିରେ ସେଠାରେ ନିଶାଖୋର ଓ ଅସାମାଜିକ ଯୁବକଙ୍କ ଭିଡ ପରିଲକ୍ଷିତ ହେଉଥିବା ଖଳିସାହି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି ।ପ୍ରକାଶଥାଉକି ଦୀର୍ଘ ବର୍ଷ ଧରି ପୋଖରୀ ହୁଡାରେ ଏକ ଢାବା ଚଳାଇ ଆସୁଥିବା ସଂପୃକ୍ତ ଢାବା ମାଲିକ ଜଣେ ନିଶାଖୋର ବ୍ୟକ୍ତି ହୋଇଥିବାରୁ ଏହାର ସୁଯୋଗ ନେଇ ଉକ୍ତ ଢାବାକୁ ଦୈନିକ ନିଶା ସେବନକାରୀ ଯୁବକମାନେ ଯାତାୟାତ କରୁଥିବା ବେଳେ ବିଭିନ୍ନ ସମୟରେ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏ ଦିଗରେ ଖଣ୍ଡପଡ଼ା ପୁଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ହନୁମାନଙ୍କ ପୋଖରୀ ହୁଡାରୁ ତୁରନ୍ତ ଜବରଦଖଲ ଉଚ୍ଛେଦ କରିବାକୁ ସାଧାରଣରେ ଦାବି ହେଉଛି। ଅଭିଯୋଗ ସଂର୍ପକରେ ଖଣ୍ଡପଡ଼ା ତହସିଲଦାରଙ୍କୁ ଯୋଗାଯୋଗ କରିବାରେ ନୟାଗଡ ଉପ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ସେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି।

## ପଞ୍ଚାୟତ ଓ ପୌର ନିର୍ବାଚନ: ମାଲକାନଗିରିରେ ଘରକୁ ଘର ସର୍ଭେ

ମାଲକାନଗିରି,୪।୧୧ (ନିପ୍ର); ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ଏବଂ ପୌର ନିର୍ବାଚନ-୨୦୨୭ ନିମନ୍ତେ ଜିଲ୍ଲାବ୍ୟାପୀ ଚାଲିଥିବା ଘରକୁ ଘର ସର୍ଭେ କାର୍ଯ୍ୟର ଅନୁଧ୍ୟାନ ଓ ସମୀକ୍ଷା ପାଇଁ ରାଜ୍ୟ ସରକାରଙ୍କ ଅତିରିକ୍ତ ଶାସନ ସଚିବ ତଥା ସ୍ୱତନ୍ତ୍ର ନିର୍ବାଚନ ଅବଜରଭର୍ ସଂଗ୍ରାମ ଶେଖର ପଣ୍ଡା ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି। ଗସ୍ତର ପ୍ରଥମ ପର୍ଯ୍ୟାୟରେ ସେ ଖଇରପୁଟ ଏବଂ ମାଥିଲି ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି କ୍ଷେତ୍ର ସ୍ତରରେ ଚାଲିଥିବା ସର୍ଭେ କାର୍ଯ୍ୟର ସିଧାସଳଖ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ସେ ସ୍ଥାନୀୟ ନିର୍ବାଚନ କର୍ମଚାରୀ, ବିଏଲଓ ଏବଂ ସୁପରଭାଇଜରମାନଙ୍କ ସହ କାର୍ଯ୍ୟର ପ୍ରଗତି ନେଇ ଆଲୋଚନା କରିବା ସହ ନିର୍ଦ୍ଧାରିତ ସମୟସୀମା (୨୬ ଅକ୍ଟୋବରରୁ ୭ ନଭେମ୍ବର) ମଧ୍ୟରେ ସମସ୍ତ କାର୍ଯ୍ୟକୁ ସ୍ୱଚ୍ଛ, ନିରପେକ୍ଷ ଓ ତ୍ରୁଟିଶୂନ୍ୟ ଭାବେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ଓ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ ମାଲକାନଗିରି ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ପଞ୍ଚାୟତ ଅଧିକାରୀ ବିମଳ କୁମାର ଲେଙ୍କା, ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଏଲଓ , ସୁପରଭାଇଜର ଏବଂ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ସର୍ଭେ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ।

# ବାତ୍ୟା ବିପନ୍ନଙ୍କ ସହାୟତା ପାଇଁ ଏକାଠି ହେଲେ ଗୁଣପୁରିଆ

- ଶହେ ସ୍ୱେଚ୍ଛାସେବୀ ପହଞ୍ଚି ରନ୍ଧାଖାଦ୍ୟ ଓ ଶୁଖିଲିଖାଦ୍ୟ ବାଣ୍ଟିଲେ
- ଗାଁ ସଫେଇ କଲେ ଔଷଧ ବାଣ୍ଟିଲେ

ରାୟଗଡା/ଗୁଣପୁର,୪।୧୧ (ନିପ୍ର): ଗଞ୍ଜାମ ଜିଲ୍ଲାର ବାତ୍ୟା ବିପନ୍ନଙ୍କୁ ସହାୟତା ପାଇଁ ଦଳମତ ନିର୍ବିଶେଷରେ ସହଯୋଗର ହାତ ବଢ଼ାଇ ଥିଲେ ଗୁଣପୁରିଆ। ରିଲିଫ୍ ବଣ୍ଟନ ସହ ଗାଁ ସଫେଇରେ ଦେଲେ ଶ୍ରମଦାନ। ବାତ୍ୟାର ତାଣ୍ଡବରେ ପ୍ରଭାବିତ ଅଞ୍ଚଳରେ ବିପନ୍ନ ଲୋକଙ୍କ ଦୁଃଖ ଓ ଦୁର୍ଦ୍ଦଶା ସମୟରେ ସହାୟତାର ହାତ ବଢ଼ାଇବା ପାଇଁ ଏକ ମାନବିକ ପ୍ରୟାସର ସାକ୍ଷୀ ହୋଇଛି ଗୁଣପୁର। ଜାତି, ଧର୍ମ, ରାଜନୈତିକ ଦଳ ଓ ମତପାର୍ଥକ୍ୟର ସମସ୍ତ ସୀମାରେଖାକୁ ଅତିକ୍ରମ କରି ଗୁଣପୁରର ବିଭିନ୍ନ ବର୍ଗର ଲୋକ ଏକାଠି ହୋଇ ବାତ୍ୟା ବିପନ୍ନଙ୍କ ସହାୟତା ପାଇଁ ଆଗେଇ ଆସିଥିଲେ। ଆମେ ଗୁଣପୁରିଆ ବ୍ୟାନରରେ ପ୍ରାୟ ୧୦୦ ସ୍ୱେଚ୍ଛାସେବୀ ଗଞ୍ଜାମର ଚିକିଟି ବ୍ଲକର କଳାବାଡ ପଞ୍ଚାୟତରେ ପହଞ୍ଚିଥିଲେ। ଏହି ପଞ୍ଚାୟତର ପାର୍ସିମ୍ପା, ଖରଖରିଆ ଓ ମେଟା ଗାଁ ର ବାତ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରାୟ ୨୫୦୦ ଲୋକଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରିଥିଲେ । ଏହାପରେ ଘର ଘର ବୁଲି ୫୦୦ ପରିବାର ପାଖରେ ଚୁଡା, ଚିନି, ସୁଜି, ଅମୁଲ, ବ୍ରେଡ୍, ବିସ୍କୁଟ, ସାବୁନ, ତେଲଇତ୍ୟାଦି ବଣ୍ଟନ କରିଥିଲେ। କେବଳ ସହାୟତା ସାମଗ୍ରୀ ବଣ୍ଟନରେ ସେମାନଙ୍କର ଉଦ୍ୟମ ସୀମିତ ରହି ନଥିଲା; ବରଂ ନିଜ ହାତରେ ଶ୍ରମଦାନ କରି ପ୍ରଭାବିତ ଗାଁଗୁଡ଼ିକର ପରିମଳ ବ୍ୟବସ୍ଥା ସୁଧାରିବା ଓ ସଫେଇ କାର୍ଯ୍ୟରେ ମଧ୍ୟ ସମସ୍ତେ ସାମିଲ ହୋଇଥିଲେ। ଏହି ମାନବିକ ଅଭିଯାନକୁ ସଫଳ କରିବା ପାଇଁ ଗୁଣପୁରିଆଙ୍କ ଚାରିଆଡୁ ସହଯୋଗର ସୁଅ ଛୁଟିଥିଲା। ଆଲୋକ ପାତ୍ର ନାମକ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ସହାୟତାରେ ଗାଁରେ ଔଷଧ ମଧ୍ୟ ବଣ୍ଟନ ହୋଇଥିଲା। ଗୁଣପୁରର ଅନେକ ବ୍ୟକ୍ତି ନିଜ ନିଜର ସାମର୍ଥ୍ୟ ଓ ସୁବିଧା ଅନୁଯାୟୀ ଆର୍ଥିକ ସହାୟତା, ରିଲିଫ୍ ସାମଗ୍ରୀ, ଖାଦ୍ୟଦ୍ରବ୍ୟ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେଇଥିଲେ। କେହି ଅର୍ଥ ଦେଇଥିଲେ, କେହି ସାମଗ୍ରୀ ଯୋଗାଇଥିଲେ, ଆଉ କେହି ନିଜର ବହୁମୂଲ୍ୟ ସମୟ ଓ ଶ୍ରମ ଦାନ କରିଥିଲେ। ଏହି ସାମୂହିକ ସହଯୋଗ ହିଁ ସମଗ୍ର କାର୍ଯ୍ୟକ୍ରମକୁ ଏକ ସଫଳ ମାନବିକ ଅଭିଯାନରେ ପରିଣତ କରିଥିଲା। ବାତ୍ୟା ପରବର୍ତ୍ତୀ ସମୟରେ ପ୍ରଭାବିତ ଗାଁଗୁଡ଼ିକରେ ଜମି ରହିଥିବା ଆବର୍ଜନା, ଅପରିଷ୍କାର ପରିବେଶ ଓ ଅସ୍ୱାସ୍ଥ୍ୟକର ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀ ମାନେ ସଫେଇ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ବିପନ୍ନଙ୍କୁ ଖାଦ୍ୟ ଦେବା ସହ ସେମାନଙ୍କ ଚାରିପାଖର ପରିବେଶକୁ ସ୍ୱଚ୍ଛ ଓ ସୁସ୍ଥ ରଖିବାର ଏହି ପ୍ରୟାସ ଥିଲା ଅତ୍ୟନ୍ତ ପ୍ରଶଂସନୀୟ। ଏହି ଅଭିଯାନ ଏକଥା ପ୍ରମାଣିତ କରିଛି ଯେ, ବିପତ୍ତି ସମୟରେ ମଣିଷର ପରିଚୟ ତା'ର ଦଳ, ମତ, ଧର୍ମ କିମ୍ବା ରାଜନୈତିକ ବିଚାରରେ ନୁହେଁ; ବରଂ ଅନ୍ୟ ଜଣଙ୍କ ଦୁଃଖରେ ସାମିଲ ହେବାର ମାନସିକତାରେ ରହିଥାଏ। ଗୁଣପୁରର ଏହି ୧୦୦ ଜଣଙ୍କ ଉଦ୍ୟମ କେବଳ ରିଲିଫ୍ ବଣ୍ଟନର ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ମାନବିକତା, ଏକତା, ସାମାଜିକ ଦାୟିତ୍ୱବୋଧ ଓ ପରସ୍ପର ସହଯୋଗର ଏକ ଉଜ୍ଜ୍ୱଳ ଉଦାହରଣ ହୋଇଛି। ନିଃସନ୍ଦେହରେ, ଏଭଳି ସାମୂହିକ ପ୍ରୟାସ ହିଁ ଏକ ସୁସ୍ଥ, ସମ୍ବେଦନଶୀଳ ଓ ସହଯୋଗୀ ସମାଜ ଗଠନର ମୂଳ ଆଧାର ବୋଲି ଅନେକ ମତ ଦେଇଛନ୍ତି । ଗୁଣପୁରିଆଙ୍କ ଏହି ମାନବିକ ପଦକ୍ଷେପ ସମସ୍ତଙ୍କ ପାଇଁ ଏକ ପ୍ରେରଣା ହୋଇଛି। ସେବାରେ ନାହିଁ ଦଳୀୟ ସୀମା, ମାନବିକତା ହିଁ ସବୁଠାରୁ ବଡ଼ ପରିଚୟ। ନିଜସ୍ୱ ବ୍ୟବସ୍ଥାରେ ଗୁଣପୁରରୁ ୨୦୦ କିମି ଦୂରକୁ ଯାଇ ଏତେବଡ କାର୍ଯ୍ୟକ୍ରମ ହାତକୁ ନେଇଥିବା ସ୍ୱେଚ୍ଛାସେବୀ ମାନଙ୍କୁ ଏବେ ଚାରିଆଡୁ ପ୍ରସଂଶା ଅଜାଡିହୋଇ ଯାଉଛି। ବିଶେଷ କରି ସହରର ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ଫଣୀଭୂଷଣ ପଟ୍ଟନାୟକ, ଡଃ ରାମ ନାରାୟଣ ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ଭୂୟଶୀ ପ୍ରସଂଶା କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଗୁଣପୁରିଆ ଗ୍ରୁପର ରଂଜିତ ପାଢି, ଇପିଲି ସାବରିସ, ରବି କୁମାର, ସୁବୁଦ୍ଧି ଅନିଲ, ଗଜା ପାଳ, ଟିଙ୍କୁ ପଣ୍ଡା, ଅଜିତ ପଣ୍ଡା, କୃଷ୍ଣ ପାତ୍ର, ମୁନା ପାଢି, ରିଙ୍କୁ ଦାଶ, ଦୀପୁ ପଟ୍ଟନାୟକ, ଚାନ୍ଦ ପାଳ, ବୁଲୁ ପାଢି, ହୃଶୀକେଶ ଶବର, ଜିତେନ୍ଦ୍ର ନାୟକ, ଲିଟୁ ଦୋରା, ସନ୍ତୋଷ ପଣ୍ଡା, ରାଜେଶ ପାଢି, ପଟନୁରୁ ମଧୁ, ଟୁନା ମିଶ୍ର, ଲାଉଡୁ କିରଣ, ସନ୍ତୁ ପଟ୍ଟନାୟକ, ବୁନୁ ବିଶ୍ୱୋୟି, ସିମାଦ୍ରୀ ଭେଙ୍କେଟକ୍ରିଷ୍ଣା, ଡି ରାଜା, ସାନ୍ତନୁ କାର୍ଜୀ, ଶିବରାମ କୃଷ୍ଣ, ଶ୍ରୀନିବାସ୍ ପାତ୍ର, ଭୁବନ ଲିମା, ଗାଲି ମୁରଲି ରାଓ,ବଳିଆ ସାହୁ, ଗୋଲି ଶ୍ରୀନିବାସ, ଅଂଶୁମାନ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରାଙ୍କ ପରଲୋକ

ଭବାନୀପାଟଣା, ୪/୧୧ (ନି.ପ୍ର)- ଓଡ଼ିଶା ରାଜନୀତିର ଜଣେ ବରିଷ୍ଠ ତଥା ବିଶିଷ୍ଟ ରାଜନେତା, ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରାଙ୍କ ପରଲୋକ ଘଟିଛି। ତାଙ୍କ ବିୟୋଗରେ ରାଜ୍ୟ ରାଜନୀତିରେ ଖେଳିଯାଇଛି ଶୋକର ଛାୟା। ୧୨ ଏପ୍ରିଲ ୧୯୩୮ରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ବେହେରା ୧୯୭୭ ଓ ୧୯୮୫ରେ କୋକସରା ବିଧାନସଭା ଆସନରୁ ଦୁଇଥର ବିଧାୟକ ଭାବରେ ନିର୍ବାଚିତ ହୋଇ ତତ୍କାଳୀନ ରାଜ୍ୟ ସରକାରଙ୍କ ମନ୍ତ୍ରୀମଣ୍ଡଳରେ କୃଷି , ସମବାୟ ଓ ଆଦିବାସୀ ଉନ୍ନୟନ ବିଭାଗର ମନ୍ତ୍ରୀ ଭାବରେ ଦାୟିତ୍ୱ ତୁଲାଇଥିଲେ।୧୯୮୦ରେ ଜାତୀୟ ରାଜନୀତିରେ ପାଦ ଥାପିବା ସହ କଳାହାଣ୍ଡି ଲୋକସଭା ଆସନରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ଜଣେ ଦକ୍ଷ ସଂଗଠକ, ଅଭିଜ୍ଞ ରାଜନେତା ଓ ଜନପ୍ରିୟ ନେତା ଭାବେ ସମାଜ ପ୍ରତି ତାଙ୍କର ଅବଦାନ ଅତୁଳନୀୟ। ସେ କେବଳ ଜଣେ ରାଜନେତା ଥିଲେ ତାହା ନୁହେଁ ଜଣେ ଲେଖକ, ଔପନ୍ୟାସିକ ଭାବରେ ମଧ୍ୟ ଉପନ୍ୟାସ 'ବିଜୟୀ' ଓ 'ଅନନ୍ୟ ସୃଷ୍ଟି କାନାଡା' ଭଳି ବହି ରଚନା କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। ନିଜର ସାମଗ୍ରିକ ସାହିତ୍ୟ କୃତୀ ପାଇଁ ସେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର, କଳାହାଣ୍ଡି ବରପୁତ୍ର ସମ୍ମାନ, ମହାବୀର ସମ୍ମାନରେ ସମ୍ମାନିତ ହୋଇଥିଲେ। ତାଙ୍କ ପରିକଳ୍ପନାରେ କଳାହାଣ୍ଡି ଲେଖକ କଳା ପରିଷଦ, ମହାବୀର ସାଂସ୍କୃତିକ ଅନୁଷ୍ଠାନ ଭଳି ଅନେକ ଅନୁଷ୍ଠାନର ସୃଷ୍ଟି ହୋଇଥିଲା।

## ଅନଲାଇନ୍ ସୁରକ୍ଷା ଓ ସଚେତନତା

ଭବାନୀପାଟଣା,୪।୧୧ (ନିପ୍ର): ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ୧୬ତମ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନଭେନସନ୍ ହଲ୍‌ଠାରେ ଆୟୋଜିତ ସମାରୋହରେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍‌ର ଚିଚିଆ ଗ୍ରାମର ଆଦ୍ୱିକା କିଶୋରୀ ନେତ୍ରୀ ସୁମି ସତନାମୀଙ୍କୁ ଅନଲାଇନ୍ ଅପରାଧ ରୋକିବା, ଅନଲାଇନ୍ ସୁରକ୍ଷା ଓ ସାଇବର ସଚେତନତା ପ୍ରସାର ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଉପମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷାଙ୍କ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଛି।

ନିଜ ସହପାଠୀ, ସମବୟସୀ ଓ ସମ୍ପ୍ରଦାୟ ମଧ୍ୟରେ ଅନଲାଇନ୍ ସୁରକ୍ଷା, ସାଇବର ଅପରାଧ ସମ୍ପର୍କିତ ସଚେତନତା ଏବଂ ଦାୟିତ୍ୱପୂର୍ଣ୍ଣ ଡିଜିଟାଲ୍ ଅଭ୍ୟାସକୁ ପ୍ରୋତ୍ସାହିତ କରିବାରେ ତାଙ୍କର ସକ୍ରିୟ ଅବଦାନକୁ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି।

ଏହି ସଫଳତା ଜିଲ୍ଲା ପ୍ରଶାସନ ଏବଂ ଏଡ୍ ଏଟ୍ ଆକ୍ସନ୍ ଓ ୟୁନିସେଫ୍ ଓଡ଼ିଶାର ବୈଷୟିକ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଆଦ୍ୱିକା କାର୍ଯ୍ୟକ୍ରମ ମାଧ୍ୟମରେ କିଶୋର-କିଶୋରୀଙ୍କ ସଶକ୍ତୀକରଣ ଓ ନେତୃତ୍ୱ ବିକାଶର ଏକ ପ୍ରତିଫଳନ। ଏହି କାର୍ଯ୍ୟକ୍ରମ ଜରିଆରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ଗ୍ରାମ ପଞ୍ଚାୟତ ସ୍ତରରେ କିଶୋର-କିଶୋରୀମାନେ ସଚେତନତାର ବାର୍ତ୍ତାବାହକ ଓ ସକାରାତ୍ମକ ପରିବର୍ତ୍ତନର ନେତୃତ୍ୱ ନେବାକୁ ସକ୍ଷମ ହେଉଛନ୍ତି।

## ବନ୍ୟା ପାଞ୍ଚଦିନ ପରେ ମଧ୍ୟ ଆସିକା ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଆସିକା,୪।୧୧ (ନିପ୍ର): ବନ୍ୟା ବିପତ୍ତି ଆସିକା ସହରବାସୀଙ୍କ ଦୁଃଖ ଓ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଥିବା ବେଳେ ଏବେ ମଧ୍ୟ ସ୍ୱାଭାବିକ ହୋଇନାହିଁ ଜନଜୀବନ। ଦୀର୍ଘ ବର୍ଷ ପରେ ଋଷିକୂଲ୍ୟା ଓ ବଡ଼ନଦୀର ବନ୍ୟାଜଳରେ ସମଗ୍ର ଆସିକା ସହର ଜଳମଗ୍ନ ହୋଇପଡ଼ିଥିଲା। ବନ୍ୟାଜଳ ହ୍ରାସ ପାଇବା ପରେ ସହରର ବିଭିନ୍ନ ଅଞ୍ଚଳରେ କାଦୁଅ, ପଙ୍କ ଓ ଅଳିଆ ଆବର୍ଜନା ଜମି ରହିବା ଫଳରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି।

ଏଭଳି ସ୍ଥିତିରେ ସହରର ପରିମଳ ବ୍ୟବସ୍ଥାକୁ ପୁନର୍ବାର ସ୍ୱାଭାବିକ କରିବା ପାଇଁ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ପ୍ରଶାସନ ଓ ଆସିକା ପୌରପରିଷଦ ସହରର ବିଭିନ୍ନ ରାସ୍ତା, ଗଳିକନ୍ଦି ଓ ଜନବସତି ଅଞ୍ଚଳରୁ ପଙ୍କ, କାଦୁଅ ଓ ଆବର୍ଜନା ସଫା କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ସଫେଇ କାର୍ଯ୍ୟର ତଦାରଖ ପାଇଁ ରାତିତମାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କ ସମେତ ଆସିକା ତହସିଲଦାର ସଙ୍ଗୀତା ସେଣ, ବିଡିଓ



ରାଜେନ୍ଦ୍ର ପ୍ରସାଦ ନାୟକ ଓ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ର ଉପସ୍ଥିତ ରହି ସଫେଇ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ବନ୍ୟା ପରବର୍ତ୍ତୀ ସମୟରେ ସହରରେ ଦେଖାଦେଇଥିବା ଅପରିଷ୍କାର ପରିବେଶ ଯୋଗୁଁ ରୋଗବ୍ୟାଧି ଆଶଙ୍କା ରହିଥିବାରୁ ତୁରନ୍ତ ସଫେଇ ସହ ପରିମଳ ବ୍ୟବସ୍ଥାକୁ ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ତେବେ ସହରବାସୀଙ୍କ ଜୀବନଯାତ୍ରା କେବେ ସ୍ୱାଭାବିକ ହେବ, ତାହା ଆଗାମୀ ଦିନରେ ସଫେଇ କାର୍ଯ୍ୟର ସଫଳତା ଉପରେ ନିର୍ଭର କରୁଛି। ଆସିକା ପୌରପରିଷଦ ସାନିଟାଇଜ ଏକ୍ସପର୍ଟ ଦୀପ୍ତିମୟୀ ସାହୁ ଓ ଖଲ୍ଲିକୋଟ ସାନିଟାଇଜ ଏକ୍ସପର୍ଟ ରାଜକିଶୋର ସାମନ୍ତରା ସଫେଇ କାର୍ଯ୍ୟକୁ ପରିଚାଳନା କରିବାରେ ତଦାରଖ କରିଥିଲେ ।

## ସ୍କାଉଟ ଗାଇଡ଼ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ

ଆସିକା,୪।୧୧ (ନିପ୍ର): ରାଜ୍ୟ ଭାରତ ସ୍କାଉଟ ଗାଇଡ଼ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ କରାଯାଇଛି। ବାତ୍ୟା ଅର୍ଣ୍ଣବ ପରବର୍ତ୍ତୀ ବନ୍ୟାରେ ଗଞ୍ଜାମ ଜିଲ୍ଲା ର ଆସିକା ସମେତ ଅନ୍ୟ ବ୍ଲକ ବହୁ କ୍ଷୟକ୍ଷତି ହୋଇଛି। ଏତିକି ବେଳେ ଭୁବନେଶ୍ୱର ସ୍ଥିତ ସ୍କାଉଟ ଗାଇଡ଼ ମୁଖ୍ୟ କମିଶନର ଡ଼ କାଳୀପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଓଡିଶା ରାଜ୍ୟ ଭାରତ ସ୍କାଉଟ ଯୁଗ୍ମ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକ, ସହ ସମ୍ପାଦକ ଚନ୍ଦନ ଦାସ, ଅବିନାଶ ଗଡ଼ନାୟକ, ରାହୁଲ କୁମାର ସାହୁ, ଫକୀର ମୋହନ ଜେନା, ନେତୃତ୍ୱ ରେ ଏକ ଟିମ ସହିତ ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ସ୍କାଉଟ



ମାଷ୍ଟର କମଳେନ୍ଦୁ ହୋତା, ସ୍କାଉଟ ଏମ. ଗଣେଷ ରାଓ ପ୍ରମୁଖ ରିଲିଫ ସାମଗ୍ରୀ ନେଇ ଆସି ଆସିକା ବ୍ଲକ ଦେବଭୂମି, ମଙ୍ଗଳପୁର, ଗଙ୍ଗାପୁର, ଭାଲିଆପଲ୍ଲୀ, ମାଗୁରପଲ୍ଲୀ, ନବରନ୍‌ପୁର ଚଢ଼େୟାପଲ୍ଲୀ, ନଳବଣ୍ଟା, ନଳବଣ୍ଟା ମେରାଟିବାସ, ଚେରମାରିଆ, ପାଟିଲିଗୁଡା, ଆସିକା ସୁନାମ୍ଭ ସାହି, ଆସିକା ବସଷ୍ଟାଣ୍ଡ ହାଡ଼ିସାହି ସମେତ ଧରାକୋଟ ବ୍ଲକ ଜାହାଡା, ସିଙ୍ଗିପୁର ଆଦି ଅଞ୍ଚଳରେ ଏକ ହଜାର ପ୍ୟାକେଟ ଚୁଡା, ଗୁଡ଼, ଅମୁଲ, ବିସ୍କୁଟ ପୁଡିଆ, ୧୦୦୦ ପ୍ୟାକେଟ ଗୋଖାଦ୍ୟ,୨୦୦୦ପ୍ୟାକେଟ ଛତୁଆ,୧୦୦୦୦ ବୋତଲ ପାଣି ବଣ୍ଟନ କରାଯାଇଛି।

## ଅଳିଆ ଗଦାରେ ଜଳସମ୍ପଦ ବିଭାଗର ଫଳକ

ପିପିଲି,୪।୧୧ (ନିପ୍ର):ଦୀର୍ଘ ଦିନ ଧରି ଜଳସମ୍ପଦ ବିଭାଗର ସୂଚନା ଫଳକ ଅଳିଆ ଗଦାରେ ପଡିରହିଛି। ବିଭାଗ ନିନ୍ଦିତ ହେଉଥିବା ସର୍ବସାଧାରଣରେ ଚର୍ଚ୍ଚା ହେଉ ଥିବା ବେଳେ ଏଦିଗରେ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟ କିଭଳି ନଜରବନ୍ଦୀକୁ ଆସୁ ନାହିଁ ତାହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ଦୃଶ୍ୟ ଦେଖିବାକୁ ମିଳିଛି ନିମାପଡା ଜଳସମ୍ପଦ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଧୀନରେ ଥିବା ବଳଙ୍ଗା ଉପଖଣ୍ଡ ଜଳସମ୍ପଦ ବିଭାଗରେ। ବଳଙ୍ଗା ବଜାର ପାର୍ଶ୍ୱ ଚନ୍ଦନପୁର ବ୍ରାଞ୍ଚ କେନାଲଠାରେ ଓଡିଶା ସରକାରଙ୍କ ଓ୍ୱାଟର ରିସର୍ଚ୍ଚ ବିଭାଗର ଏକ ସୂଚନା





ଫଳକ ନିମାପଡା ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରା ଫଳକ ବଳଙ୍ଗା ଜନସାଧାରଣ ମାନଙ୍କ ସୂଚନା ଉର୍ଦ୍ଦିଷ୍ଟ ନିମନ୍ତେ ପୋତାଯାଇ ଥିଲା। ସେହି ଫଳକ ଥିବା ବେଳେ କେହି ଦୁର୍ବୃତ୍ତ କିମ୍ବା ଅନ୍ୟ କେହି ତାହାକୁ ଉପାଡି ଦେଇ ଛନ୍ତି। ଏହି ଫଳକଟି ଅଳିଆ ଆବର୍ଜନାରେ ପଡି ନଷ୍ଟ ହେଉ ଥିବା ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଜାଣି ଶୁଣି ନଷ୍ଟ କରୁ ଥିବା ପରି ଲକ୍ଷିତ ହୋଇଛି। ଯାହା ଭାରତୀୟ ନ୍ୟାୟ ସଂହିତା ୩୨୪(୩) ରେ ଦଣ୍ଡିତ ହେବା ପାଇଁ ନିୟମ ରହି ଅଛି ବୋଲି ଜଣେ ବରିଷ୍ଠ ଆଇନଜୀବୀ କହିଛନ୍ତି। ଏନେଇ ବିଭାଗର ଅନ୍ୟ ଉଚ୍ଚସ୍ଥ ଫଳକ ଅଧିକାରୀ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ କିଭଳି ନିଆ ଯାଉ ନାହିଁ ତାହାକୁ ନେଇ ଅଙ୍ଗୁଳି ନିର୍ଦ୍ଦେଶ କରି ଅଛି। ଅଳିଆ ଗଦାରେ ଦୀର୍ଘ ଦିନ ଧରି ପଡି ରହିବା ଯୋଗୁ ଅନେକ ବ୍ୟକ୍ତି ତାହାରି ଉପରେ ବିଭିନ୍ନ ଅଳିଆ ଆବର୍ଜନା ସହ ପରିସ୍ରା କରୁ ଥିବା ଭଳି ଅଭିଯୋଗ ହେଉଛି। ଯାହା ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଘୋର ମାତ୍ରାରେ ନିନ୍ଦିତ ହେଉଛି। ତେଣୁ ଏଦିଗରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ନଜର ଦେଇ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ, କେନାଲ ବନ୍ଧ ଦାୟିତ୍ୱରେ ଥିବା ଖଲାସିଙ୍କ ବିରୁଦ୍ଧରେ ବିଭାଗୀୟ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ସହ ଅନ୍ୟତ୍ର ଜିଲ୍ଲାକୁ ବଦଳି କରିବାକୁ ବିଭିନ୍ନ ସରକାରୀ ମହଲରେ ଓ ରାଜନୈତିକ ମହଲରେ ଦାବି ହୋଇଛି।

## ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗରେ ପ୍ରଣୟନ କରାଯାଇଥିବା ଆଇନକୁ ରଦ୍ଦ ପାଇଁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର

ରାଉରକେଲା,୪।୧୧ (ନିପ୍ର): ସମ୍ପ୍ରତି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ୨୦୨୬ରେ ଉଚ୍ଚଶିକ୍ଷା ବିଭାଗ ନିୟମାବଳୀର ଅନେକ ବ୍ୟବସ୍ଥା ମନମୁଖୀ, ପକ୍ଷପାତପୂର୍ଣ୍ଣ ଏବଂ ଭାରତୀୟ ସମ୍ବିଧାନ ଅନୁଯାୟୀ ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି ବୋଲି ଅଭିଯୋଗ କରି ବ୍ୟାସକ୍ଷେତ୍ର ବ୍ରାହ୍ମଣ ସମାଜ ପକ୍ଷରୁ ଏକ ସ୍ମାରକପତ୍ର ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ପ୍ରଣୟନ କରାଯାଇଥିବା ୨୦୨୬ ଆଇନ ଭାରତୀୟ ସମ୍ବିଧାନର ୧୪ ଅନୁଯାୟୀ ସମାନତାର ଅଧିକାରକୁ ଉଲ୍ଲଂଘନ କରୁଛି। ନିୟମାବଳୀ 'ଜାତି-ଭିତ୍ତିକ ବୈଷମ୍ୟ'ର ପରିଭାଷାକୁ କେବଳ ଅନୁସୂଚିତ ଜାତି , ଅନୁସୂଚିତ ଜନଜାତି , ଏବଂ ଅନ୍ୟାନ୍ୟ ପଛୁଆ ବର୍ଗଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଏହା ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କୁ ବାଦ ଦେବା ସହିତ କ୍ୟାମ୍ପସରେ ବିବାଦ ସୃଷ୍ଟି କରିଛି। ଏଥିରେ ମିଥ୍ୟା କିମ୍ବା ଉଦ୍ଦେଶ୍ୟ ପ୍ରଣୋଦିତ ଅଭିଯୋଗକୁ ଦଣ୍ଡ ଦେବା ପାଇଁ ୨୦୧୨ର ବ୍ୟବସ୍ଥାକୁ ହଟାଇ ପ୍ରତିଶୋଧମୂଳକ ମାମଲା ରୁଜୁ ପାଇଁ ନୂତନ ପରମ୍ପରା ସୃଷ୍ଟି କରିଛି। ୨୦୨୬ ନିୟମାବଳୀରେ ରାଗିଂକୁ ଏକ ପ୍ରକାରର ଭେଦଭାବ ଭାବରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଶିକ୍ଷାନୁଷ୍ଠାନରେ ଏହା ଉତ୍ପୀଡ଼ନର ସବୁଠାରୁ ପ୍ରଚଳିତ ରୂପ ହୋଇଥିବା ବେଳେ, ଶିକ୍ଷାନୁଷ୍ଠାନରେ ରାଗିଂ ବଢିବାର ଆଶଙ୍କା ରହିଛି। ୭୨ ଘଣ୍ଟା ମଧ୍ୟରେ ତଦନ୍ତ ଆରମ୍ଭ କରାଯାଇ ସଂକୁଚିତ ସମୟସୀମା ମଧ୍ୟରେ ଏହାର ଶେଷ ହେବା ଆବଶ୍ୟକ ବୋଲି ବ୍ୟାସକ୍ଷେତ୍ର ବ୍ରାହ୍ମଣ ସମାଜ ପକ୍ଷରୁ ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ବ୍ୟାସକ୍ଷେତ୍ର ବ୍ରାହ୍ମଣ ସମାଜ ପକ୍ଷରୁ ସ୍ମାରକପତ୍ର ପ୍ରଦାନ ସମୟରେ ବ୍ୟାସକ୍ଷେତ୍ର ବ୍ରାହ୍ମଣ ସମାଜର ସାଂସ୍କୃତିକ ସମ୍ପାଦକ ଗଣେଶ ମିଶ୍ର, ସଂଯୋଜକ ସମ୍ପାଦକ ନରେନ୍ଦ୍ର ପତ୍ରୀ, ସଦସ୍ୟ କୃଷ୍ଣଚନ୍ଦ୍ର ପତ୍ରୀ, ପ୍ରଦୀପ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# 'ଅର୍ଣ୍ଣବ'ରେ ଆସିକା ସହର ଓ ଗ୍ରାମାଞ୍ଚଳରେ ବ୍ୟାପକ କ୍ଷୟକ୍ଷତି

ଆସିକା,୪।୧୧ (ନିପ୍ର): ୧୯୯୯ ପ୍ରଳୟଙ୍କରୀ ବନ୍ୟା ସାଙ୍ଗକୁ ୨୦୧୩ ତିତିଲି ବନ୍ୟା ଠାରୁ ଅଧିକ କ୍ଷୟକ୍ଷତି ହୋଇଛି ବାତ୍ୟା ଅର୍ଣ୍ଣବ ପରବର୍ତ୍ତୀ ବନ୍ୟାରେ। ଜିଲ୍ଲାର ବିଭିନ୍ନ ବ୍ଲକ ମଧ୍ୟରୁ ଆସିକା ବ୍ଲକର କ୍ଷତି ଅଧିକ। ଆସିକାର ୧୮ଟି ଓ୍ୱାର୍ଡ ବ୍ୟାପକ କ୍ଷୟକ୍ଷତି ହୋଇଥିଲା ବେଳେ ପଞ୍ଜାବ ନ୍ୟାସନ୍ୟାଲ ବ୍ୟାଙ୍କଠାରୁ ପାକଲାପଲ୍ଲୀ ଛକ ଦୀର୍ଘ ଦୁଇ କିଲୋମିଟର, ଆସିକା ବସଷ୍ଟାଣ୍ଡ ଠାରୁ କୁମ୍ଭାର ସାହି,କାଳିମୁଖୀ ହାଡ଼ି ସାହି,ନିରଞ୍ଜନ ନଗର,ଜୋକବନ୍ଧ ତୋଟାସାହି, ସୁନାମ୍ଭ ସାହି ଠାରୁ କାଳୀ ମନ୍ଦିର, ସୁନାମ୍ଭ ସାହି ଠାରୁ,ତାଲୁକା ରୋଡ଼,ପାଢ଼ୀ କଲୋନୀ,ଦାଶରଥି ନଗର, ଲଛମନପଲ୍ଲୀ, ଲାଲାଶାସନ, ପାକଲାପଲ୍ଲୀ, ମେରାଟୀ ବସା ସହର ଅଞ୍ଚଳର ହଠାତ ଦ୍ରୁତ ଗତିରେ ବନ୍ୟା ପାଣି ସହର ମଧ୍ୟରେ ପ୍ରବେଶ କରିବା ଯୋଗୁଁ ବନ୍ୟା ପାଣି ୪ ଫୁଟରୁ ଧରି ୧୨ଫୁଟ ପର୍ଯ୍ୟନ୍ତ ପାଣି ଦୀର୍ଘ ୨୪ଘଣ୍ଟା ଧରି ପ୍ରବାହିତ ହେଲା ଯାହା ଫଳରେ ତଳ ମହଲରେ ଥିବା ସମସ୍ତ ଆସବାବ ପତ୍ର କେଉଁଠି ଭାସି ଯାଇଥିଲା ବେଳେ ଛୋଟ ବ୍ୟବସାୟୀ ଠାରୁ ଆରମ୍ଭ କରି ବଡ଼ ବଡ଼ ବ୍ୟବସାୟୀ ମାନଙ୍କର ଲୁଗା, ଗ୍ରୋସରୀ, ଇଲୋକ୍ଟ୍ରୋନିକ୍ସ ଜିନିଷ ଆଦି ବ୍ୟାପକ କ୍ଷୟକ୍ଷତି ହୋଇଛି। ସେହିଭଳି ସରକାରୀ ଓ ବେସରକାରୀ ସତର ଗୋଟି ଜାତୀୟ ବ୍ୟାଙ୍କର ପ୍ରାୟ ୨୦୦ କୋଟିରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ସହିତ ନଥିପତ୍ର ସାଙ୍ଗକୁ ଆସିକା ସବଡ଼ିଭିଜନ ଡାକ୍ତରଖାନା, ହରିହର ହାଇସ୍କୁଲ,ମିନି ଷ୍ଟାଡିୟମ,ବାଣୀବିହାର ପାର୍କ, କରୋନେସନ ପାର୍କ,ଆସିକା ଥାନା, ତହସିଲ,ବ୍ଲକ,ସିଡିପିଓ କାର୍ଯ୍ୟାଳୟ, ସହର ସମସ୍ତ ମନ୍ଦିର,ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ବିଭିନ୍ନ ସରକାରୀ ବିଦ୍ୟାଳୟର ବ୍ୟାପକ କ୍ଷୟ କ୍ଷତି ହୋଇଛି। ସେହିଭଳି ସହର ସମସ୍ତ ରାସ୍ତା ଓ ଜାତୀୟ ରାଜପଥ ୫୯ର ଆସିକା ବିଜୁପଟ୍ଟନାୟକ ଛକ ଠାରୁ ଝଗଡେଇ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି, ସେହିଭଳି ୨୭ଟି ପଞ୍ଚାୟତର କାଳ କ୍ଷଣ୍ଣପୁର ଅଧୀନ ପୁଡୁଗେଶ୍ୱର ପଲ୍ଲୀ, ପଣ୍ଡା କଲୋନୀ, ଖଟେଇ କଲୋନୀ,ସୋରଡ଼ା ରୋଡ଼ ନଳବଣ୍ଟା ପଞ୍ଚାୟତର ପାଟିଲିଗୁଡା, ନଳବଣ୍ଟା ଗ୍ରାମର କୋଳି ସାହି, ନୃସିଂହ ମନ୍ଦିର ସାହି, ମୁଖ୍ୟ ଦାଣ୍ଡ,ମେରାଟୀ ବସା, ଖଣ୍ଡାଦେଉଳି ପଞ୍ଚାୟତ ସୀମାଖାଇ, ଖଣ୍ଡାଦେଉଳି ପାଞ୍ଚ ଫୁଟ ପାଣି ରହିଥିଲା ସେହିପରି ଚାଢ଼େୟାପଲ୍ଲୀ, ଫୁଲସରପଲ୍ଲୀ, ମେରାଟିବସା, ତୁମ୍ଭା ଠେଙ୍ଗାପଲ୍ଲୀ, ଜଗନ୍ନାଥ ପଲ୍ଲୀ, ମଙ୍ଗଳପୁର ପଞ୍ଚାୟତ ର



ମଙ୍ଗଳପୁର,ନବରନ୍‌ପୁରରେ,ଗଙ୍ଗାପୁର ପଞ୍ଚାୟତ ର ଗଙ୍ଗାପୁର,ରାଜେନ୍ଦ୍ର ପୁର, ଭଲିଆ ପଲ୍ଲୀ,ଦେବଭୂମି ପଞ୍ଚାୟତ ର କର୍ପୁର ନୂଆଗାଁ, କାଳିଞ୍ଜି ନୂଆପଲ୍ଲୀ, ମାମୁଡିଅ, ବାଲିଛାଇ ପଞ୍ଚାୟତର ରିଷିପୁର,ନିରାଳ,ଗୁଣ୍ଡପଡା ପଞ୍ଚାୟତର ଜଗଦଳପୁର ଗ୍ରାମ ଗୁଡିକରେ ବନ୍ୟା ଜଳ ପଶି ଅନେକ ଘର ଭସାଇ ନେବା ଶହ ଗୃହ ପାଳିତ ପଶୁ, ଶହ ଶହ ହେକ୍ଟର ଚାଷ ଜମି ଓ ରାସ୍ତା ଘାଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି ।ସେହିଭଳି ମୋଟ ୨୭ପଞ୍ଚାୟତ ମଧ୍ୟରୁ ଆଠଟି ପଞ୍ଚାୟତ ସମ୍ପୂର୍ଣ୍ଣ କ୍ଷତି ହୋଇଥିଲା ବେଳେ ଅନ୍ୟ କିଛି ପଞ୍ଚାୟତରେ ଆଂଶିକ କ୍ଷତି ହୋଇଛି।

CMYK



# କେନ୍ଦ୍ର ସରକାର ଓ ନିର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ

## ଆବେଦନ ଉପରେ ଲୋଡ଼ିଲେ ଜବାବ

ନୂଆଦିଲ୍ଲୀ,୪।୧୧ : ବୁଧବାର ସୁପ୍ରିମକୋର୍ଟ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ଅନ୍ୟ ଦୁଇ ନିର୍ବାଚନ କମିଶନରଙ୍କୁ ସେମାନଙ୍କର ସରକାରୀ କର୍ତ୍ତବ୍ୟ ପାଳନ ସମୟରେ କରାଯାଇଥିବା ଯେକୌଣସି କାର୍ଯ୍ୟ ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ମୁକ୍ତି ପ୍ରଦାନ କରିବାର ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ଏକ ଆବେଦନ ଉପରେ କେନ୍ଦ୍ର ସରକାର ଏବଂ ଭାରତୀୟ ନିର୍ବାଚନ କମିଶନ (ଇସିଆଇ)କୁ ନୋଟିସ ଜାରି କରିଛନ୍ତି । ଭାରତର ମୁଖ୍ୟ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଏକ ତିନି ଜଣିଆ ଖଣ୍ଡପୀଠ ସାମାଜିକ କର୍ମୀ ଏବଂ ଓକିଲ ଅରୁଣ କୁମାର ଅଗ୍ରୱାଲଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ ଉପରେ ନୋଟିସ ଜାରି କରିଛନ୍ତି । ଖଣ୍ଡପୀଠରେ ସିଜେଆଇ ସୂର୍ଯ୍ୟକାନ୍ତ, ଜଷ୍ଟିସ



ଜୟମାଲ୍ୟ ବାଗଚି ଏବଂ ଜଷ୍ଟିସ ଭି. ମୋହନା ସାମିଲ ଥିଲେ । ଏହି ଆବେଦନରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ଅନ୍ୟାନ୍ୟ ନିର୍ବାଚନ କମିଶନର (ନିଯୁକ୍ତି, ସେବା ସର୍ତ୍ତାବଳୀ ଏବଂ କାର୍ଯ୍ୟକାଳ) ଆଇନ, ୨୦୨୩ ର ଧାରା ୧୬ ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରାଯାଇଛି । ଏହି ଆଇନଗତ ବ୍ୟବସ୍ଥା ଉରଉ ଏବଂ ଅନ୍ୟାନ୍ୟ ନିର୍ବାଚନ କମିଶନରଙ୍କୁ ସେମାନଙ୍କର କର୍ତ୍ତବ୍ୟ ପାଳନ ସମୟରେ ନିଆଯାଇଥିବା କାର୍ଯ୍ୟ ପାଇଁ ଦେୱାନୀ କିମ୍ବା ଫୌଜଦାରୀ ମାମଲାରୁ ଜୀବନବ୍ୟାପୀ ସୁରକ୍ଷା ପ୍ରଦାନ କରେ । ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ଆବେଦନରେ ସାମାଜିକ କର୍ମୀ କହିଛନ୍ତି, 'ଏପରି ସମ୍ପୂର୍ଣ୍ଣ ପ୍ରତିରୋଧର ଅନୁପସ୍ଥିତି ସତ୍ତ୍ୱେ, ନିର୍ବାଚନ କମିଶନ ବହୁ ଦଶନ୍ଧି ଧରି ସଫଳତାର ସହ ନିର୍ବାଚନ ପରିଚାଳନା କରିଆସୁଛି । ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ କମିଶନର ସଦସ୍ୟ ମାନେ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ପୂର୍ବ ସୁରକ୍ଷା ବିନା ପ୍ରଭାବଶାଳୀ ଭାବରେ କାର୍ଯ୍ୟ କରିପାରିବେ ।' ତଥାପି, ଧାରା ୧୬ ସିଇସି ଏବଂ ଅନ୍ୟାନ୍ୟ ନିର୍ବାଚନ କମିଶନରଙ୍କୁ ବ୍ୟତିକ୍ରମ ବିନା ବ୍ୟାପକ ଆଇନଗତ ସୁରକ୍ଷା ପ୍ରଦାନ କରେ । ଆବେଦନକାରୀ ଯୁକ୍ତି ଦର୍ଶାଇଛନ୍ତି ଯେ ଏହି ବ୍ୟବସ୍ଥା ଅସାମ୍ବିଧାନିକ ଏବଂ ଅଯଥା ବ୍ୟାପକ ଏବଂ ଏହାକୁ ଉଚ୍ଛେଦ କରାଯିବା ଉଚିତ । ଆବେଦନରେ କୁହାଯାଇଛି, 'ନିର୍ବାଚନ କମିଶନର ମାନଙ୍କୁ ହଇରାଣ-ସମ୍ବନ୍ଧୀୟ ମାମଲାରୁ ସୁରକ୍ଷା ଦେବାର ଉଦ୍ଦେଶ୍ୟ କମ୍ କଠୋର ପଦକ୍ଷେପ ମାଧ୍ୟମରେ ହାସଲ କରାଯାଇ ପାରିବ, ଯେପରିକି ତୁଚ୍ଛ ଅଭିଯୋଗ ବିରୁଦ୍ଧରେ ସୁରକ୍ଷା ଏବଂ ନ୍ୟାୟିକ ତଦନ୍ତ । ତେଣୁ, ସମ୍ପୂର୍ଣ୍ଣ ଆଇନଗତ ସୁରକ୍ଷା ପ୍ରଦାନ କରିବା ଅତ୍ୟଧିକ ଏବଂ ନିର୍ବାଚନ କମିଶନର ସ୍ୱାଧୀନତାକୁ ସୁରକ୍ଷା ଦେବା ପାଇଁ ଆବଶ୍ୟକୀୟ ସୀମାଠାରୁ ଅଧିକ ।'

## ୨ ବର୍ଷ ବଢ଼ିଲା ଅଗ୍ନିବୀରଙ୍କ କାର୍ଯ୍ୟକାଳ ଅବଧି



ନୂଆଦିଲ୍ଲୀ,୪।୧୧ : ଅଗ୍ନିବୀରଙ୍କୁ ନେଇ ଐତିହାସିକ ପଦକ୍ଷେପ। ଅଗ୍ନିପଥ ଯୋଜନା ଅଧୀନରେ ପ୍ରଥମ ବ୍ୟାଚ୍ ନିଯୁକ୍ତି ପାଇଥିବା କର୍ମଚାରୀମାନେ ଚାରି ବର୍ଷର କାର୍ଯ୍ୟକାଳ ସମାପ୍ତ କରିବାକୁ ଯାଉଥିବାରୁ, ବୁଧବାର, ନଭେମ୍ବର ୪ ତାରିଖରେ କ୍ୟାବିନେଟ ଅଗ୍ନିବୀରଙ୍କ ପାଇଁ କେନ୍ଦ୍ର ସରକାର ଦୁଇ ବର୍ଷ ବୃଦ୍ଧି କରିଛନ୍ତି, ଯାହା ଫଳରେ ଅଗ୍ନିପଥ ଯୋଜନାରେ ସେମାନଙ୍କର କାର୍ଯ୍ୟକାଳକୁ ବର୍ତ୍ତମାନର ଚାରି ବର୍ଷରୁ ଛଅ ବର୍ଷକୁ ବୃଦ୍ଧି କରାଯାଇପାରିବ । ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ୍ ଏନଏସ ରାଜା ସୁବ୍ରମଣି ବୁଧବାର ଦିନ ଘୋଷଣା କରିଛନ୍ତି। ଅବ୍ୟାହତି ନେବାକୁ ଥିବା ୭୫ ପ୍ରତିଶତ ଅଗ୍ନିବୀରଙ୍କ କାର୍ଯ୍ୟକାଳ ୨ ବର୍ଷକୁ ବୃଦ୍ଧି କରାଯାଇଛି । ଅଗ୍ନିବୀରଙ୍କ କାର୍ଯ୍ୟ ଦକ୍ଷତା ଭଲ ରହିଛି । ଡିସେମ୍ବର ୩୧ ସୁଦ୍ଧା ୧୮, ୩୦୦ ଅଗ୍ନିବୀରଙ୍କ କାର୍ଯ୍ୟକାଳ ସରୁଛି ।

## ମାଗଣା ଖାଦ୍ୟ ବଣ୍ଟନ ପାଇଁ ବ୍ରିଟେନରେ ଶିଖ୍ ବାପ-ଝିଅ ସମ୍ମାନିତ



ଲଣ୍ଡନ,୪।୧୧ : ଭୋକିଲା ଓ ଅସହାୟ ଲୋକଙ୍କୁ ଖାଦ୍ୟ ଯୋଗାଇ ବ୍ରିଟେନରେ ସମ୍ମାନିତ ହୋଇଛନ୍ତି ଜଣେ ଶିଖ୍ ବାପା ଓ ତାଙ୍କ ଝିଅ। ସେମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଗତ ୨୦୨୫ ବର୍ଷରେ ୧୦ ଲକ୍ଷରୁ ଅଧିକ ଲୋକଙ୍କୁ ମାଗଣା ଖାଦ୍ୟ ବଣ୍ଟନ କରିଛି। ଏହି ମାନବସେବା ପାଇଁ ଇନ୍ଦରଜିତ ଜୁଗଡି ଓ ତାଙ୍କ ଝିଅ ଅବତାର କୌରଙ୍କୁ କୋଭେଣ୍ଟ୍ରି ସିଟି କାଉନ୍ସିଲ ପକ୍ଷରୁ 'ଗୁଡ୍ ସିଟିଜେନ୍ ଆୱାର୍ଡ' ପ୍ରଦାନ କରାଯାଇଛି। ବ୍ରିଟେନର କୋଭେଣ୍ଟ୍ରି ସହରରେ ଏହି ବାପ-ଝିଅ 'ଲଙ୍ଗର ଏଡ୍' ନାମରେ ଏକ ସଂସ୍ଥା ଆରମ୍ଭ କରିଥିଲେ। ୨୦୧୬ରେ ପରିବାର ସଦସ୍ୟ ଓ ବନ୍ଧୁମାନଙ୍କ ସହଯୋଗରେ ଘରେ ଖାଦ୍ୟ ପ୍ରସ୍ତୁତ କରି ସହରର ଏକ ନିଯୁକ୍ତି କେନ୍ଦ୍ର ବାହାରେ ସପ୍ତାହକୁ ମାତ୍ର ୩୦ ଜଣଙ୍କୁ ଖାଦ୍ୟ ଦେବାରୁ ଏହି ଉଦ୍ୟମ ଆରମ୍ଭ ହୋଇଥିଲା। ଏବେ ଏହାର ପରିସର ବେଶ୍ ବ୍ୟାପକ ହୋଇଛି। ସଂସ୍ଥା ପ୍ରତି ସପ୍ତାହରେ ୨୦ ହଜାରରୁ ଅଧିକ ଲୋକଙ୍କୁ ଖାଦ୍ୟ ଯୋଗାଉଛି। ଶିଖ୍ ଧର୍ମରେ ପ୍ରଚଳିତ 'ଲଙ୍ଗର' ପରମ୍ପରାରୁ ଏହି ଉଦ୍ୟମ ପ୍ରେରଣା ପାଇଛି। ଏହି ପରମ୍ପରାରେ ଧର୍ମ, ବୟସ ଓ ସାମାଜିକ ପରିଚୟ ନିର୍ବିଶେଷରେ ସମସ୍ତଙ୍କୁ ମାଗଣା ଖାଦ୍ୟ ଦିଆଯାଏ।

## ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ମାମଲାରେ ନେତାଙ୍କ ପରାମର୍ଶ ଲୋଡିବେ ବାଚସ୍ପତି

ନୂଆଦିଲ୍ଲୀ,୪।୧୧: ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବାସଭବନରୁ ନଗଦ ଟଙ୍କା ଜବତ ମାମଲାରେ ପରବର୍ତ୍ତୀ ପଦକ୍ଷେପ ନେବା ପୂର୍ବରୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ସହ ପରାମର୍ଶ କରିବେ। ବିଚାରପତିଙ୍କ ମହାଭିଯୋଗ ପ୍ରକ୍ରିୟା ସମ୍ପର୍କିତ ନିୟମଗୁଡ଼ିକର ମଧ୍ୟ ଅନୁଧ୍ୟାନ କରାଯିବ ବୋଲି ବାଚସ୍ପତି କହିଛନ୍ତି। ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ପାଇଁ ବାଚସ୍ପତିଙ୍କ ଦ୍ୱାରା 'ଜଜେସ୍ ଆକ୍ଟ' ଅନୁଯାୟୀ ଗଠିତ ତିନି ଜଣିଆ କମିଟି ଅଗଷ୍ଟ ମାସରେ ସଂସଦର ଉଭୟ ଗୃହରେ ରିପୋର୍ଟ ଦାଖଲ କରିଥିଲା। ଏଥିରେ ତାଙ୍କ ସରକାରୀ ବାସଭବନରୁ ମିଳିଥିବା ହିସାବବିହୀନ ନଗଦ ଟଙ୍କା, ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଏବଂ ତାଙ୍କର ଅସ୍ପଷ୍ଟ ଉତ୍ତର ସମ୍ପର୍କିତ ଅଭିଯୋଗଗୁଡ଼ିକ ପ୍ରମାଣିତ ହୋଇଥିବା କମିଟି ଦର୍ଶାଇଥିଲା। ଏହି ଘଟଣା ପରେ ଜଷ୍ଟିସ୍ ବର୍ମା ଆହ୍ଲାବାଦ ହାଇକୋର୍ଟର ବିଚାରପତି ପଦରୁ ଇସ୍ତଫା ଦେଇଥିଲେ।

## ଜନ୍ମହାର ହ୍ରାସ ଯୋଗୁଁ ପ୍ରାସଙ୍ଗିକତା ହରାଇଛି ଆଇନ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୪।୧୧: ଦୁଇରୁ ଅଧିକ ସନ୍ତାନ ଥିଲେ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାର ନିର୍ବାଚନ ଲଢ଼ିବା ଉପରେ କଟକଣା ଲଗାଉଥିବା ଆଇନଗୁଡ଼ିକ ଏବେ ପ୍ରାସଙ୍ଗିକତା ହରାଇଛି। ଭାରତରେ ଜନ୍ମହାର ହ୍ରାସ ପାଇବା ସହ ଜନସଂଖ୍ୟାର ଗଠନରେ ପରିବର୍ତ୍ତନ ଆସିଥିବାରୁ ଏଭଳି ଆଇନର ମୂଳ ଉଦ୍ଦେଶ୍ୟ ଆଉ ଯଥାର୍ଥ ହୋଇ ରହିନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହ ଏହି କଟକଣାକୁ ବୈଧ ବୋଲି ଦର୍ଶାଇଥିବା ୨୦୦୩ର ଏକ ରାୟର ପୁନର୍ବିଚାର ପାଇଁ ଅଦାଲତ ମାମଲାକୁ ବୃହତ୍ତର ଖଣ୍ଡପୀଠକୁ ପଠାଇଛନ୍ତି। ବିଚାରପତି ପି.ଏସ୍. ନରସିଂହ ଓ ଅଲୋକ ଆରାଧେଙ୍କ ଖଣ୍ଡପୀଠ ମହାରାଷ୍ଟ୍ରର କାକୋଡା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଙ୍ଗଳା ଭୀମରାଓ ଇଙ୍ଗଲେଙ୍କ ଆବେଦନର ଶୁଣାଣି କରି ଏହି ମତ ଦେଇଛନ୍ତି। ତୃତୀୟ ସନ୍ତାନ ଜନ୍ମ ହେବା ପରେ ମହାରାଷ୍ଟ୍ର ଗ୍ରାମ ପଞ୍ଚାୟତ ଆଇନ, ୧୯୫୯ର ଧାରା ୧୪(୧)(ଜେ-୧) ଅନୁଯାୟୀ ତାଙ୍କୁ ସରପଞ୍ଚ ପଦରୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏହି ଆଇନରେ ଦୁଇରୁ ଅଧିକ ସନ୍ତାନ ଥିବା ବ୍ୟକ୍ତି ପଞ୍ଚାୟତ ସଦସ୍ୟ କିମ୍ବା ସରପଞ୍ଚ ହେବା ଉପରେ କଟକଣା ରହିଛି। ୨୦୦୦ ସେପ୍ଟେମ୍ବର ୧୩ରୁ ଏହି ବ୍ୟବସ୍ଥା ଲାଗୁ ହୋଇଥିଲା। ଅଦାଲତ କହିଛନ୍ତି, ୨୦୦୩ରେ 'ଜାଭେଦ୍ ବନାମ ହରିୟାଣା ରାଜ୍ୟ' ମାମଲାରେ ସୁପ୍ରିମକୋର୍ଟ ଦୁଇ ସନ୍ତାନ ନୀତିକୁ ବୈଧ ଘୋଷଣା କରିଥିବା ସମୟରେ ଭାରତର ମୋଟ ପ୍ରଜନନ ହାର ୩ ଥିଲା। ଏବେ ତାହା ହ୍ରାସ ପାଇ ୧.୯ରେ ପହଞ୍ଚିଛି। ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ଆବଶ୍ୟକ ୨.୧ ହାରଠାରୁ ଏହା କମ୍। ଏହାର ପରିଣାମରେ ଭବିଷ୍ୟତରେ ବୟସ୍କ ଜନସଂଖ୍ୟା ବଢ଼ିବା ସହ କାର୍ଯ୍ୟକ୍ଷମ ବୟସର ଲୋକଙ୍କ ଅନୁପାତ ହ୍ରାସ ପାଇବାର ଆଶଙ୍କା ରହିଛି। ବିଚାରପତି ନରସିଂହ କହିଥିଲେ, ଅତ୍ୟଧିକ ଜନସଂଖ୍ୟାର ଭୟ ଉପରେ ଆଧାରିତ ଏହି ଆଇନଗୁଡ଼ିକର ଭିତ୍ତି ଜନସାଂଖ୍ୟିକ ପରିବର୍ତ୍ତନ ଯୋଗୁଁ ଦୁର୍ବଳ ହୋଇପଡ଼ିଛି।

## କେରଳ ଓ ଚେନ୍ନାଇ: ୧୧ ସ୍ଥାନରେ ଇଡି

ନୂଆଦିଲ୍ଲୀ,୪।୧୧: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କେରଳ ଓ ଚେନ୍ନାଇର ୧୧ଟି ସ୍ଥାନରେ ଚଢ଼ାଉ ଅଭିଯାନ ଚଳାଇଛି। ଭାରତ ଲଜନା ମଲ୍ଟି ଷ୍ଟେଟ୍ କୋ-ଅପରେଟିଭ୍ ସୋସାଇଟି (ବିଏଲ୍ଏମ୍)ର ପ୍ରତିଷ୍ଠାତା ସଦସ୍ୟ ତଥା ପ୍ରକୃତ ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡ଼ି) ଥିବା ଆର୍. ପ୍ରେମକୁମାର ଏବଂ ଅନ୍ୟମାନଙ୍କ ସହ ଜଡ଼ିତ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ହେଉଛି। ଇଡି ଅନୁଯାୟୀ, ପ୍ରେମକୁମାର ନିଜ ପଦ ଓ ପ୍ରଭାବର ଦୁରୁପଯୋଗ କରି ସାଧାରଣ ଜମାକାରୀମାନେ ସୋସାଇଟିରେ ଜମା କରିଥିବା କୋଟି କୋଟି ଟଙ୍କା ନିଜ ପତ୍ନୀ ଓ ସମ୍ପର୍କୀୟଙ୍କ ବ୍ୟାଙ୍କ ଖାତାକୁ ସ୍ଥାନାନ୍ତର କରାଇଥିଲେ। ଏହି ଟଙ୍କାକୁ ବ୍ୟକ୍ତିଗତ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥିବା ଅଭିଯୋଗ ରହିଛି।ତଦନ୍ତକାରୀ ସଂସ୍ଥା ଅନୁଯାୟୀ, ପ୍ରେମକୁମାର ସୋସାଇଟିର ରାଗମ୍ ଥିଏଟରକୁ ବ୍ରିଓସ୍ ଫିନଭେଷ୍ଟ ନିକଟରେ ବନ୍ଧକ ରଖିଥିଲେ। କିନ୍ତୁ ଏହା ବଦଳରେ ମିଳିଥିବା ଅର୍ଥ ସୋସାଇଟି ନିକଟରେ ପହଞ୍ଚି ନଥିଲା।

## ରାଲିରେ ଯୋଗ ନ ଦେବାରୁ ୮୦ରୁ ଅଧିକ ଯୁବ କଂଗ୍ରେସ କର୍ମୀ ନିଲମ୍ବିତ

ନୂଆଦିଲ୍ଲୀ,୪।୧୧: ଦିଲ୍ଲୀର ରାମଲୀଳା ମୈଦାନରେ ଅନୁଷ୍ଠିତ ଇଣ୍ଡିମେଣ୍ଟର ରାଲିରେ ଯୋଗ ଦେଇନଥିବାରୁ ଯୁବ କଂଗ୍ରେସ ପକ୍ଷରୁ ୮୦ରୁ ଅଧିକ କାର୍ଯ୍ୟକର୍ତ୍ତାଙ୍କୁ ନିଲମ୍ବିତ କରାଯାଇଛି। ରାଲିରେ ଅନୁପସ୍ଥିତ ରହିବାର କାରଣ ଦର୍ଶାଇବାକୁ ସେମାନଙ୍କୁ କୁହାଯାଇଛି। ତେବେ ନିଲମ୍ବିତ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ ସଂଖ୍ୟା ୫୦୦ରୁ ଅଧିକ ହୋଇଥାଇପାରେ ବୋଲି ଜଣାପଡ଼ିଛି।

### ସପା- କଂଗ୍ରେସକୁ ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ଟାର୍ଗେଟ

## 'ଗଣତନ୍ତ୍ରରେ ପରିବର୍ତ୍ତନ ହୁଏ ନାହିଁ, ଲୋକମାନେ ପରିବର୍ତ୍ତନ କରନ୍ତି,

ନୂଆଦିଲ୍ଲୀ,୪/୧୧ : ଗୋରଖପୁରରେ 'ଗଣତନ୍ତ୍ର ବଞ୍ଚାଓ, ଅରାଜକତା ହଟାଓ' ପଦଯାତ୍ରା ସମୟରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ଉପରେ ଖୁବ୍ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି କି, କଂଗ୍ରେସ ସପାର ଉଦ୍ଦେଶ୍ୟ ଭାରତ ଏବଂ ସମ୍ବିଧାନକୁ କାଠଗଡ଼ାରେ ଛିଡ଼ା କରିବାରେ ଅଛି । ଯେଉଁ ସାମ୍ବିଧାନିକ ସଂସ୍ଥା ବଳ ଉପରେ ଦେଶର ଲୋକତନ୍ତ୍ର ଛିଡ଼ା ହୋଇଛି ତାକୁ କମଜୋର କରିବାର ଷଡ଼ଯନ୍ତ୍ରକୁ ଗ୍ରହଣ କରାଯାଇପାରିବ ନାହିଁ। ସିଏମ୍ ଯୋଗୀ ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧକ୍ଷ ଅଖିଳେଶ ଯାଦବଙ୍କୁ ଟାର୍ଗେଟ କରି କହିଛନ୍ତି କି, ସେ ଗଣତନ୍ତ୍ରର ଅର୍ଥ ବୁଝିବା ଆବଶ୍ୟକ । ଗଣତନ୍ତ୍ରରେ ପରିବର୍ତ୍ତନ ନୁହେଁ, ଜନତା ପରିବର୍ତ୍ତନ କରନ୍ତି । ୨୦୧୪ରେ ଦେଶର ଜନତା ପରିବର୍ତ୍ତନ କରିଛନ୍ତି ଏବଂ ୨୦୧୭ରେ ଉତ୍ତରପ୍ରଦେଶର ଜନତା ସରକାର ପରିବର୍ତ୍ତନ କରି ଦେଖାଇଛନ୍ତି । ଏହି ପରିବର୍ତ୍ତନ କଂଗ୍ରେସ କିମ୍ବା ସମାଜବାଦୀ ପାର୍ଟିର ଶକ୍ତିର ନୁହେଁ ବରଂ ଜନତା ଜନାର୍ଦ୍ଦନର ଶକ୍ତିରେ ହୋଇଥିଲା। ସିଏମ୍ ଯୋଗୀ ଉତ୍ତରପ୍ରଦେଶର ବିଧାନସଭା ନିର୍ବାଚନର ଉଦାହରଣ ଦେଇ କହିଛନ୍ତି କି, ୨୦୧୭ ଏବଂ ୨୦୨୨ର ନିର୍ବାଚନରେ ସପା ଏବଂ କଂଗ୍ରେସ ମିଶି ବି ସେତିକି ଆସନ ଜିତିପାରିନଥିଲେ ଯେତିକି ବିଜେପି ଏକାକୀ ୨୦୨୨ରେ ହାସଲ କରିଥିଲା ।

## ଆମେରିକାବାସୀ ଯୁଦ୍ଧକୁ ପ୍ରତ୍ୟାଖ୍ୟାନ କରିଛନ୍ତି: ଇରାନ ବାଚସ୍ପତି

ତେହେରାନ,୪।୧୧ : ଆମେରିକା ମଧ୍ୟବର୍ତ୍ତୀ ନିର୍ବାଚନରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟିର ବିପର୍ଯ୍ୟୟ ପରେ ଇରାନ ସଂସଦ ବାଚସ୍ପତି ମହମ୍ମଦ ବାଘେଲ ଗାଲିବାଫ ବଡ଼ ବକ୍ତବ୍ୟ ଦେଇଛନ୍ତି। ଆମେରିକାବାସୀ ନିର୍ବାଚନ ମାଧ୍ୟମରେ ଯୁଦ୍ଧକୁ ପ୍ରତ୍ୟାଖ୍ୟାନ କରିଥିବା ନେଇ ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି ଏବଂ ଇରାନ ଏହି ଜନମତକୁ ସମର୍ଥନ କରୁଛି ବୋଲି ସେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି। ଏହାସହିତ ସେ ଚେତାବନୀ ଦେଇଛନ୍ତି ଯେ ଯଦି ଆମେରିକା ସରକାର ନିଜ ଦେଶର ଜନମତ ପ୍ରତି ବିଶ୍ୱାସଘାତକତା କରି ଯଦି ଇରାନ ଉପରେ ପୁନଃ ଆକ୍ରମଣ କରେ ତେବେ ଏହା ଆମେରିକା ପାଇଁ ଏକ ଭୟାନକ ପରିଣାମ ସାବ୍ୟସ୍ତ ହେବ। ରିପବ୍ଲିକାନଙ୍କ ପରାଜୟ ପଛରେ ଇରାନ ଯୁଦ୍ଧ ଏବଂ ଇନ୍ଧନ ଦର ବୃଦ୍ଧି ଅନ୍ୟତମ କାରଣ ଥିଲା ବୋଲି ଟ୍ରମ୍ପ ପୂର୍ବରୁ ସ୍ୱୀକାର କରିସାରିଛନ୍ତି।

## ଶରଦ ପାୱାରଙ୍କୁ ଫୋନ୍ କରି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ପ୍ରଧାନମନ୍ତ୍ରୀ


ପୁଣେ,୪।୧୧ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସକାଳେ ଏନସିପି (ଏସ୍ପି) ମୁଖ୍ୟ ଶରଦ ପାୱାରଙ୍କୁ ଫୋନ୍ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ସମୟରେ ମୋଦି ତାଙ୍କୁ ସମ୍ପୂର୍ଣ୍ଣ ବିଶ୍ରାମ ନେବାକୁ ପରାମର୍ଶ ଦେଇଛନ୍ତି। ପାୱାରଙ୍କ ଘନିଷ୍ଠ ସହଯୋଗୀ ବିଠଲ ମଣିୟାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ମଣିୟାରଙ୍କ କହିବା ଅନୁଯାୟୀ, କାମକୁ ନେଇ ଚିନ୍ତା ନ କରି କେବଳ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବାକୁ ମୋଦି ପାୱାରଙ୍କୁ କହିଛନ୍ତି। ଏବେ ସୁପ୍ରିୟା ସୁଲେ ଦାୟିତ୍ୱ ତୁଲାଇବାକୁ ପ୍ରସ୍ତୁତ ହୋଇଗଲେଣି, ତେଣୁ ସେ ନିଜ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ ବୋଲି ମୋଦି କହିଥିବା ମଣିୟାର ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଫୋନ୍ କଲ୍ ପାଇଁ ପାୱାର ତାଙ୍କୁ ଧନ୍ୟବାଦ ଜଣାଇବା ସହ ବିଶ୍ରାମ ନେବେ ବୋଲି ନିଶ୍ଚିତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅସୁସ୍ଥତା ଯୋଗୁଁ ଶରଦ ପାୱାର ନିକଟରେ ପୁଣେର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଆଜି ସୁସ୍ଥ ହୋଇ ହସ୍ପିଟାଲରୁ ଘରକୁ ଫେରିବା ପରେ ମୋଦି ତାଙ୍କ ସହ କଥା ହୋଇଥିଲେ।

## ଟ୍ରେନ୍ ଦୁର୍ଘଟଣା: ସ୍ପେନର ପରିବହନ ମନ୍ତ୍ରୀଙ୍କ ଇସ୍ତଫା

ମାଦ୍ରିଦ,୪।୧୧: ସ୍ପେନର ପରିବହନ ମନ୍ତ୍ରୀ ତାଙ୍କ ଇସ୍ତଫା ଘୋଷଣା କରିଛନ୍ତି। ମାଦ୍ରିଦର ଦକ୍ଷିଣରେ ଏକ ହାଇ-ସ୍ପିଡ୍ ଟ୍ରେନ୍ ଦୁର୍ଘଟଣାର ଛଅ ଦିନ ପରେ ସେ ନିଜକୁ ଉତ୍ତରଦାୟୀ କରି ମଙ୍ଗଳବାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଦୁର୍ଘଟଣାରେ ୬୯ ଜଣଙ୍କର ମୃତ୍ୟୁ ଘଟିଥିଲା। ପରିବହନ ମନ୍ତ୍ରୀ ଅସ୍କାର ପୁଏଣ୍ଟେ ସାଂସଦଙ୍କ ସମ୍ମୁଖରେ ଏକ ଘଣ୍ଟା ଧରି ନିଜର ମତ ରଖି ଶେଷରେ ଏହି ଘୋଷଣା କରିଛନ୍ତି। ଉଲ୍ଲେଖନୀୟ, ଏହି ଦୁର୍ଘଟଣା ସ୍ପେନର ବିଶାଳ ହାଇ-ସ୍ପିଡ୍ ରେଳ ନେଟୱାର୍କରେ ଚଳିତ ବର୍ଷ ଦ୍ୱିତୀୟ ଏଭଳି ମାରାତ୍ମକ ଦୁର୍ଘଟଣା ଥିଲା। ସ୍ପେନ୍ ଭଳି ଦେଶରେ ଗୋଟିଏ ବର୍ଷରୁ କମ୍ ସମୟ ମଧ୍ୟରେ ଦୁଇଟି ଦୁର୍ଘଟଣା ପରେ କୌଣସି ପରିବହନ ମନ୍ତ୍ରୀ ପଦବୀରେ ରହିପାରିବେ ନାହିଁ। ଏହା ରାଜନୈତିକ ମର୍ଯ୍ୟାଦା ଏବଂ ପୀଡିତଙ୍କ ପ୍ରତି ସହାନୁଭୂତିର ପ୍ରଶ୍ନ ବୋଲି ଅସ୍କାର ପୁଏଣ୍ଟେ ସାଂସଦଙ୍କୁ କହିଥିଲେ। ଅକ୍ଟୋବର ୨୮ ତାରିଖରେ ଦୁର୍ଘଟଣା ଘଟିଥିଲା। ଏକ ଦ୍ରୁତଗାମୀ ଟ୍ରେନ୍ ଟ୍ରାକରେ ଠିଆ ହୋଇଥିବା ଅନ୍ୟ ଏକ ଟ୍ରେନ୍ ସହିତ ଧକ୍କା ଦେଇଥିଲା। ମାଡ୍ରିଡ୍-ସେଭିଲ୍ ଲାଇନରେ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ବ୍ୟବସ୍ଥା ବିଫଳ ହେବା ଯୋଗୁଁ ଦୁର୍ଘଟଣା ହୋଇଥିଲା।


### ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କୁ ବଡ ଝଟକା

# ରିପବ୍ଲିକାନଙ୍କ ଶୋଚନୀୟ ପରାଜୟ, ଡେମୋକ୍ରାଟିକ୍ ପାର୍ଟି ହାସଲ କଲା ବହୁମତ



ନୂଆଦିଲ୍ଲୀ,୪/୧୧: ମିଡ୍ ଟର୍ମ ଟେଷ୍ଟରେ ଫେଲ୍ ଟ୍ରମ୍ପ। ହାରିଲା ରିପବ୍ଲିକାନ୍ ପାର୍ଟି। ଆମେରିକାରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଝଟକା ଲାଗିଛି। ଡେମୋକ୍ରାଟ୍ସ କଣ୍ଟ୍ରୋଲ ଆସିଛି ୟୁଏସ୍ କଂଗ୍ରେସ। ଆମେରିକା ମଡ୍ ଟର୍ମ ନିର୍ବାଚନରେ ଟ୍ରମ୍ପଙ୍କ ବଡ଼ ପରାଜୟ ହୋଇଛି। ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟି ପରାସ୍ତ ହୋଇଛି। ବିରୋଧୀ ଡେମୋକ୍ରାଟିକ୍ ପାର୍ଟି ସିନେଟରେ ବହୁମତ ହାସଲ କରିଛି ଏବଂ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭରେ ମଧ୍ୟ ଏହାର ନେତୃତ୍ୱ ବଜାୟ ରଖିଛି। ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭସର ୪୩୫ଟି ଆସନ ଏବଂ ସିନେଟ୍‌ର ୧୦୦ଟି ଆସନ ମଧ୍ୟରୁ ୩୫ଟି ଆସନ ପାଇଁ ହୋଇଛି ମତଦାନ। ରିପବ୍ଲିକାନ୍ ପାର୍ଟିକୁ ହରାଇ ଡେମୋକ୍ରାଟିକ୍ ପାର୍ଟି ବିଜୟ ହାସଲ କରିଛି । ମୋଟ୍ ୧୦୦ ଆସନରୁ ଡେମୋକ୍ରାଟିକକୁ ୫୧ଟି ଆସନ ମିଳିଛି । ତେହେରାନ ଜାଗାରେ ଟେକ୍ସାସରେ ହୋଇଗଲା ରିଜିମ ଚେଞ୍ଜ। ହାତରୁ ସଂସଦର ୨ଟି ଗୃହ ଉପରକୁ ଟ୍ରମ୍ପଙ୍କ କଣ୍ଟ୍ରୋଲ୍ ଗଲା । ସଂସଦର ୨ଟି ଗୃହ ଉପରକୁ ଟ୍ରମ୍ପଙ୍କ କଣ୍ଟ୍ରୋଲ୍ ଗଲା । ଆମେରିକା ମିଡଟର୍ମ ନିର୍ବାଚନରେ ଟ୍ରମ୍ପ ଫେଲ୍ ହୋଇଛନ୍ତି । ଉଭୟ ଗୃହରେ ରିପବ୍ଲିକାନ୍ ସଂଖ୍ୟାଗରିଷ୍ଠତା ହରାଇଛି । ଗତ ୫୦ ବର୍ଷ ମଧ୍ୟରେ କେବଳ ଦୁଇଥର ସମାନ ନିର୍ବାଚନରେ ଦୁଇ ଗୃହ ମଧ୍ୟରେ ନିୟନ୍ତ୍ରଣ ପରିବର୍ତ୍ତନ ହୋଇଛି। ପ୍ରାୟ ୯ ମାସ ପୂର୍ବେ ଆମେରିକାର ରାଷ୍ଟ୍ରପତି ଇରାନର ରାଜଧାନୀ ତେହେରାନରେ ଶାସନ ପରିବର୍ତ୍ତନର ସ୍ୱପ୍ନ ଦେଖୁଥିଲେ। ସେହି ଇଚ୍ଛାରେ ଯୁଦ୍ଧ ଆରମ୍ଭ ହୋଇଥିଲା ଏବଂ ବର୍ତ୍ତମାନ ସେହି ଯୁଦ୍ଧ ଆମେରିକା ଭିତରେ ଡୋନାଲ୍ଡ ଟ୍ରମ୍ପଙ୍କୁ ଚୂର୍ଣ୍ଣ କରିଦେଇଛି । ମଧ୍ୟବର୍ତ୍ତୀ ନିର୍ବାଚନରେ ଖରାପ ପରାଜୟ ପରେ ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟି କଂଗ୍ରେସର ଉଭୟ ଗୃହ (ସଂସଦ) - ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ଏବଂ ସିନେଟ୍ ଉପରେ ନିୟନ୍ତ୍ରଣ ହରାଇଛି । ବିରୋଧୀ ଡେମୋକ୍ରାଟିକ୍ ପାର୍ଟି ଉଭୟ ଗୃହରେ ସଂଖ୍ୟାଗରିଷ୍ଠତା ହାସଲ କରିଛି। ଆମେରିକା ରାଜନୀତିରେ ପୁଣି ଚର୍ଚ୍ଚାରେ ଭାରତୀୟ ବଂଶୋଭବ ନେତା ।

## ଭାରତୀୟଙ୍କ ଦବ୍‌ଦବା: ବାଜି ମାରିଲେ ସୁହାସ-ପିଆ; ହାରିଲେ ବିବେକ




ନୂଆଦିଲ୍ଲୀ, ୪।୧୧ : ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଆମେରିକାରେ ବାସ କରୁଥିବା ଭାରତୀୟ ବଂଶୋଭବ ପ୍ରାର୍ଥୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ବିଶେଷ କରି ଡେମୋକ୍ରାଟିକ୍ ଦଳର ଭାରତୀୟ-ଆମେରିକୀୟ ନେତାମାନେ ଏକାଧିକ ପ୍ରମୁଖ ଆସନରେ ବିଜୟ ହାସଲ କରି ଦେଶର ରାଜନୈତିକ ଦୃଶ୍ୟପଟରେ ନିଜର ପ୍ରଭାବ ଜାହିର କରିଛନ୍ତି । ଭର୍ଜିନିଆର ୧୦ମ କଂଗ୍ରେସନାଲ ଜିଲ୍ଲାରୁ ଡେମୋକ୍ରାଟିକ୍ ପ୍ରାର୍ଥୀ ସୁହାସ ସୁବ୍ରମଣ୍ୟମ ଏକ ପ୍ରଭାବଶାଳୀ ଏବଂ ବଡ଼ଧରଣର ବିଜୟ ହାସଲ କରିଛନ୍ତି। ଏଠାରେ ପ୍ରାୟ ୯୫ ପ୍ରତିଶତ ଭୋଟ୍ ଗଣତି ଶେଷ ହୋଇଥିବାବେଳେ, ଶ୍ରୀ ସୁବ୍ରମଣ୍ୟମଙ୍କୁ ଏକକାଳୀନ ପ୍ରାୟ ୬୩% ଭୋଟ୍ ମିଳିଛି । ସେହିପରି ଫ୍ଲୋରିଡାର କଂଗ୍ରେସନାଲ ଜିଲ୍ଲାରେ ଏକ ଅତ୍ୟନ୍ତ କଡ଼ାକଡ଼ି ମୁକାବିଲାରେ ଡେମୋକ୍ରାଟ୍ ପ୍ରାର୍ଥୀ ପିଆ ଡାଣ୍ଡିଆ ବିଜୟୀ ହୋଇଛନ୍ତି । ପ୍ରାୟ ୯୭.୬% ଭୋଟ୍ ଗଣତି ସୁଦ୍ଧା ପିଆ ଡାଣ୍ଡିଆ ୫୧.୯% ଭୋଟ୍ ହାସଲ କରିଥିବାବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରିପବ୍ଲିକାନ୍ ପ୍ରାର୍ଥୀ କେସି ଅସକର ୪୮.୧% ଭୋଟ୍ ପାଇ ପରାସ୍ତ ହୋଇଛନ୍ତି । ତେବେ ପଡ଼ୋଶୀ ମେରଲ୍ୟାଣ୍ଡ ରାଜ୍ୟରେ, ଭାରତୀୟ-ଆମେରିକୀୟ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଅରୁଣା ମିଲର ମଧ୍ୟ ନିଜର ଦାୟିତ୍ୱ ଏବଂ ସ୍ଥିତିକୁ ବଜାୟ ରଖିବାରେ ସଫଳ ହୋଇଛନ୍ତି । ଅନ୍ୟପକ୍ଷରେ, ଓହାୟୋ ରାଜ୍ୟର ଗଭର୍ଣ୍ଣର ପଦବୀ ପାଇଁ ଚାଲିଥିବା ପ୍ରତିଯୋଗିତାରେ ରିପବ୍ଲିକାନ୍ ପ୍ରାର୍ଥୀ ତଥା ପ୍ରମୁଖ ଭାରତୀୟ-ଆମେରିକୀୟ ନେତା ବିବେକ ରାମାସ୍ୱାମୀ ପରାଜୟ ହୋଇଛନ୍ତି ।

CMYK

## ରାଜଧାନୀରେ ଡବଲ ମର୍ଡର

ଭୁବନେଶ୍ୱର: ରାଜଧାନୀରେ ୭୬ ବର୍ଷୀୟ ବୃଦ୍ଧାଙ୍କୁ ଟଙ୍କା ଓ ସୁନାଗହଣା ପାଇଁ ହତ୍ୟା କରାଯିବା ଘଟଣା ଚାଂଚଲ୍ୟ ଖେଳାଇଦେଇଛି। ମୃତ ବୃଦ୍ଧା ଜଣକ ହେଉଛନ୍ତି କୁଞ୍ଜଲତା ନନ୍ଦ। ଟଙ୍କା ଓଓ ସୁନା ଲୋଭରେ କେୟାର ଟେକର ତାଙ୍କ ହତ୍ୟା କରିଥିବା ଅଭିଯୋଗ ହୋଇଛି। ବୃଦ୍ଧାଙ୍କ ପିଲାମାନେ ବାହାରେ ରହୁଥିବା ବେଳେ ଲକ୍ଷ୍ମୀସାଗର ବୃନ୍ଦନଗରରରେ ଏକାକୀ ରହୁଥିଲେ କୁଞ୍ଜଲତା ନନ୍ଦ। ବୃଦ୍ଧା ମାଆଙ୍କ ଦେଖାଶୁଣା ପାଇଁ ଘରେ ରଖାଯାଇଥିଲା କେୟାରଟେକର। ଅଭିଯୋଗ ଅନୁସାରେ, ରାତି ପ୍ରାୟ ୯ଟାରୁ ଘରର ସିସିଟିଭି ବନ୍ଦ କରିଦିଆଯାଇଥିଲା। ସକାଳ ହେବା ପରେ ତଳ ମହଲାରେ ରହୁଥିବା ଲୋକେ କୁଞ୍ଜଲତା କବାଟ ଖୋଲୁନଥିବା ତାଙ୍କ ଝିଅଙ୍କୁ ଜଣାଇଥିଲେ। ଖବର ପାଇ ଜ୍ୱାଇଁ ଘରେ ପହଂଚିଥିଲେ। ହେଲେ ଭିତରୁ କବାଟ ବନ୍ଦ ଥିଲା। ପୋଲିସ ଉପସ୍ଥିତିରେ କବାଟ ଖୋଲାଯିବା ପରେ ଯାହା ଦେଖିବାକୁ ମିଳିଥିଲା, ତାହା ଥିଲା ଅତ୍ୟନ୍ତ ଭୟଙ୍କର। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲା ୭୬ ବର୍ଷୀୟା ବୃଦ୍ଧାଙ୍କ ମୃତଦେହ।ହାତଗୋଡ଼ ବନ୍ଧା ହୋଇଥିବା ବେଳେ ମୁଣ୍ଡରେ ରହିଥିଲା ଗଭୀର କ୍ଷତଚିହ୍ନ। ଘରର ଆଲମିରା ମଧ୍ୟ ଭଙ୍ଗାଯାଇଥିଲା। ଆଉ ଘରେ ନଥିଲେ ଖୋର୍ଦ୍ଧା ଟାଙ୍ଗୀ ଅଂଚଳର ବଳଭଦ୍ର ମହାରଣା। ଯିଏ ଗତ ୪ ମାସ ଧରି କୁଞ୍ଜଲତାଙ୍କ କେୟାରଟେକର ଭବେ କାମ କରୁଥିଲେ। ଘରୁ ପ୍ରାୟ ୪ରୁ ୫ ଭରି ସୁନା, ନଗଦ ୬୦ ହଜାର ଟଙ୍କା ଏବଂ ସ୍କୁଟି ନେଇ ସେ ଫେରାର ହୋଇଥିବା ଅଭିଯୋଗ ହୋଇଛି। ସେହିପରି ଏକ ପାର୍କରୁ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଛି। ହତ୍ୟା ପରେ ପ୍ରମାଣ ନଷ୍ଟ ପାଇଁ ପାର୍କରେ ପିଙ୍ଗି ପୋଡ଼ିବାକୁ ଉଦ୍ୟମ କରିଥିଲେ ଦୁର୍ବୃତ୍ତ । ମଞ୍ଚେଶ୍ୱର ଥାନା କେଲୁଚରଣ ପାର୍କରୁ ଏହି ଅଜଣା ମୃତଦେହ ଉଦ୍ଧାର ହୋଇଛି । ଘଟଣାସ୍ଥଳରେ ମଞ୍ଚେଶ୍ୱର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ପ୍ରକଳ୍ପ ଅନିୟମିତତା ମାମଲାରେ ହାଇକୋର୍ଟଙ୍କ ରହିତାଦେଶ


କାକଟପୁର(ନିପ୍ର): 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ପ୍ରକଳ୍ପ ଚୟନ ଓ ଅନୁମୋଦନକୁ ନେଇ ଅସ୍ତରଙ୍ଗ ବ୍ଲକରେ ବିବାଦ ଦେଖାଦେଇଛି। ଏହି ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ କରି କେତେକ ଜନପ୍ରତିନିଧି ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ଅଦାଲତ ରହିତାଦେଶ ଜାରି କରିଥିବା ଜଣାପଡ଼ିଛି। ଫଳରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଅସ୍ତରଙ୍ଗ ବ୍ଲକର ଜିଲ୍ଲା ପରିଷଦ ସଦସ୍ୟା, ସରପଞ୍ଚ ଓ ସମିତି ସଭ୍ୟସଭ୍ୟାମାନେ ପ୍ରକଳ୍ପ ଚୟନରେ ପକ୍ଷପାତିତା ଓ ଅନିୟମିତତା ହୋଇଥିବା ଅଭିଯୋଗ କରି ପ୍ରଥମେ ପୁରୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ। ଏହାର ସମାଧାନ ନ ହେବାରୁ ସେମାନେ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ।

# କୁଖ୍ୟାତ ଅପରାଧୀ ଗ୍ୟାଙ୍ଗର ୪ ଗିରଫ

## କଟୁରି, ଭୁଜାଲି, ଲୁହା କୁରାଢ଼ୀ ଜବତ

ଭୁବନେଶ୍ୱର(ନି.ପ୍ର) : ଅତ୍ୟଧିକ ମଦ୍ୟପାନ କରି ବେପରୁଆ ଓ ଦ୍ରୁତଗତିରେ କଳା ରଙ୍ଗର ମହିନ୍ଦ୍ରା ଥାର୍ ଚଳାଇ ଦୁର୍ଘଟଣା ଘଟାଇବା ଏବଂ ଗାଡ଼ି ଭିତରେ ବଙ୍ଗାଳୀ କଟୁରୀ, ଭୁଜାଲି, ଲୁହା କୁରାଢ଼ୀ ଓ ଡବଲ୍-ବ୍ଲେଡ୍ କୁରାଢ଼ୀ ଭଳି ମାରଣାସ୍ତ୍ର ଲୁଚାଇ ରଖି କୌଣସି ସାଂଘାତିକ ଅପରାଧ ଘଟାଇବାକୁ ଯୋଜନା କରୁଥିବା ଏକ ଅପରାଧୀ ଗ୍ୟାଙ୍ଗର ୪ଜଣ ସଦସ୍ୟଙ୍କୁ ଚନ୍ଦକା ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରଂଜିତ ହରିଚନ୍ଦନଳ ସତ୍ୟଜିତ ରାଉତରାୟ, ମନୋଜ ଭୋଇ ଓ ରାଜୀବ ବଡଜେନା। ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ଥାର୍ ଗାଡ଼ି ସମେତ ବିପୁଳ ପରିମାଣର ମାରଣାସ୍ତ୍ର ଜବତ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୦୩.୧୧.୨୦୨୬ ତାରିଖ ଅପରାହ୍ନ ପ୍ରାୟ ୦୨.୩୦ ମିନିଟରେ ଚନ୍ଦକା ଥାନା ପୋଲିସ ଏକ ଦୁର୍ଘଟଣା ସମ୍ପର୍କରେ ଖବର ପାଇ ପାଇକରାପୁର ଗ୍ରାମର ମେଲଣ ପଡ଼ିଆ ନିକଟରେ ପହଞ୍ଚିଥିଲା। ସେଠାରେ ଏକ କଳା ରଙ୍ଗର ମହିନ୍ଦ୍ରା ଥାର୍ ରାସ୍ତା କଡ଼ରେ ଥିବା ପାଚେରୀକୁ ଜୋରଦାର ଧକ୍କା ଦେଇ ଓଲଟି ପଡ଼ିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ପଚରାଉଚରା କରିବାରୁ ଜଣାପଡ଼ିଥିଲା ଯେ, ଗାଡ଼ିଟି ମଳିପଡ଼ା ପଟୁ ପାଇକରାପୁର ଆଡ଼କୁ ଅତ୍ୟନ୍ତ ଦ୍ରୁତ ଓ ବେପରୁଆ ଭାବେ ଆସୁଥିଲା ଏବଂ ମେଲଣ ପଡ଼ିଆ ନିକଟରେ ଭାରସାମ୍ୟ ହରାଇ ପାଚେରୀକୁ ପିଟି ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ଗାଡ଼ି ଭିତରେ ଥିବା ସତ୍ୟବ୍ରତ ନାୟକ ଓରଫ୍ ରିଙ୍କୁଆ ନାମକ ଜଣେ ଅପରାଧୀ ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଥିଲା। ଗାଡ଼ି ଚାଳକ ରଞ୍ଜିତ ହରିଚନ୍ଦନ ଓରଫ୍ କେଶୁ ପ୍ରଚୁର ମଦ୍ୟପାନ କରିଥିବା ଜଣାପଡ଼ିବାରୁ ତା'ର ବ୍ରେଥ୍ ଆନାଲାଇଜର୍ ଟେଷ୍ଟ କରାଯାଇଥିଲା। ଏଥିରେ ତା' ଶରୀରରେ ଆଲକୋହଲ୍ ପରିମାଣ ୧୭୨ ଏମ୍.ଜି/୧୦୦ ଏମ୍.ଏଲ ଥିବା ସ୍ପଷ୍ଟ ହୋଇଥିଲା। ଗାଡ଼ି ଭିତରେ ବସିଥିବା ଅନ୍ୟ ତିନି ଜଣ ଯୁବକ ମନୋଜ ଭୋଇ, ସତ୍ୟଜିତ ରାଉତରାୟ ଓ ରାଜୀବ ବଡ଼ଜେନା ମଧ୍ୟ ସାମାନ୍ୟ ଆହତ ହୋଇଥିଲେ। ଗାଡ଼ିଟିକୁ ଯାଞ୍ଚ କରିବା ବେଳେ ପଛ ସିଟ୍ ତଳୁ ଗୋଟିଏ ଲମ୍ବା ବଙ୍ଗାଳୀ କଟୁରୀ, ଗୋଟିଏ ଲୁହା ଭୁଜାଲି, ଗୋଟିଏ ଲୁହା କୁରାଢ଼ୀ ଏବଂ ଗୋଟିଏ ଡବଲ୍-ବ୍ଲେଡ୍ କୁରାଢ଼ୀ ଉଦ୍ଧାର ହୋଇଥିଲା। ଅଧିକ ତଦନ୍ତରୁ ଜଣାପଡ଼ିଛି ଯେ, ଗିରଫ ଅଭିଯୁକ୍ତମାନେ ଏବଂ ଫେରାର୍ ଥିବା ସତ୍ୟବ୍ରତ ନାୟକ ପୂର୍ବରୁ ଚନ୍ଦକା ଥାନାର ଏକ ବୋମାମାଡ଼ ଓ ଆକ୍ରମଣ ମାମଲାରେ ସମ୍ପୃକ୍ତ ଥିଲେ। ସେମାନେ କୌଣସି ବଡ଼ ଧରଣର ସାଂଘାତିକ ଅପରାଧ ଘଟାଇବା ଉଦ୍ଦେଶ୍ୟରେ ଏକତ୍ରିତ ହୋଇ ମାରଣାସ୍ତ୍ର ଧରି ଥାର୍ ଗାଡ଼ିରେ ଯାଉଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରୁ ଥାର୍ ଗାଡ଼ି ଓ ସମସ୍ତ ମାରଣାସ୍ତ୍ର ଜବତ କରାଯାଇଛି। ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ବିଧିବଦ୍ଧ ଭାବେ ଗିରଫ କରି ଆଜି ତା ୦୪.୧୧.୨୦୨୬ ଅପରାହ୍ନରେ କୋର୍ଟ ଚାଲାଣ କରିଛି। ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଅନ୍ୟତମ ଅଭିଯୁକ୍ତ ସତ୍ୟବ୍ରତ ନାୟକ ଓରଫ୍ ରିଙ୍କୁଆକୁ ଧରିବା ପାଇଁ ପୋଲିସର ତଦନ୍ତ ଜାରି ରହିଛି।

## ଦୁଇ ଗୋଷ୍ଠୀ ମୁହାଁମୁହିଁ: ଭାଙ୍ଗିଲା ଭିତ୍ତିପ୍ରସ୍ତର ଫଳକ



କାକଟପୁର(ନିପ୍ର): ପୁରୀଜିଲ୍ଲା କାକଟପୁରର ପ୍ରସିଦ୍ଧ ଶୈବପୀଠ ତଥା ଅଷ୍ଟଶମ୍ଭୁଙ୍କ ମଧ୍ୟରେ ସାମିଲ ଥିବା ଶ୍ରୀ ସୋମେଶ୍ୱର ମନ୍ଦିରର ଉନ୍ନତିକରଣ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ୧ କୋଟି ୪୦ ଲକ୍ଷ ଟଙ୍କା ଏବଂ କୁରୁମ ବୌଦ୍ଧପୀଠ ପାଇଁ ୪୦ ଲକ୍ଷ ଟଙ୍କାର ଅନୁଦାନ ରାଶି ମଞ୍ଜୁର କରାଯିବାକୁ ନେଇ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହି ଭିତ୍ତିପ୍ରସ୍ତର ସ୍ଥାପନା ପାଇଁ ସୂଚନା ଫଳକକୁ ସ୍ଥାପନାର ୧୨ ଘଣ୍ଟା ନ ପୂରୁଣୁ କୌଣସି ଦୁର୍ବୃତ୍ତ ଭାଙ୍ଗି ଦେଇଥିଲା । ସଭାସ୍ଥଳରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ ଉପସ୍ଥିତିରେ ବିଜେପିର ଅନ୍ୟ ଗୋଟିଏ ଗୋଷ୍ଠୀ ସେମାନଙ୍କୁ କାକଟପୁରରେ ଅଣଦେଖା କରାଯାଉଥିବା ନେଇ ତୀବ୍ର ବିରୋଧ କରିଥିଲେ । ସଭାକୁ ଯେନତେନ ପ୍ରକାରେ ଶେଷକରି ସଭାସ୍ଥଳରୁ ଚାଲିଯିବା ପରେ ସେଠାରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ଫଳକରେ ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ସଭାସ୍ଥଳକୁ ନ ଡାକିବା ଏବଂ ଫଳକରେ ତାଙ୍କ ନାମ ନଥିବାକୁ ନେଇ ତାଙ୍କ ଅନୁଗତମାନେ ହୋହାଲ୍ଲା କରିଥିଲେ । ଏ ସଂକ୍ରାନ୍ତରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ନାୟକଙ୍କୁ ପଚାରିବାରେ ସେ ଫଳକ ଭଙ୍ଗା ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ଏକ ପାଖିଆ ରାଜନୀତିକୁ ଭର୍ତ୍ସନା କରିଥିଲେ । ତେବେ ଜନୈକ ବ୍ୟକ୍ତି କାକଟପୁର ବିଜେପି ପାଇଁ କଣ୍ଟା ସାଜିଛନ୍ତି ବୋଲି କର୍ମୀମାନଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି । ଯଦି ବିଜେପିରେ ଏହିପରି ଗୋଷ୍ଠୀ କନ୍ଦଳ ଲାଗି ରହିବ ତାହା ଆଗାମୀ ପଞ୍ଚାୟତ ନିର୍ବାଚନରେ କେତେଦୂର ସଫଳତା ହାସଲ କରିବ ତାହା ସମୟ ସାପେକ୍ଷ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି ।

## ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ୍ ଆରୋହୀ ଗୁରୁତର



ସାଲେପୁର(ନିପ୍ର): କଟକ-ଚାନ୍ଦବାଲି ରାଜପଥର ଶିଶୁଆ ବାହାବଳପୁର ନିକଟରେ ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଉଭୟ ରାସ୍ତାରେ ଗୁରୁତର ଅବସ୍ଥାରେ ପଡ଼ି ରହିଥିବା ଖବର ପାଇ ସାଲେପୁର ଆଦର୍ଶ ଥାନା ଅଧିକାରୀ ମହେଶ୍ୱର ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲେ। ତୁରନ୍ତ ପୋଲିସ ଭ୍ୟାନ୍ ଯୋଗେ ଉଭୟ ଗୁରୁତରଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ। ତେବେ ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣା ଘଟାଇଥିବା ଅଜଣା ଗାଡ଼ି ସମ୍ପର୍କରେ ପୋଲିସ ତଦନ୍ତ ଜାରି ରଖିଛି।

## ଝରକା ଗ୍ରୀଲ୍ ତାଡ଼ି ଅଳଙ୍କାର ଓ ଟଙ୍କା ଲୁଟ୍

ସାଲେପୁର(ନିପ୍ର): କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ପାଟପୁର ଗ୍ରାମର କେନ୍ଦୁପାଟଣା ବଜାରରେ ଏକ ଘରେ ଝରକା ଗ୍ରିଲ୍ ତାଡ଼ି ଚୋରି ହୋଇଥିବା ଜଣାପଡ଼ିଛି। ଶତ୍ରୁଘ୍ନ ବିଶ୍ୱାଳଙ୍କ ଘରେ ଘଟିଥିବା ଏହି ଘଟଣାରେ ଆଲମିରାରୁ ଗୋଟିଏ ବ୍ରେସଲେଟ୍, ଦୁଇଟି ମୁଦି ଓ ନଗଦ ୨ ହଜାର ଟଙ୍କା ଚୋରି ହୋଇଥିବା ଜଣାପଡ଼ିଛି। ଘରର ଏକ କୋଠରିର କବାଟ ବାହାର ପଟୁ ତାଲା ପଡ଼ିଥିବାରୁ ଚୋର ଭିତରକୁ ପଶିପାରି ନଥିଲା। ଝରକାର ଗ୍ରିଲ୍ ଭାଙ୍ଗି ଭିତରକୁ ପଶିବାକୁ ଉଦ୍ୟମ କରି ବିଫଳ ହେବା ପରେ ସେହି ବାଟ ଦେଇ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସକାଳେ କବାଟ ନ ଖୋଲିବାରୁ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ପରେ ଯାଞ୍ଚ କରିବାରୁ ଘଟଣା ସାମ୍ନାକୁ ଆସିଥିଲା। ଖବର ପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### କଟକବାସୀଙ୍କୁ ଡିସିପିଙ୍କ ବଡ଼ ଅପିଲ୍

## ଜନଗହଳି ଅଞ୍ଚଳରେ ବାଣ ଫୁଟାଇବା ମନା

କଟକ(ନିପ୍ର): ଆସୁଛି ଆଲୋକର ପର୍ବ ଦୀପାବଳି । ଘରେ ଘରେ ଦୀପ ଜାଳି ବାଣ ଫୁଟାଇ ପର୍ବ ପାଳିବେ ସମସ୍ତେ । ତେବେ ପର୍ବ ପାଳନ ବେଳେ କଟକଣା ମାନିବାକୁ କଟକବାସୀଙ୍କୁ ନିବେଦନ କରିଛନ୍ତି ଡିସିପି । କମିଶନରେଟ୍ ପୋଲିସ ନିର୍ଦ୍ଧାରିତ କରିଥିବା ସଂଧ୍ୟା ୭ଟାରୁ ୯ଟା ଭିତରେ ବାଣ ଫୁଟାଇବା ପାଇଁ ସହରବାସୀଙ୍କୁ ଡିସିପି ପରାମର୍ଶ ଦେଇଛନ୍ତି । ଏହାସହ ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ବାଣ ନ ଫୁଟାଇବା ପାଇଁ କମିଶନରେଟ ପୋଲିସ କଡ଼ା ନିର୍ଦ୍ଦେଶ ଜାରି କରିଛି । ଏହାଛଡ଼ା ଅତ୍ୟଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ଓ ବିଶେଷ କରି ରକେଟ୍ ଭଳି ବାଣ ନ ଫୁଟାଇବା ପାଇଁ ଡିସିପି ପରାମର୍ଶ ଦେଇଛନ୍ତି । ସେପଟେ ସୁପ୍ରିମକୋର୍ଟ କେବଳ ଗ୍ରୀନ କ୍ରାକର ବା ସବୁଜ ବାଣ ବ୍ୟବହାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ବିକ୍ରି ହେଉଥିବା ବାଣ ପରଖିବା ପାଇଁ ପୋଲିସ ପାଖରେ କୌଣସି ନିର୍ଦ୍ଦିଷ୍ଟ ଉପାୟ ନାହିଁ। କେବଳ ଯେଉଁ ବାଣ ଉପରେ ଗ୍ରୀନ କ୍ରାକର ଷ୍ଟିକର ଲାଗିଛି, ସେହି ବାଣ ବିକ୍ରି ପାଇଁ ପୋଲିସ ଅନୁମତି ଦେଉଛି । ମାତ୍ର ବାସ୍ତବରେ ସେହି ବାଣ ସବୁଜ ବାଣ କି ନୁହଁ, ତାହା ଜାଣିବା ପାଇଁ ପୋଲିସ ପାଖରେ କୌଣସି ସାଧନ ନାହିଁ । ସେପଟେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହା ଉପରେ ଧ୍ୟାନ ରଖିବା ନେଇ କୌଣଶି ପ୍ରୟାସ କରୁନଥିବା ପରିବେଶବିତ୍ ଅଭିଯୋଗ କରିଛନ୍ତି ।

## ରାଜା ଚକ୍ର ଘରେ ଇଓଡବ୍ଲୁ

କେନ୍ଦୁଝର: ନୁନୁଝରଣ ସ୍ଥିତ ଏକ ଷ୍ଟୋନ୍ କ୍ରସର୍ ୟୁନିଟକୁ ଜବରଦସ୍ତି ଦଖଲ କରିଥିବା ଅଭିଯୋଗ ମାମଲାରେ, ବୁଧବାର ଇକୋନୋମିକ୍ ଅଫେନସେସ୍ ୱିଙ୍ଗ୍ କେନ୍ଦୁଝର ସହରରେ ଥିବା ରାଜା ଚକ୍ର ଏବଂ ତାଙ୍କ ସହଯୋଗୀ ସଦାଶିବ ସାମଲଙ୍କ ଘରେ ଏକକାଳୀନ ଚଢ଼ାଉ କରିଛି।ଏହି ମାମଲାର ତଦନ୍ତ ପ୍ରକ୍ରିୟାର ଅଂଶ ସ୍ୱରୂପ, ବୁଧବାର ସକାଳୁ ଇଓଡବ୍ଲୁର ଦୁଇଟି ଦଳ ଏହି ସ୍ଥାନଗୁଡ଼ିକରେ ତଲାସୀ ଚଳାଇଥିଲେ।

## ସଂଗଠିତ ଚୋରି ଗ୍ୟାଙ୍ଗର ୪ ଧରାପଡିଲେ

ଭୁବନେଶ୍ୱର(ନି.ପ୍ର) : ରାତି ଅଧରେ ଘର ବାହାରୁ କବାଟ ବନ୍ଦ କରି, ଲୁହା ରଡ୍ ଓ ବାଡ଼ି ଧରି ପରିସରରୁ ୫ଟି ଦାମୀ ଏସି ମେସିନ୍ ଚୋରି କରିବା, କଟର ମେସିନ୍ ସାହାଯ୍ୟରେ ତାହାକୁ ଖଣ୍ଡ ଖଣ୍ଡ କରି କାଟି କବାଡ଼ିଆକୁ ବିକ୍ରି କରିଥିବା ଏକ ସଂଗଠିତ ଚୋରି ଗ୍ୟାଙ୍ଗର ୪ ଜଣ ସଦସ୍ୟଙ୍କୁ ସହିଦ ନଗର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ ଜମଲ, ମଣିଲୁକ ଲେୟକ, ସେକ ମାରୁକ ଓ ଅଶୋକ ମହାନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ କବାଡ଼ିଆ, ଜଣେ ଟାଟା ଏସ୍ ଚାଳକ ଏବଂ ଜଣେ ଚୋରା ସାମଗ୍ରୀ ରିସିଭର ସାମିଲ ଅଛନ୍ତି। ପୋଲିସ ଚୋରି କାର୍ଯ୍ୟରେ ବ୍ୟବହୃତ ଟାଟା ଏସ୍ ଗାଡ଼ି, କଟା ହୋଇଥିବା ୫ଟି ଏସିର ଖଣ୍ଡାଂଶ ଏବଂ ଏସି କାଟିବାରେ ବ୍ୟବହୃତ ଇଲେକ୍ଟ୍ରିକ୍ କଟର୍ ମେସିନ୍ ଜବତ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ସିଦ୍ଧାର୍ଥ ନାୟକ ନିଜ ଅଫିସ୍ ସ୍ଥାନାନ୍ତର କରୁଥିବାରୁ ପୂର୍ବ ଅଫିସ୍‌ରୁ ୫ଟି ଏସି ମେସିନ୍ ଖୋଲି ଆଣି ଗତ ୨୯.୧୦.୨୦୨୬ ତାରିଖରୁ ନିଜ ସହିଦ ନଗର ସ୍ଥିତ ବାସଭବନ ପରିସରରେ ରଖିଥିଲେ। ସ୍ଥାନୀୟ ଅଞ୍ଚଳରେ ଭଙ୍ଗାପିଟା ସାମଗ୍ରୀ ସଂଗ୍ରହ କରୁଥିବା ଅଭିଯୁକ୍ତ ସେକ୍ ଜମାଲ ଏବଂ ମଣିରୁଲ ଲାୟେକ୍ ଗତ କିଛି ଦିନ ଧରି ଏହି ଏସି ମେସିନଗୁଡ଼ିକ ଉପରେ ନଜର ରଖିଥିଲେ। ସେମାନେ ଏହାକୁ ଚୋରି କରି ମୋଟା ଅଙ୍କର ଲାଭ ପାଇବା ପାଇଁ ଅଶୋକ କୁମାର ମହାନ୍ତି ନାମକ ଜଣେ ଟାଟା ଏସ୍ ଗାଡ଼ି ଚାଳକ ସହ ମିଶି ଅପରାଧିକ ଷଡ଼ଯନ୍ତ୍ର କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ, ଗତ ୦୧/୦୨.୧୧.୨୦୨୬ ତାରିଖ ବିଳମ୍ବିତ ରାତି ପ୍ରାୟ ୦୨.୦୦ ରୁ ୦୩.୦୦ ଟା ମଧ୍ୟରେ ଅଭିଯୁକ୍ତ ସେକ୍ ଜମାଲ, ମଣିରୁଲ ଲାୟେକ୍ ଏବଂ ଅଶୋକ କୁମାର ମହାନ୍ତି ଏକ ଟାଟା ଏସ୍ ଗାଡ଼ିରେ ଲୁହା ରଡ୍ ଓ ବାଡ଼ି ଧରି ଅଭିଯୋଗକାରୀଙ୍କ ଘରେ ପହଞ୍ଚିଥିଲେ। ଚୋରି ବେଳେ କେହି ବାଧା ଦେଲେ ଆକ୍ରମଣ କରିବା ଉଦ୍ଦେଶ୍ୟରେ ସେମାନେ ସଶସ୍ତ୍ର ହୋଇ ଆସିଥିଲେ। ସେମାନେ ବାହାରୁ ଘରର କବାଟ ବନ୍ଦ କରିଦେଇ ପରିସରରୁ ସମସ୍ତ ୫ଟି ଏସି ମେସିନ୍ ଗାଡ଼ିରେ ଲୋଡ୍ କରି ଚମ୍ପଟ ମାରିଥିଲେ। ଚୋରି କରିବା ପରେ ଅଭିଯୁକ୍ତମାନେ ଏସି ମେସିନ୍‌ର ପ୍ରକୃତ ପରିଚୟ ନଷ୍ଟ କରି ସହଜରେ ବିକ୍ରି କରିବା ଉଦ୍ଦେଶ୍ୟରେ ଏକ କଟର୍ ମେସିନ୍ ସାହାଯ୍ୟରେ ତାହାକୁ ଖଣ୍ଡ ଖଣ୍ଡ କରି କାଟି ଦେଇଥିଲେ। ପରେ ଉକ୍ତ ଚୋରା ସାମଗ୍ରୀକୁ ସେମାନଙ୍କ ଗ୍ୟାଙ୍ଗର ସହଯୋଗୀ ତଥା କବାଡ଼ିଆ ସେକ୍ ମାରୁକ୍ ନିକଟରେ ବିକ୍ରି କରିଥିଲେ, ଯିଏ ଏହା ଚୋରା ସାମଗ୍ରୀ ବୋଲି ଜାଣିଶୁଣି ମଧ୍ୟ ଶସ୍ତା ଦରରେ କିଣିଥିଲା। ଏନେଇ ସହିଦ ନଗର ଥାନାରେ ଏତଲା ହେବା ପରେ ପୋଲିସ ତୁରନ୍ତ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ପୋଲିସ ଚୋରିରେ ସମ୍ପୃକ୍ତ ତିନି ଜଣ ଚୋର ସମେତ ଚୋରା ସାମଗ୍ରୀ କିଣିଥିବା କବାଡ଼ିଆକୁ କାବୁ କରିବା ସହ ଟାଟା ଏସ୍ ଗାଡ଼ି, କଟା ହୋଇଥିବା ଏସିର ଅଂଶବିଶେଷ ଏବଂ କଟର୍ ମେସିନ୍ ଜବତ କରିଛି। ଆଜି ତା ୦୪.୧୧.୨୦୨୬ ଭୋର ୦୩.୨୫ ମିନିଟରେ ସମସ୍ତ ୪ଜଣ ଅଭିଯୁକ୍ତଙ୍କୁ ବିଧିବଦ୍ଧ ଭାବେ ଗିରଫ କରାଯାଇ ୧୫ ଦିନିଆ ରିମାଣ୍ଡ ପାର୍ଥନା ସହ କୋର୍ଟ ଚାଲାଣ କରାଯାଇଛି।

## ଅଜଣା ବାଇକ ଧକ୍କାରେ ଯୁବକ ଗୁରୁତର

କଣ୍ଟିଲୋ(ନି.ପ୍ର): କଣ୍ଟିଲୋରୁ ଫତେଗଡକୁ ସଂଯୋଗ କରୁଥିବା ରାସ୍ତାର ପଥରଚକଡା ଗ୍ରାମ ନିକଟସ୍ଥ ପୋତା ପୋଖରୀ ନିକଟରେ ଏକ ଅଜଣା ବାଇକ ଧକ୍କାରେ ଫତେଗଡ ଗ୍ରାମର ବିରଞ୍ଚି ସାହୁ (୫୫) ଗୁରୁତର ଆହତ ହୋଇଥିବା ଜଣାଯାଇଛି। ବିରଞ୍ଚି ଏକ ବାଇକ ଯୋଗେ ଯାଉଥିବା ବେଳେ ଆଉ ଏକ ବାଇକ ତାଙ୍କୁ ଧକ୍କା ଦେବାରୁ ସେ ତଳକୁ ଖସିପଡି ଗୁରୁତର ଆହତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ବାସିନ୍ଦା ତାଙ୍କୁ ଉଦ୍ଧାର କରି ଆଶୁ ଚିକିତ୍ସା ନିମନ୍ତେ କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାପଡିଛି। ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି।

### ସେମିଳିଗୁଡ଼ା ରେଞ୍ଜରେ ବାଘର ଚଳପ୍ରଚଳ

## ଜନସାଧାରଣଙ୍କୁ ସତର୍କ ରହିବାକୁ ବନ ବିଭାଗର ପରାମର୍ଶ

ଦାମନଯୋଡି/କୋରାପୁଟ(ନିପ୍ର): କୋରାପୁଟ ବନଖଣ୍ଡ ଅନ୍ତର୍ଗତ ସେମିଳିଗୁଡ଼ା ବନାଞ୍ଚଳରେ ଏକ ବାଘର ଚଳପ୍ରଚଳ ଦେଖିବାକୁ ମିଳିଛି । ଏହି ବାଘଟି ନିକଟବର୍ତ୍ତୀ ଜଙ୍ଗଲ ଅଞ୍ଚଳରୁ ଆସି ସେମିଳିଗୁଡ଼ା ରେଞ୍ଜ ଅଧୀନରେ ଚଳପ୍ରଚଳ କରୁଥିବା ନେଇ କୋରାପୁଟ ବନଖଣ୍ଡ ପକ୍ଷରୁ ସୂଚନା ଦିଆଯାଇଛି । ଜାତୀୟ ବାଘ ସଂରକ୍ଷଣ ପ୍ରାଧିକରଣ ପକ୍ଷରୁ ଜାରି ନିର୍ଦ୍ଧାରିତ ମାର୍ଗଦର୍ଶିକା ଅନୁଯାୟୀ ବନ ବିଭାଗ ପକ୍ଷରୁ ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ସ୍ଥାନୀୟ ଲୋକଙ୍କ ସୁରକ୍ଷା ଓ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଆଖପାଖ ଗ୍ରାମଗୁଡ଼ିକରେ ମାଇକ୍ ଯୋଗେ ସଚେତନତା ଓ ସତର୍କତା ବାର୍ତ୍ତା ପ୍ରଚାର କରାଯାଉଛି । ଗ୍ରାମବାସୀମାନଙ୍କୁ ସତର୍କ ରହିବା, ବିପଦପୂର୍ଣ୍ଣ ଜଙ୍ଗଲ ଅଞ୍ଚଳକୁ ନଯିବା ଏବଂ ବାଘକୁ ହଇରାଣ ନକରିବା କିମ୍ବା ତା'ର ନିକଟକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି । ବାଘର ଗତିବିଧି ଉପରେ ନିରନ୍ତର ନଜର ରଖିବା, ତାହାର ଚଳପ୍ରଚଳ ଚିହ୍ନଟ କରିବା ଓ ମାନଚିତ୍ର ପ୍ରସ୍ତୁତ କରିବା ପାଇଁ ତ୍ୱରିତ ପ୍ରତିକ୍ରିୟା ଦଳ ଏବଂ ବନ ବିଭାଗର କ୍ଷେତ୍ର କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି । କୌଣସି ଅପ୍ରୀତିକର ଘଟଣା ଏଡ଼ାଇବା ପାଇଁ ବନ ବିଭାଗ ପରିସ୍ଥିତି ଉପରେ ନିକଟରୁ ନଜର ରଖିଛି । ଜନସାଧାରଣ ବନ ବିଭାଗର କର୍ମଚାରୀଙ୍କ ପରାମର୍ଶ ମାନିବା ସହ ବାଘକୁ ଦେଖିଲେ, ତାହାର ପାଦଚିହ୍ନ କିମ୍ବା ଅସ୍ୱାଭାବିକ ଗତିବିଧି ଲକ୍ଷ୍ୟ କଲେ ତୁରନ୍ତ ନିକଟସ୍ଥ ବନ ବିଭାଗ କର୍ମଚାରୀଙ୍କୁ ଜଣାଇବାକୁ କୋରାପୁଟ ବନଖଣ୍ଡ ପକ୍ଷରୁ ଅନୁରୋଧ କରାଯାଇଛି ।

## ସିଡିଓଙ୍କୁ ଆସିକା ବିଧାୟକଙ୍କ ଦୁର୍ବ୍ୟବହାର ଅଭିଯୋଗ: ଥାନାରେ ଏତଲା

ଆସିକା: ବନ୍ୟା ବିପନ୍ନଙ୍କୁ ରିଲିଫ୍ ଯୋଗାଣକୁ ନେଇ ଆସିକାରେ ରାଜନୈତିକ ବିବାଦ ତୀବ୍ର ହୋଇଛି। ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ)ଙ୍କୁ ଆସିକା ବିଧାୟକ ଦୁର୍ବ୍ୟବହାର କରିଥିବା ଘଟଣା ଘଟିଛି । ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ ବଣ୍ଟନ କାର୍ଯ୍ୟକୁ ନେଇ ଉପୁଜିଥିବା ବିବାଦରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଘଟଣା ପଦାକୁ ଆସିଛି । ରିଲିଫ୍ ବଣ୍ଟନରେ ପକ୍ଷପାତିତା ହେଉଥିବା ଅଭିଯୋଗକୁ କେନ୍ଦ୍ରକରି ବିଧାୟକ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ବିବାଦ ଉପୁଜିଥିବା ଜଣାପଡ଼ିଛି । ଏହି ଘଟଣାକୁ ନେଇ ଆସିକା ବିଜୁ ଜନତା ଦଳ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ବିଧାୟକଙ୍କ ଏଭଳି ଆଚରଣକୁ ଘୋର ନିନ୍ଦା କରାଯାଇଛି । ଏହାକୁ ମାନବ ସମାଜ ପ୍ରତି ଏକ ଘୃଣ୍ୟ କାର୍ଯ୍ୟ ବୋଲି ବିଜେଡି ଦଳ ପକ୍ଷରୁ ଅଭିହିତ କରାଯାଇଛି। ଏନେଇ ବିଜେଡିର ନେତା ଓ କର୍ମୀମାନେ ଆସିକା ଥାନାରେ ପହଞ୍ଚି ବିଧାୟକଙ୍କ ବିରୋଧରେ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି ।

## ଲାଞ୍ଚ ମାମଲାରେ ପୂର୍ବତନ ଜିଆରଏସ୍‌ଙ୍କୁ ୩ ବର୍ଷ ଜେଲ୍

କଟକ(ନିପ୍ର): ଲାଞ୍ଚ ନେବା ମାମଲାରେ କଳାହାଣ୍ଡିଜିଲ୍ଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ ବାଲସି ଗ୍ରାମ ପଞ୍ଚାୟତର ପୂର୍ବତନ ଗ୍ରାମ ରୋଜଗାର ସେବକ (ଜିଆରଏସ୍) ଶାନ୍ତନୁ ନାଗଙ୍କୁ ୩ ବର୍ଷ କାରାଦଣ୍ଡ ହୋଇଛି। ଭବାନୀପାଟଣା ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ତାଙ୍କୁ ଏହି ଦଣ୍ଡାଦେଶ ଶୁଣାଇବା ସହ ଜରିମାନା ମଧ୍ୟ ଆଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ମନରେଗା ଯୋଜନାରେ ଜଣେ ହିତାଧିକାରୀଙ୍କ ଜମିରେ ହୋଇଥିବା ଜମି ଉନ୍ନତିକରଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ ମଷ୍ଟର ରୋଲ୍ ପ୍ରସ୍ତୁତ କରିବା ଏବଂ ସେମାନଙ୍କ ବ୍ୟାଙ୍କ୍ ଖାତାକୁ ଅନ୍‌ଲାଇନ୍‌ରେ ମଜୁରି ଅର୍ଥ ପଠାଇବା ପାଇଁ ଶାନ୍ତନୁ ହିତାଧିକାରୀଙ୍କୁ ଲାଞ୍ଚ ନେଇଥିଲେ। ଏହି ଘଟଣାରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ର ଧାରା ୭ ଅନୁଯାୟୀ ମାମଲା ରୁଜୁ କରାଯାଇ ଚାର୍ଜସିଟ୍ ଦାଖଲ ହୋଇଥିଲା। ସେ ଚାକିରିରୁ ମଧ୍ୟ ବହିଷ୍କୃତ ହୋଇଥିଲେ। ମାମଲାର ବିଚାର ପରେ ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି।

## ଶାଳକାଠ ଗଣ୍ଡି ସହ ପିକଅପ ଭ୍ୟାନ ଜବତ: ଜଣେ ଗିରଫ



କଣ୍ଟିଲୋ(ନି.ପ୍ର): ଖଣ୍ଡପଡ଼ା ସହରର ୧ ନଂ ୱାର୍ଡ ଅଧୀନ ଟିଙ୍କଟୁଆ ଗ୍ରାମ ନିକଟସ୍ଥ ସାଇ ମନ୍ଦିର ନିକଟରେ ମଙ୍ଗଳବାର ରାତିରେ କାଠ ମାଫିଆମାନେ ୧୧ ଗୋଟି ଶାଳ କାଠଗଣ୍ଡି ଏକ ପିକଅପ ଭ୍ୟାନ ଯୋଗେ ବାହାରକୁ ଚୋରାରେ ଚାଲାଣ କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଖଣ୍ଡପଡ଼ା ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଶାଳକାଠ ଗଣ୍ଡି ବୋଝେଇ ପିକଅପ ଭ୍ୟାନଟିକୁ ଜବତ କରିବା ସହ ଏହି କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ଫତେଗଡ଼ ଥାନା ଅଧିନ ବାଘୁଆପଲ୍ଲୀ ପଞ୍ଚାୟତ ଧଳାବନ୍ଧ ଗ୍ରାମର ବସନ୍ତ ନାୟକଙ୍କ ପୁଅ ସୁରେନ୍ଦ୍ର ନାୟକ (୫୩)କୁ ଗିରଫ କରିଥିବା ନେଇ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ କାଠ ମାଫିଆମାନେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ବିଭିନ୍ନ ସମୟରେ ମୂଲ୍ୟବାନ ଶାଳ ଗଛଗୁଡିକ ଅବାଧରେ କାଟି ଲୁଟି ନେଉଥିବା ନେଇ ବହୁ ପୂର୍ବରୁ ବନ ବିଭାଗ ନିକଟରେ ଅଭିଯୋଗ ହୋଇଆସୁଥିଲା। ତେବେ ଏ ସଂପର୍କରେ ବିଶେଷ ସୂତ୍ରରୁ ସୂଚନା ମିଳିବା ପରେ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବନପାଳ ବବୁଲ ସାହୁ,ବନରକ୍ଷୀ ସୌମ୍ୟରଂଜନ ଦଳେଇ ଓ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ଅଚାନକ ଚଢାଉ କରିଥିଲେ। ଜବତ ୧୧ ସିଫ୍ଟ ଶାଳ କାଠଗଣ୍ଡିର ଆନୁମାନିକ ମୂଲ୍ୟ ୧୫ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଜବତ କାଠଗଣ୍ଡି ଗୁଡିକୁ ଖଣ୍ଡପଡ଼ା ବନ ବିଭାଗ ବିଟ ପରିସରରେ ରଖାଯାଇଥିବା ବେଳେ ଏ ସଂପର୍କରେ ଏକ ମାମଲା ରୁଜୁ ହୋଇଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ତେବେ ଏହି ଘଟଣାରେ ସଂପୃକ୍ତ କାଠ ମାଫିଆକୁ ବୁଧବାର ଅଦାଲତ ଚାଲାଣ କରାଯାଇଥିଲା। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାକୁ ଖଣ୍ଡପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି। ପ୍ରକାଶଥାଉକି ଏହି ଘଟଣା ପଛରେ ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ଯୁବକଙ୍କ ହାତ ଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

### ଚୌଦ୍ୱାର ଜେଲ୍‌ର ପୂର୍ବତନ ମହିଳା ଜେଲରଙ୍କୁ ଯୌନ ନିର୍ଯାତନା ଅଭିଯୋଗ

## ଘୁଞ୍ଚିଲା ପୂର୍ବତନ ଜେଲ୍ ଡିଜି ସୁଶାନ୍ତ ନାଥଙ୍କ ଅନ୍ତରୀଣ ସୁରକ୍ଷା ଶୁଣାଣି

କଟକ(ନିପ୍ର): ପୂର୍ବତନ ଜେଲ ଡିଜି ତଥା ବର୍ତ୍ତମାନ ଗୃହ ବିଭାଗରେ ଓଏସ୍‌ଡି ଭାବେ ଅବସ୍ଥାପିତ ବରିଷ୍ଠ ଆଇପିଏସ୍ ଅଫିସର ସୁଶାନ୍ତ ନାଥଙ୍କ ଆଗୁଆ ଜାମିନ ଆବେଦନ ଉପରେ ହାଇକୋର୍ଟରେ ଶୁଣାଣି ହେବାକୁ ଥିବା ବେଳେ ତାହା ଘୁଞ୍ଚିଯାଇଛି। ନଭେମ୍ବର ୬ ତାରିଖରେ ତାଙ୍କ ଆବେଦନ ଉପରେ ଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ଗତ ସୋମବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଇଥିଲେ ପୂର୍ବତନ ଜେଲ ଡିଜି ସୁଶାନ୍ତ ନାଥ। ଚୌଦ୍ୱାର ଜେଲ୍‌ର ପୂର୍ବତନ ମହିଳା ଜେଲରଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଚୌଦ୍ୱାର ଥାନା ପୁଲିସ ମାମଲା ରୁଜୁ କରିଥିବା ବେଳେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ ଶ୍ରୀ ନାଥ। ଏହା ସହିତ ତାଙ୍କ ବିରୁଦ୍ଧରେ ହୋଇଥିବା ମାମଲା ଖାରଜ କରିବା ପାଇଁ ମଧ୍ୟ ସେ କରିଥିଲେ ଆବେଦନ। ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ତଥା ମଧ୍ୟସ୍ଥି କୁଲଦୀପ ରଥ ମଧ୍ୟ ହାଇକୋର୍ଟରେ ଆଗୁଆ ଜାମିନ ସହ ମାମଲା ଖାରଜ ପାଇଁ ଯେଉଁ ଆବେଦନ କରିଥିଲେ ତା'ର ଶୁଣାଣିକୁ ବି ହାଇକୋର୍ଟ ଘୁଞ୍ଚାଇ ଦେଇଛନ୍ତି। ତାଙ୍କ ଆବେଦନ ଉପରେ ମଧ୍ୟ ୬ ତାରିଖରେ ଶୁଣାଣି କରିବେ ହାଇକୋର୍ଟ। ଅନ୍ୟପକ୍ଷରେ ଅଭିଯୋଗ ଆଣିଥିବା ଚୌଦ୍ୱାର ଜେଲ୍‌ର ପୂର୍ବତନ ମହିଳା ଜେଲରଙ୍କ ବୟାନ ଟାଙ୍ଗୀ କୋର୍ଟ ମାଜିଷ୍ଟ୍ରେଟଙ୍କ ଆଗରେ ରେକର୍ଡ କରାଯାଇଛି। କିଛି ଦିନ ତଳେ ଚୌଦ୍ୱାର ଥାନାରେ ତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଚୌଦ୍ୱାର ଜେଲ୍‌ର ଉକ୍ତ ପୂର୍ବତନ ମହିଳା ଜେଲର୍ ଅଭିଯୋଗ କରିଛନ୍ତି ଯେ କୁଳଦୀପ ରଥ ନାମକ ଜଣେ ବ୍ୟକ୍ତି ଜେଲ୍ ପରିଦର୍ଶନରେ ଆସିଥିବା ବେଳେ ନିଜକୁ ଡିଜି (ଜେଲ)ଙ୍କ ବନ୍ଧୁ ଭାବେ ପରିଚୟ ଦେଇଥିଲେ ଓ ତାଙ୍କ ମୋବାଇଲ ଫୋନ୍ ନମ୍ବର ନେଇଥିଲେ। ପରେ କୁଳଦୀପ ରଥ ତାଙ୍କ ପାଖକୁ ଇମୋଜି ସହିତ ଏମିତି କିଛି ମେସେଜ୍ ପଠାଇଥିଲେ, ଯେଉଁଗୁଡ଼ିକ ଗ୍ରହଣଯୋଗ୍ୟ ନୁହେଁ। ୨୦୨୫ ଅଗଷ୍ଟ ୨୯ ଓ ସେପ୍ଟେମ୍ବର ୨୫ ଓ ୨୬ ତାରିଖରେ କୁଳଦୀପ ରଥ ତାଙ୍କୁ ଏକ ହୋଟେଲକୁ ଏକୁଟିଆ ଆସିବାକୁ ନିମନ୍ତ୍ରଣ କରିଥିଲେ। ସେଠାରେ ଡିଜି ତାଙ୍କୁ ଏକାକୀ ଭେଟିବାକୁ ଚାହୁଁଥିବା ସେ କହିଥିଲେ। ତେବେ ପୂର୍ବତନ ମହିଳା ଜେଲର ଏହି ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଫଳସ୍ୱରୂପ ସୁଶାନ୍ତ କୁମାର ନାଥ ତାଙ୍କ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନଗୁଡ଼ିକୁ ତାଙ୍କର ସେହି ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ ସହିତ ଯୋଡ଼ିଥିଲେ। ଚଳିତ ବର୍ଷ ସେପ୍ଟେମ୍ବର ୭/୮ ତାରିଖରେ ହୋଇଥିବା ବୈଠକରେ ସେ ତାଙ୍କୁ କହିଥିଲେ, 'ତୁମେ ଯଦି ମୋତେ ଭେଟିବାକୁ ଆସିଥାଆନ୍ତ, ତା'ହେଲେ ଏସବୁର ସମ୍ମୁଖୀନ ହୋଇନଥାନ୍ତ।' ଏହି ପୂର୍ବତନ ମହିଳା ଜେଲର୍ ଆହୁରି ଅଭିଯୋଗ କରିଛନ୍ତି ଯେ ଚୌଦ୍ୱାର ଜେଲ୍‌ର ପୂର୍ବତନ ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ବିରୋଧରେ ସେ ଦେଇଥିବା ଏଫଆଇଆରକୁ ପ୍ରତ୍ୟାହାର କରିନେବାକୁ ତାଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ ସୁଶାନ୍ତ କୁମାର ନାଥ। ଏହା ସହିତ ତାଙ୍କୁ ଚାକିରିରୁ ବାହାର କରିଦେବାକୁ ତଥା ଶାରୀରିକ କ୍ଷତି ପହଞ୍ଚାଇବାକୁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ସୁଶାନ୍ତ ନାଥଙ୍କ ବିରୋଧରେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା, ପଦବୀର ଅପବ୍ୟବହାର, ଅପରାଧିକ ଧମକ ଓ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ଭଳି ଅଭିଯୋଗ ଆସିବା ପରେ ଆକ୍ସନ ମୁଡ୍‌କୁ ଆସିଥିଲେ ରାଜ୍ୟ ସରକାର। ତାଙ୍କୁ ଜେଲ୍ ଡିଜି ପଦରୁ ହଟାଇ ଗୃହ ବିଭାଗର ଓଏସଡି ଭାବେ ବଦଳି କରାଯାଇଛି।

## ଚୋରି ମାମଲାରେ ଅଭିଯୁକ୍ତଙ୍କୁ ବର୍ଷେ ଜେଲ ଦଣ୍ଡାଦେଶ

ଭୁବନେଶ୍ୱର(ନି.ପ୍ର): ଭୁବନେଶ୍ୱରସ୍ଥିତ ମାନ୍ୟବର ଜେଏମଏଫସି-୫ ମିସ ଇତିଶ୍ରୀ ମହାପାତ୍ରଙ୍କ ଅଦାଲତ ଆଜି ଭରତପୁର ଥାନା ଅଞ୍ଚଳରେ ଘଟିଥିବା ଏକ ଚୋରି ମାମଲାର ବିଚାର କରି ଅଭିଯୁକ୍ତ ମନୋଜ ବେହେରାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ତାଙ୍କୁ ୧୨ମାସର କାରାଦଣ୍ଡ ସଜ୍ଜା ଶୁଣାଇଛନ୍ତି। ବିବରଣୀରୁ ପ୍ରକାଶ ଯେ, ଗତ ୦୯.୦୪.୨୦୨୬ ତାରିଖ ରାତିରେ ଅଭିଯୋଗକାରୀ ଭଜନ କୁମାର ରାଉତ (୨୫) ଆଇଗିଣିଆ ଆଳୁଗଦି ସ୍ଥିତ ତାଙ୍କର ବଜରଙ୍ଗୀ ଭଣ୍ଡାର ଆଳୁ ଗୋଦାମ ବନ୍ଦ କରିବା ବେଳେ କ୍ୟାସ୍ କାଉଣ୍ଟରରେ ୨,୫୦,୦୦୦ ଟଙ୍କା ରଖି ଘରକୁ ଯାଇଥିଲେ। ପରଦିନ ସକାଳେ ଗୋଦାମ ଖୋଲିବା ବେଳେ ଦେଖିଥିଲେ ଯେ କ୍ୟାସ୍ ବକ୍ସ ଖୋଲା ପଡ଼ିଛି ଏବଂ ସମସ୍ତ ଟଙ୍କା ଚୋରି ହୋଇଯାଇଛି। ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଚୋର ସିସିଟିଭି କ୍ୟାମେରା ଭାଙ୍ଗିବା ସହ ଡିଭିଆର ମଧ୍ୟ ଚୋରି କରିନେଇଥିଲା।

## ସୁଜିତ ରାଉଳଙ୍କ ଜାମିନ ଶୁଣାଣି ଘୁଞ୍ଚିଲା

କଟକ(ନିପ୍ର): ଚୌଦ୍ୱାର ସର୍କଲ ଜେଲ୍‌ର ନିଲମ୍ବିତ ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ଜାମିନ ଆବେଦନର ଶୁଣାଣି ଘୁଞ୍ଚିଲା। ଆସନ୍ତା ସପ୍ତାହରେ ହାଇକୋର୍ଟରେ ଜାମିନ ଆବେଦନ ଶୁଣାଣି ହେବ ବୋଲି ଜଣାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ କେସ ଡାଏରି ଦାଖଲ କରିବା ସହିତ ତଦନ୍ତର ସାନି ସ୍ଥିତି ନେଇ ଅବଗତ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ରାଉଳଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରୁଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଅଗଷ୍ଟ ୨୯ରେ ଶ୍ରୀ ରାଉଳଙ୍କୁ ଆଗୁଆ ଜାମିନ ଦେବାକୁ ହାଇକୋର୍ଟ ମନା କରିଥିଲେ। ସେପ୍ଟେମ୍ବର ୨୧ରେ ଶ୍ରୀ ରାଉଳଙ୍କୁ ଗିରଫ କରି ଚୌଦ୍ୱାର ପୁଲିସ କୋର୍ଟ ଚାଲାଣ କରିଥିଲା। ଟାଙ୍ଗୀ-ଚୌଦ୍ୱାର ଜେଏମଏଫସି ଅଦାଲତରେ ଜାମିନ ଖାରଜ ହେବା ପରେ ଶ୍ରୀ ରାଉଳ ଦୌରା ଅଦାଲତରେ ଏ ନେଇ ଆବେଦନ କରି ନିରାଶ ହୋଇଥିଲେ। ସେପ୍ଟେମ୍ବର ୩୦ରେ କଟକ ଅତିରିକ୍ତ ଦୌରା ଜଜ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଶ୍ରୀ ରାଉଳଙ୍କ ନିୟମିତ ଜାମିନ ଆବେଦନକୁ ଖାରଜ କରିବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଆଜିଠାରୁ ରାଉରକେଲାରେ ଇଣ୍ଡିଆନ୍ ଫୁଟବଲ୍ ଲିଗ୍

### *ସମଲେଶ୍ୱରୀ ସ୍ପୋର୍ଟିଂର ପ୍ରଥମ ମୁକାବିଲା ଡେମ୍ପୋ ଏସ୍‌ସି ସହ*

**ରାଉରକେଲା, ୪।୧୧ (ନିପ୍ର):** ରାଉରକେଲା ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମରେ ନଭେମ୍ବର ୫ରୁ ଇଣ୍ଡିଆନ୍ ଫୁଟବଲ୍ ଲିଗ୍ ୨୦୨୬-୨୭ ଆରମ୍ଭ ହେବ। ଏହା ୨୦୨୭ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଚାଲିବ। ଏନେଇ ସମଲେଶ୍ୱରୀ ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଗୁରୁବାର ସନ୍ଧ୍ୟା ୬ଟା ୩୦ରେ ଓଡ଼ିଶାର ସମଲେଶ୍ୱରୀ ସ୍ପୋର୍ଟିଂ ଡେମ୍ପୋ ଏସ୍‌ସିକୁ ଭେଟିବ। ଦଳର ମୁଖ୍ୟ ପ୍ରଶିକ୍ଷକ ଅବଦୁଲ ଅଜିମ୍ ସିଦ୍ଦିକ୍ କହିଛନ୍ତି ଯେ, ସମଲେଶ୍ୱରୀ ସ୍ପୋର୍ଟିଂ ଇଣ୍ଡିଆନ୍ ଫୁଟବଲ୍ ଲିଗ୍‌ରେ ଅଂଶଗ୍ରହଣ କରୁଥିବା ଓଡ଼ିଶାର ପ୍ରଥମ ଦଳ। ଦଳରେ ୧୦ ଜଣ ଓଡ଼ିଆ ଖେଳାଳିଙ୍କ ସମେତ ୫ ଜଣ ବିଦେଶୀ ଖେଳାଳି ଅଛନ୍ତି। ୧୪ ଜଣ ଖେଳାଳି ଜାତୀୟ ଦଳର ପ୍ରତିନିଧିତ୍ୱ କରିଥିବା ସେ ସୂଚନା ଦେଇଛନ୍ତି। ଦଳର ମିଡ୍‌ଫିଲ୍ଡର ଅମରଜିତ ସିଂହ କିଆମ୍ ଘରୋଇ ଦର୍ଶକଙ୍କ ସମର୍ଥନ ଖେଳାଳିଙ୍କୁ ଉତ୍ସାହିତ କରିବ ବୋଲି କହିଥିଲେ। ସମଲେଶ୍ୱରୀ ସ୍ପୋର୍ଟିଂର ଅଧ୍ୟକ୍ଷ ତଥା ବିଧାୟକ ଜୟନାରାୟଣ ମିଶ୍ର ରାଉରକେଲା ଓ ସୁନ୍ଦରଗଡ଼ର କ୍ରୀଡ଼ାପ୍ରେମୀଙ୍କୁ ଅଧିକ ସଂଖ୍ୟାରେ ଷ୍ଟାଡିୟମକୁ ଆସି ଦଳକୁ ଉତ୍ସାହିତ କରିବାକୁ ଆହ୍ୱାନ ଦେଇଥିଲେ।

# ବିଧାୟକ ଓ ସିଡିଓଙ୍କ ମଧ୍ୟରେ ବିବାଦ ନେଇ ଚର୍ଚ୍ଚା

**ଆସିକା, ୪।୧୧ (ନିପ୍ର):** ବିଧାୟକ ଓ ସିଡିଓଙ୍କ ମଧ୍ୟରେ ବିବାଦ ଏବେ ଆସିକା ପ୍ରଶାସନିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ବିବାଦର ପ୍ରଭାବରେ ଆସିକା ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ରଙ୍କ ବଦଳି ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବାତ୍ୟା ଅର୍ଣ୍ଣବରେ ଆସିକା ସହରର ବିଭିନ୍ନ ୱାର୍ଡ କ୍ଷତିଗ୍ରସ୍ତ ହୋଇଥିଲା। ରାସ୍ତାଘାଟ ନଷ୍ଟ ହେବା ସହ ସହରରେ ଅଳିଆ ଆବର୍ଜନା ଜମା ହୋଇଥିଲା। ମ୍ୟୁନିସିପାଲିଟି ପକ୍ଷରୁ ରନ୍ଧାଖାଦ୍ୟ ଯୋଗାଣ ସହ ପାନୀୟ ଜଳ, ବିଦ୍ୟୁତ୍ ଓ ରାସ୍ତା ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଥିଲା। ଏହି ସମୟରେ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ବିଧାୟକ ଓ ସିଡିଓଙ୍କ ମଧ୍ୟରେ ଯୁକ୍ତିତର୍କ ଏବଂ ଦୁର୍ବ୍ୟବହାର ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଘଟଣାବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ଏହାପରେ ତାଙ୍କ ବଦଳି ହୋଇଥିବାରୁ ଏହାକୁ ନେଇ ସହରରେ ନାନା ଚର୍ଚ୍ଚା ହେଉଛି।

# ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆୟୋଜିତ ହେବ ଚିତ୍ରଶିଳ୍ପୀ ଶିବିର 'ନୀଳ ଶଇଳ'



**ପୁରୀ, ୩।୧୧(ନିପ୍ର):** କଳା, ଆଧ୍ୟାତ୍ମିକତା ଓ ଐତିହ୍ୟର ସମନ୍ୱୟ ଲକ୍ଷ୍ୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତିନିଦିନିଆ ଚିତ୍ରଶିଳ୍ପୀ ଶିବିର 'ନୀଳ ଶଇଳ' ଆୟୋଜନ କରାଯିବ। ଏହି ଶିବିରରେ ଓଡ଼ିଶାର ବଛା ବଛା ପ୍ରତିଭାସମ୍ପନ୍ନ ଚିତ୍ରଶିଳ୍ପୀମାନେ ଶ୍ରୀଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗକୁ ନିଜ କଳାତ୍ମକ ଅଭିବ୍ୟକ୍ତି ମାଧ୍ୟମରେ କାନଭାସ୍‌ରେ ରୂପ ଦେବେ। ଏହି ଆୟୋଜନ ସମ୍ପର୍କରେ ଆଲୋଚନା ପାଇଁ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଚିତ୍ରଶିଳ୍ପୀ ଶିବିର କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଲଳିତ କଳା ଅକାଦମୀର ପ୍ରାକ୍ତନ ସଭାପତି ତଥା ବିଶିଷ୍ଟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ଡ. ସୁଦର୍ଶନ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପଦ୍ମଶ୍ରୀ ଚିତ୍ରଶିଳ୍ପୀ ବିନୋଦ ମହାରଣା, ଓଡ଼ିଶା ଲଳିତ କଳା ଅକାଦମୀର ପ୍ରାକ୍ତନ ସଚିବ ତାରାକାନ୍ତ ପରିଡ଼ା ଓ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ଅକାଦମୀର ସଚିବ ଡ. ଦେବଯାନୀ ଭୂୟାଁ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ଏହି ଶିବିରରେ ପଦ୍ମ ପୁରସ୍କାର, ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରିବେ। ଶିଳ୍ପୀମାନଙ୍କ ରହଣି ସହ ଆନୁଷଙ୍ଗିକ ବ୍ୟବସ୍ଥା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କରାଯିବ। ଶିବିରରେ ସୃଷ୍ଟି ହେବାକୁ ଥିବା ସମସ୍ତ ଚିତ୍ରକଳାକୁ ନେଇ ଏକ କଫି ଟେବୁଲ୍ ବୁକ୍ ମଧ୍ୟ ପ୍ରକାଶ କରାଯିବ।

# ଭୁଜାଲି ଦେଖାଇ ଲୁଟ୍ : ୩ ଗିରଫ

ତରଭା, ୪।୧୧(ନିପ୍ର): ତରଭା ଥାନା ଅନ୍ତର୍ଗତ ଘାଟକଇଁତରା ବ୍ରିଜ୍ ନିକଟରେ ଭୁଜାଲି ଦେଖାଇ ବାଇକ୍, ମୋବାଇଲ୍ ଓ ଟଙ୍କା ଲୁଟ୍ ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଅନ୍ୟ ୨ ଅଭିଯୁକ୍ତ ଫେରାର ଅଛନ୍ତି। ସୂଚନା ଅନୁଯାୟୀ, ଗତ ୧ ତାରିଖରେ ପାଣ୍ଡକିମାଲ ଗ୍ରାମର ଧର୍ମେନ୍ଦ୍ର ପଧାନ ଓ ଆକାଶ ବିଶି ବାଇକ୍‌ରେ ବରଗଡ଼ ଯାଉଥିବାବେଳେ ୫ ଜଣ ଦୁର୍ବୃତ୍ତ ସେମାନଙ୍କୁ ଘାଟକଇଁତରା ବ୍ରିଜ୍ ନିକଟରେ ଅଟକାଇ ଭୁଜାଲି ଦେଖାଇ ମାଡ଼ ମାରିଥିଲେ। ସେମାନଙ୍କଠାରୁ ୩ ହଜାର ଟଙ୍କା ନଗଦ, ଫୋନ୍‌ପେରେ ୫ ହଜାର ଟଙ୍କା, ବାଇକ୍ ଓ ମୋବାଇଲ୍ ଲୁଟିଥିଲେ। ଏହି ଘଟଣାରେ ପୁଲିସ ସାହିଲ୍ ପାତ୍ର, ବିନେଶ ବାରିକ ଓ ଶିଶିର କୁମାର ମହନ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଲୁଟ୍ ବାଇକ୍, ଦୁଇଟି ମୋବାଇଲ, ଗୋଟିଏ ସ୍କୁଟି ଓ ୮୦୦ ଟଙ୍କା ଜବତ ହୋଇଛି। ଜାମିନ୍ ନାମଞ୍ଜୁର ହେବାରୁ ତିନି ଅଭିଯୁକ୍ତଙ୍କୁ ଜେଲ୍ ପଠାଯାଇଛି। ଫେରାର ଦୁଇ ଅଭିଯୁକ୍ତଙ୍କୁ ଧରିବାକୁ ତଦନ୍ତ ଜାରି ରହିଛି।

### ୧୩ତମ ମନ୍ତ୍ରୀମୁଣ୍ଡା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ସେମିଫାଇନାଲରେ ସୀତାରାମ କ୍ଲବ୍

କୁଚିଣ୍ଡା, ୪।୧୧(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡାସ୍ଥିତ ମନ୍ତ୍ରୀମୁଣ୍ଡା ମିନି ଷ୍ଟାଡିୟମରେ ମନ୍ତ୍ରୀମୁଣ୍ଡା ୟୁଥ୍ କ୍ଲବ୍ ପକ୍ଷରୁ ଦୀପାବଳି ଉପଲକ୍ଷେ ୧୩ତମ ଦିବାରାତ୍ର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏଥିରେ ଓଡ଼ିଶା ସମେତ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ତେଲିତିଲେଇମାଲ ସରପଞ୍ଚ ପ୍ରମୋଦ କିଷାନଙ୍କ ସମେତ ଦୀନେଶ ହଂସ, ସୁନୀଲ ପଟେଲ, କ୍ଷୀରୋଦ ମାଝୀ, ଅର୍ଜୁନ ପଟେଲ ଓ ରମେଶ ହାର୍ଭେ ଅତିଥିଭାବେ ଯୋଗଦେଇଥିଲେ। ପ୍ରଥମ ମ୍ୟାଚରେ ସୁନ୍ଦରଗଡ଼ର ଦୋସ୍ତି ବ୍ରଦର୍ସ ୨-୦ ଗୋଲରେ ସମ୍ବଲପୁରର ଗୁଲୁଜୀପାଲି ମହାବୀର କ୍ଲବ୍‌କୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ରାଉରକେଲାର ସୀତାରାମ କ୍ଲବ୍ ୧-୦ ଗୋଲରେ ଝାରସୁଗୁଡ଼ାର ଜୟ ଜବାନ କ୍ଲବ୍‌କୁ ହରାଇଥିଲା। ପରବର୍ତ୍ତୀ କ୍ୱାର୍ଟର ଫାଇନାଲ ମ୍ୟାଚରେ ସୀତାରାମ କ୍ଲବ୍ ଓ ଦୋସ୍ତି ବ୍ରଦର୍ସ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ନିର୍ଦ୍ଧାରିତ ସମୟରେ କୌଣସି ଦଳ ଗୋଲ୍ କରିପାରି ନଥିବାରୁ ପେନାଲ୍ଟି ସୁଟ୍‌ଆଉଟ୍ ହୋଇଥିଲା। ଏଥିରେ ସୀତାରାମ କ୍ଲବ୍ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲକୁ ଉନ୍ନୀତ ହୋଇଛି।

# 'ଉତ୍କ୍ର'ର ୨୩ତମ କୁମାର ଉତ୍ସବ





ଭୁବନେଶ୍ୱର,୪/୧୧(ନି.ପ୍ର) : ଉତ୍କଳ ଡ୍ୟାନ୍ସ ଆଣ୍ଡ ରିସର୍ଚ୍ଚ ଏକାଡେମୀ (ଉତ୍କ୍ର)ର ୨୩ତମ କୁମାର ଉତ୍ସବର ପ୍ରଥମ ଦିବସ ଓଡିଶୀ ରିସର୍ଚ୍ଚ ସେଣ୍ଟର, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି । ୧୯୯୪ ମସିହାରେ ସ୍ୱର୍ଗତ ଗୁରୁ ଶ୍ରୀ ସହଦେବ ପାଢୀଙ୍କ ଦ୍ୱାରା ଏହି ଅନୁଷ୍ଠାନ ଆରମ୍ଭ କରାଯାଇଥିଲା । ଓଡ଼ିଶୀ ନୃତ୍ୟକୁ ଦେଶରେ ନୁହେଁ ଦେଶ ବାହାରେ ଏହାର ପ୍ରଚାର ଓ ପ୍ରସାର ଲକ୍ଷ୍ୟ ରଖାଯାଇଥିଲା । ଦେଶରେ ଓ ଦେଶ ବାହାରେ ୨୦୦ରୁ ଅଧିକ ଶିଷ୍ୟ ଓଡ଼ିଶୀ ପରି ପାରମ୍ପରିକ ନୃତ୍ୟ ଶିଖିବା ପାଇଁ ଅନୁଷ୍ଠାନ ସହିତ ଜଡିତ ରହିଅଛନ୍ତି । ଉତ୍କ୍ର ଦ୍ୱାରା କୁମାର ଉତ୍ସବ କାର୍ଯ୍ୟକ୍ରମ ୨୦୦୨ ମସିହାଠାରୁ ଆରମ୍ଭ ହୋଇ ନିରବଚ୍ଛିନ୍ନ ଭାବରେ ଆଜି ପର୍ଯ୍ୟନ୍ତ ପାଳନ କରାଯାଉଛି । ଚଳିତବର୍ଷ ଉତ୍କ୍ର'ର ପ୍ରଥମ ଦିବସ ବୁଧବାର ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସୂର୍ଯ୍ୟଉଦ୍ୟୋଗର ସିଏମ୍‌ଡି ତଥା 'ଦିନଲିପି' ଦୈନିକ ଖବରକାଗଜର ପ୍ରତିଷ୍ଠାତା ଅମରେନ୍ଦ୍ର ଦାଶ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପୂର୍ବତନ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶରତ ରାଉତ ସମ୍ମାନିତ ଅତିଥି ଭାବେ ସଭାରେ ଯୋଗଦେଇଥିଲେ । ସଭାକାର୍ଯ୍ୟରେ ସଭାପତିତ୍ୱ କରିଥିଲେ ବରିଷ୍ଠ ପ୍ରଶାସକ ତଥା 'ଦିନଲିପି' ଖବରକାଗଜର ମୁଖ୍ୟ ସମ୍ପାଦକ ବଟକୃଷ୍ଣ ତ୍ରିପାଠୀ ଓ ସମ୍ମାନିତ ଅତିଥିଭାବେ 'ଦିନଲିପି' ଖବରକାଗଜର ସମ୍ପାଦକ ଅନ୍ନପୂର୍ଣ୍ଣା ଦାଶ ଉକ୍ତ ଉତ୍ସବରେ ଯୋଗଦେଇ ଉତ୍କ୍ରର ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସହିତ ଗୁରୁ କେଳୁଚରଣ ସ୍ମାରକୀ ପିଲାମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଆଜିର ଦିନରେ ଓଡ଼ିଶାର ପୁରୁଣା ସଂସ୍କୃତି କୁମାର ଉତ୍ସବ କାର୍ଯ୍ୟକ୍ରମ ଉତ୍କ୍ର ଦ୍ୱାରା ୨୩ବର୍ଷ ହେବ ପାଳନ କରାଯାଉଛି ଯାହାକି ଏକ ପ୍ରଶଂସନୀୟ କାର୍ଯ୍ୟ । ଉତ୍କ୍ରର ଏହି କାର୍ଯ୍ୟ ପାଇଁ ତା'ର ଉତ୍ତରୋତ୍ତର କାମନା କରୁଛି ବୋଲି ମୁଖ୍ୟ ଅତିଥି ତଥା ସୂର୍ଯ୍ୟଉଦ୍ୟୋଗର ସିଏମ୍‌ଡି ଶ୍ରୀ ଦାଶ ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ରଥଙ୍କ ଦ୍ୱାରା ରୋଚକ ଭାବରେ ଉପସ୍ଥାପନ କରାଯାଇଥିଲା ।

# ପଦ୍ମଶ୍ରୀ ଡା ଅଶୋକ ମହାପାତ୍ରଙ୍କ ଶେଷକୃତ୍ୟ ସ୍ୱର୍ଗଦ୍ୱାରରେ ସମ୍ପନ୍ନ

### ଗାର୍ଡ ଅଫ୍ ଅନର ପ୍ରଦାନ, ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଲେ ଆତ୍ମୀୟ ଓ ଶୁଭେଚ୍ଛୁ

**ପୁରୀ, ୪।୧୧ (ନିପ୍ର):** ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ ମହାପାତ୍ରଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ବୁଧବାର ଶୋକାକୁଳ ପରିବେଶରେ ସମ୍ପନ୍ନ ହୋଇଛି। ତାଙ୍କ ମରଶରୀର ସ୍ୱର୍ଗଦ୍ୱାରରେ ପହଞ୍ଚିବା ପରେ ପୁରୀ ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହି ସମୟରେ 'ଡାକ୍ତର ଅଶୋକ ମହାପାତ୍ର ଅମର ରହେ' ଧ୍ୱନିରେ ସ୍ୱର୍ଗଦ୍ୱାର ପ୍ରକମ୍ପିତ ହୋଇଥିଲା। ଆତ୍ମୀୟସ୍ୱଜନ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ତାଙ୍କ ଚିକିତ୍ସାରେ ସୁସ୍ଥ ହୋଇଥିବା ରୋଗୀମାନେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହା ପୂର୍ବରୁ ଭୁବନେଶ୍ୱର ଏମ୍ସ ଓ ସମ୍ ହସ୍ପିଟାଲରେ ଶୋକଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପରେ ସତ୍ୟବାଦୀସ୍ଥିତ ଦାସିଆ ବାଉରୀ ପୀଠ ଓ ତାଙ୍କ ଜନ୍ମମାଟି ବୀରଗୋବିନ୍ଦପୁରରେ ମଧ୍ୟ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ସ୍ୱର୍ଗଦ୍ୱାରରେ ସାଂସଦ ଡା. ସମ୍ବିତ ପାତ୍ର, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ, ଉପଜିଲ୍ଲାପାଳ ରାଜକିଶୋର ଜେନାଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ପରିବାରବର୍ଗ ଏବଂ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ।



### ବନ୍ୟା ପରିଚାଳନା ପାଇଁ କ'ଣ କରିଥିଲା ବିଜେଡି: ବିଜେପି

ଭୁବନେଶ୍ୱର, ୪/୧୧(ନିପ୍ର): ଗଂଜାମ ଜିଲ୍ଲାରେ ବନ୍ୟା ପରିଚାଳନା ନେଇ ବିଜେଡି ଏବଂ ନବୀନଙ୍କ ଉପରେ ବର୍ଷିଛନ୍ତି ବିଜେପି ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ। ବୁଧବାର ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ରାଜ୍ୟ ସରକାର ବାତ୍ୟା ମୁକାବିଲା ପାଇଁ ପ୍ରୟାସ କଲେ। ମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱ ମନ୍ତ୍ରୀ ଦିନ ରାତି କେଂଟ୍ରାଲ ରୁମରେ ବସି ସମୀକ୍ଷା କଲେ। ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସହ ୮ ମନ୍ତ୍ରୀଙ୍କୁ ଗ୍ରାଉଣ୍ଡକୁ ପଠାଗଲା। ଅଧିକ ବୃଷ୍ଟିପାତ ପାଇଁ ସର୍ବାଧିକ କ୍ଷତି ହେଲା।

**AFFIDAVIT**

By virtue of an affidavit sworn before The Executive Magistrate, Bhadrak affidavit dtd.03.11.2026, I Sanju Mukhi W/o-Ganesh Mukhi At-Padmapur, Po-Byasanagar, Ps-Byasanagar, Dist-Jajpur, Pin-755020 do hereby declare that, I have changed my name from Sanjukta Mukhi to Sanju Mukhi. Henceforth I shall be known as Sanju Mukhi for all purposes.

Sd/-Sanju Mukhi

**AFFIDAVIT**

By virtue of an affidavit sworn before The Notary Public, Keonjhar dtd.05.11.2025, I Sukanatha Naik, S/o-Late Pitambar Naik, At-Kaijoda, Po-Basantpur, Ps-Bamebari, Dist-Keonjhar, Pin-758034 do hereby declare that, I have changed my daughter's name fromShasibala Naik to Shasikala Naik. Henceforth I shall be known as Shasikala Naik for all purposes.

Sd/-Sukanatha Naik

# ବେଦାନ୍ତ ପକ୍ଷରୁ ଝାରସୁଗୁଡ଼ାରେ ୨ ହଜାର ଚାରାରୋପଣ

**ଝାରସୁଗୁଡ଼ା, ୪।୧୧(ନିପ୍ର):** ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ା ସ୍ଥିତ କାର୍ଯ୍ୟକ୍ଷେତ୍ରର ବିଭିନ୍ନ ସ୍ଥାନରେ ପ୍ରାୟ ୨ ହଜାର ଚାରା ରୋପଣ କରାଯାଇଛି। ଏଥିସହ ପରିବେଶ ସଂରକ୍ଷଣ ଓ ଜୈବ ବିବିଧତା ସମ୍ପର୍କିତ ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କମ୍ପାନୀର କର୍ମଚାରୀ, ବ୍ୟବସାୟିକ ସହଯୋଗୀ ଓ ସ୍ଥାନୀୟ ସମୁଦାୟର ସଦସ୍ୟମାନେ ସାମିଲ ହୋଇଥିଲେ। କମ୍ପାନୀର ଝାରସୁଗୁଡ଼ା ୟୁନିଟ୍ ପକ୍ଷରୁ ଆୟୋଜିତ ଏହି ପଦକ୍ଷେପର ଲକ୍ଷ୍ୟ ଅଞ୍ଚଳର ସବୁଜ ଆବରଣ ବୃଦ୍ଧି ସହ ପରିବେଶ ସୁରକ୍ଷା ପ୍ରତି ସାମୂହିକ ଦାୟିତ୍ୱବୋଧ ସୃଷ୍ଟି କରିବା। ଏହି ଅବସରରେ କମ୍ପାନୀର ବିଶେଷଜ୍ଞମାନେ କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀଙ୍କୁ ପରିବେଶୀୟ ସନ୍ତୁଳନ, ଜୈବ ବିବିଧତା ସଂରକ୍ଷଣ ଓ ଦୈନନ୍ଦିନ ଜୀବନରେ ସ୍ଥାୟୀ ଅଭ୍ୟାସ ଆପଣାଇବା ସମ୍ପର୍କରେ ସଚେତନ କରିଥିଲେ। ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡ୍‌ର ଝାରସୁଗୁଡ଼ା ମୁଖ୍ୟ କାର୍ଯ୍ୟନିର୍ବାହୀ ସି. ଚନ୍ଦ୍ରୁ କହିଛନ୍ତି ଯେ, ପରିବେଶ ସଂରକ୍ଷଣ କମ୍ପାନୀର କାର୍ଯ୍ୟପ୍ରଣାଳୀର ଅବିଚ୍ଛେଦ୍ୟ ଅଂଶ। ସମ୍ବଳର ଦକ୍ଷ ବ୍ୟବହାର, ସ୍ୱଚ୍ଛ ପ୍ରଯୁକ୍ତିର ପ୍ରୟୋଗ ଓ ଜୈବ ବିବିଧତା ସୁରକ୍ଷାକୁ କମ୍ପାନୀ ପ୍ରାଥମିକତା ଦେଉଛି। ଏଭଳି ପଦକ୍ଷେପ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ସହ ସ୍ଥାନୀୟ ସମୁଦାୟ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବାରେ ସହାୟକ ହେବ।



# ଲାଞ୍ଚ ନେଇ ପୋଖରୀକୁ ଡେଇଁଲେ ଏସ୍‌ଆଇ

**ପିଛା କରି ଧରିଲା ଭିଜିଲାନ୍ସ**

ସମ୍ବଲପୁର,୪।୧୧: ୧୦ ହଜାର ଟଙ୍କା ଲାଞ୍ଚ ନେଇ ଖସିଯିବାକୁ ଉଦ୍ୟମ କରି ପୋଖରୀକୁ ଡେଇଁଥିବା ଜଣେ ପୋଲିସ୍ ସବ୍ ଇନ୍ସପେକ୍ଟରକୁ ପିଛା କରି ଧରିଛି ଓଡ଼ିଶା ଭିଜିଲାନ୍ସ। ଗିରଫ ଏସ୍‌ଆଇ ଜଣକ ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନାର ସୁଜିତ କୁମାର ମହାନ୍ତ ବୋଲି ଜଣାପଡିଛି । ସୂଚନାନୁଯାୟୀ ଏକ ମିସଲାନିୟସ୍ ମାମଲାର ଫାଇନାଲ୍ ରିପୋର୍ଟ ପ୍ରସ୍ତୁତ କରି ମାମଲାର ଫଇସଲା କରିବା ପାଇଁ ସେ ଅଭିଯୋଗକାରୀଙ୍କ ଠାରୁ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଥିବା ଅଭିଯୁକ୍ତ ଏସ୍‌ଆଇ ସୁଜିତ୍ ବୁଧବାର ସନ୍ଧ୍ୟାରେ ଥାନା ବାହାରେ ଏକ ନିର୍ଜନ ସ୍ଥାନକୁ ଅଭିଯୋଗକାରୀଙ୍କୁ ଡାକି ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଲାଞ୍ଚ ଟଙ୍କା ଗ୍ରହଣ କରିଥିଲେ। ମାତ୍ର ୧୦ ହଜାର ଟଙ୍କା ଲାଞ୍ଚ ଦେବାରେ କ୍ଷମତା ନଥିବା ଅଭିଯୋଗକାରୀ ଜଣଙ୍କ ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ । ଲାଞ୍ଚ ଟଙ୍କା ଦେଣନେଣ ସମୟରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ଅଭିଯୁକ୍ତ ପୋଲିସ ଏସ୍‌ଆଇ ସୁଜିତ୍ ଦେଖିବା ମାତ୍ରେ ଘଟଣାସ୍ଥଳରୁ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲା । ଭିଜିଲାନ୍ସ ଟିମ୍ ତା'ର ପିଛା କରିବାରୁ ସେ ନିକଟସ୍ଥ ଏକ ପୋଖରୀକୁ ଡେଇଁ ପଡ଼ିଥିଲା । ପାଣିର ଗଭୀରତା କେତେ କେହି କିଛି ଜାଣିନଥିବା ଯୋଗୁଁ, କାଳେ ସୁଜିତ୍ ପାଣି ବୁଡି ମୃତ୍ୟୁବରଣ କରିବ ସେନେଇ ଭିଜିଲାନ୍ସ ଟିମ୍‌ର ଜଣେ ସଦସ୍ୟ ତୁରନ୍ତ ପୋଖରୀକୁ ଡେଇଁ ପହଁରି ପହଁରି ସୁଜିତକୁ ଉଦ୍ଧାର କରି କୂଳକୁ ଆଣିବା ପରେ ପ୍ୟାଂଟ୍ ପକେଟରେ ରଖିଥିବା ୧୦ ହଜାର ଲାଂଚ ଟଙ୍କା ଭିଜିଲାନ୍ସ ତାଙ୍କ ନିକଟରୁ ଜବତ କରିଥିଲା ।

# ବିଜେପିରେ ୪୦୦ରୁ ଊର୍ଦ୍ଧ୍ୱ ବିଜେଡି ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ




**ମାଲକାନଗିରି, ୪।୧୧(ନିପ୍ର):** ପାଣ୍ଡ୍ରିପାଣି ମଣ୍ଡଳର ବରଜା ସାପ୍ତାହିକ ହାଟଠାରେ ବିଜେପି ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ୬ଟି ପଞ୍ଚାୟତ ପେଦାୱାଡ଼ା, ସେରପଲ୍ଲୀ, ପାଣ୍ଡ୍ରିପାଣି, ମାର୍କାପଲ୍ଲୀ, ଗଙ୍ଗଲା ଓ ବୀର ଲକ୍ଷ୍ମଣପୁରର ୪୦୦ରୁ ଊର୍ଦ୍ଧ୍ୱ ବିଜେଡି ଓ କଂଗ୍ରେସ କର୍ମୀ ନିଜ ଦଳ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ନରସିଂହ ମାଡ଼କାମୀ ନୂତନ କର୍ମୀଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଏହି ଅବସରରେ ସେ ମୋଦୀ ଓ ମୋହନ ମାଝୀ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆକୃଷ୍ଟ ହୋଇ ଲୋକେ ବିଜେପିରେ ଯୋଗଦେଉଥିବା କହିଥିଲେ। ଏହି ଅବସରରେ ପର୍ଶୁରାମ ବରଜା, ହାଡିରାମ ପୁଟିଆ, ମାଧବ ପୁଟିଆ, ଅଜିତ କୋପେ, ରାତୁ କୁଲେଶି, ମହାଦେବ ମାଡ଼କାମୀ ଓ ଲଖିନାଥ ମୁଦୁଲିଙ୍କ ସମେତ ବହୁ କର୍ମୀ ଦଳରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ହଳଧର ୱାଙ୍କଡ଼, ଯୋଗିଆ ୱାଙ୍କଡ଼, ନିହାର ରାୟ, ନିରଞ୍ଜନ ହାଲଦାରଙ୍କ ସମେତ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ। ୬ଟି ପଞ୍ଚାୟତରେ ଦଳୀୟ ସଂଗଠନ ଅଧିକ ସୁଦୃଢ଼ ହେବ ବୋଲି ନେତୃବୃନ୍ଦ ଆଶା ପ୍ରକାଶ କରିଛନ୍ତି।

### ଧନ୍ତେରସରେ ସୁନା ଦର ବୃଦ୍ଧି, ରୁପା ଦର ଅପରିବର୍ତ୍ତିତ

**ନୂଆଦିଲ୍ଲୀ, ୪/୧୧:** ଘରୋଇ ସୁନା ଓ ରୁପା ବଜାରରେ ଆଜି ପ୍ରାରମ୍ଭିକ କାରବାର ସମୟରେ ସୁନା ଦରରେ ବୃଦ୍ଧି ଧାରା ଜାରି ରହିଥିବା ଦେଖାଯାଇଛି। ଦର ବୃଦ୍ଧି ଯୋଗୁଁ ଦେଶର ଅଧିକାଂଶ ସୁନା ବଜାରରେ ୧୦ ଗ୍ରାମ ପିଛା ସୁନା ଦର ୨୫୦ ଟଙ୍କାରୁ ୨୭୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଧନତେରସ ଓ ଦୀପାବଳି ଯୋଗୁଁ ସୁନା ଦରରେ ଏହି ବୃଦ୍ଧି ଧାରା ଦେଖାଦେଇଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ, ରୁପା ଦରରେ ଆଜି କ୍ରମାଗତ ଦ୍ୱିତୀୟ ଦିନ ପାଇଁ କୌଣସି ପରିବର୍ତ୍ତନ ହୋଇନାହିଁ। ପ୍ରାରମ୍ଭିକ କାରବାରରେ ଆଜି ମଧ୍ୟ ରୁପା ସୋମବାରର ପୁରୁଣା ଦରରେ ବିକ୍ରି ହେଉଛି। ଦରରେ ପରିବର୍ତ୍ତନ ଯୋଗୁଁ ଦେଶର ବିଭିନ୍ନ ସୁନା ବଜାରରେ ଆଜି ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧,୩୯,୬୫୦ ଟଙ୍କାରୁ ୧,୩୯,୮୦୦ ଟଙ୍କା ମଧ୍ୟରେ କାରବାର ହେଉଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧,୨୮,୦୧୦ ଟଙ୍କାରୁ ୧,୨୮,୧୬୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି।

# ନାଲ୍‌କୋର ପ୍ରସ୍ତାବିତ ସ୍ମେଲ୍ଟର ସମ୍ପ୍ରସାରଣ

ଅନୁଗୋଳ/ଭୁବନେଶ୍ୱର, ୪/୧୧(ନିପ୍ର): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ 'ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍' (ନାଲକୋ), ଓଡ଼ିଶାର ଅନୁଗୋଳ ଠାରେ ଏହାର ପ୍ରସ୍ତାବିତ 'ବ୍ରାଉନ୍‌ଫିଲ୍ଡ' ସ୍ମେଲ୍ଟର ସମ୍ପ୍ରସାରଣ କାର୍ଯ୍ୟ ଗତିଶୀଳ ହୋଇଛି । ଏହି ପ୍ରକଳ୍ପ ମାଧ୍ୟମରେ କମ୍ପାନୀର ସ୍ମେଲ୍ଟିଂ କ୍ଷମତା ବାର୍ଷିକ ୦.୫ ନିୟୁତ ଟନ୍ ବୃଦ୍ଧି ପାଇବ, ଯାହା ଫଳରେ ବର୍ତ୍ତମାନର ୦.୪୬ ନିୟୁତ ଟନ୍ ବାର୍ଷିକ କ୍ଷମତା ଦ୍ୱିଗୁଣିତ ହୋଇ ପ୍ରାୟ ୧.୦ ନିୟୁତ ଟନ୍ ରେ ପହଞ୍ଚିବ । ଏହି ପ୍ରକଳ୍ପ ପାଇଁ ପ୍ରାୟ ୩୦,୦୦୦ କୋଟି ଟଙ୍କାର ନିବେଶକୁ ମଞ୍ଜୁରୀ ମିଳିସାରିଛି। ଏହାର କାର୍ଯ୍ୟକାରିତାକୁ ସୁଗମ କରିବା ପାଇଁ ଆବଶ୍ୟକୀୟ ବୈଧାନିକ ଅନୁମୋଦନ, ରଣନୀତିକ ଭାଗୀଦାରି ଏବଂ ଅନ୍ୟାନ୍ୟ ସହାୟକ ପଦକ୍ଷେପଗୁଡ଼ିକ ପର୍ଯ୍ୟାୟକ୍ରମେ ସୁନିଶ୍ଚିତ କରାଯାଉଛି। ଅନୁଗୋଳରେ ପ୍ରସ୍ତାବିତ ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଆବଶ୍ୟକୀୟ ଜମି ଅଧିଗ୍ରହଣ, କ୍ଷତିପୂରଣ ଏବଂ ପୁନର୍ବାସ ପ୍ରସଙ୍ଗକୁ ତ୍ୱରାନ୍ୱିତ କରିବା ପାଇଁ ପୁନର୍ବାସ ଏବଂ ପରିଧି ବିକାଶ ପରାମର୍ଶଦାତା କମିଟିର ବୈଠକ ମଧ୍ୟ ଇତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହା ବ୍ୟତୀତ, ନାଲକୋ ବିଶ୍ୱସ୍ତରୀୟ ପ୍ରମାଣିତ ଏବଂ ଶକ୍ତି-ଦକ୍ଷ ଆଲୁମିନିୟମ ଉତ୍ପାଦନ ପ୍ରକ୍ରିୟା ଗ୍ରହଣ କରିବା ସୁନିଶ୍ଚିତ କରି, ପ୍ରସ୍ତାବିତ ଅନୁଗୋଳ ସ୍ମେଲ୍ଟର ପ୍ଲାଣ୍ଟ ପାଇଁ ଏହାର ସ୍ମେଲ୍ଟିଂ ପ୍ରଯୁକ୍ତିବିଦ୍ୟା ଲାଇସେନ୍ସ ପାଇଁ ଏମିରେଟ୍ସ ଗ୍ଲୋବାଲ୍ ଆଲୁମିନିୟମ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରିଛି । ସମ୍ପ୍ରସାରଣ ପାଇଁ ଅତିରିକ୍ତ ୧୧୦୦ ମେଗାୱାଟ୍ ବିଦ୍ୟୁତ୍ ଆବଶ୍ୟକ ହେବ । ଏହି ଆବଶ୍ୟକତା ପୂରଣ ନିମନ୍ତେ ନାଲକୋ ପକ୍ଷରୁ ଏନଏଲସି ଇଣ୍ଡିଆ ଲିମିଟେଡ୍ ସହିତ ସହଭାଗୀତା ମାଧ୍ୟମରେ ୧୦୮୦ ମେଗାୱାଟ୍ କ୍ୟାପ୍ଟିଭ୍ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ପାଇଁ ଏକ ଯୁଗ୍ମ ଉଦ୍ୟୋଗ ସ୍ଥାପନ କରାଯିବ । ସ୍ଥାୟୀତ୍ୱ ଏବଂ ସ୍ୱଚ୍ଛ ଶକ୍ତି ପ୍ରତି ନିଜର ପ୍ରତିବଦ୍ଧତାକୁ ପ୍ରାଧାନ୍ୟ ଦେଇ, କମ୍ପାନୀ ପ୍ରକଳ୍ପ ଇକୋସିଷ୍ଟମରେ ୨୦୦ ରୁ ୨୫୦ ମେଗାୱାଟ୍ ନବୀକରଣୀୟ ଶକ୍ତିର ଉତ୍ପାଦନ ଦିଗରେ ମଧ୍ୟ ଯୋଜନା କରୁଛି । ଅନୁଗୋଳ ଠାରେ ୦.୫ ଏମଟିପିଏ କ୍ଷମତା ବିଶିଷ୍ଟ ଆଲୁମିନିୟମ୍ ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପକୁ ୨୦୩୦-୩୧ ମସିହା ମଧ୍ୟରେ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି, ଯାହା ନାଲକୋର ଧାତୁ ଉତ୍ପାଦନ କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବ । ଦାମନଯୋଡ଼ି ଠାରେ ୫ମ ଷ୍ଟ୍ରିମ୍ ଆଲୁମିନା ରିଫାଇନାରୀ ପ୍ରକଳ୍ପ ଏବଂ ଅନୁଗୋଳ ଠାରେ ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପ ଗୁଡ଼ିକ ଓଡ଼ିଶା ସରକାର ଏବଂ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ସହଯୋଗରେ କାର୍ଯ୍ୟକାରୀ କରାଯାଉଛି ।



GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, BONAI

Email:- rwd.bonai@yahoo.com
25001/1452/2627

Letter No. 4165 Date. 03.11.2026

CANCELLATION OF TENDER

Tender invited by this Office vide Bid Identification No. ONLINE-EEBNI-14 of 2026-27, Letter No- 4036 Dtd- 16.10.2026, 01 (One) nos is hereby cancelled due to unavoidable circumstances.

1. S/R to 'E' & 'F' Type Quarter at Bonai

03.11.26
Superintending Engineer
Rural Works Division, Bonai

OIPR 25001/25200/1/0022

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ